


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-186 ♦THURSDAY ♦1 JANUARY 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୮୬ ♦ଗୁରୁବାର ♦୧ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

## ପିୟୁସିସି କଟକଣା ମାର୍ଚ୍ଚ ୩୧ ଯାଏଁ କୋହଳ

■ ଭୁବନେଶ୍ୱର, ୩୧।୧୨ (ସମିସ): ରାଜ୍ୟରେ ଲାଗୁ ହୋଇଥିବା ପ୍ରଦୂଷଣ ସାର୍ଟିଫିକେଟ୍ ପିୟୁସିସି ଲାଗୁ କଟକଣା ଅବଧି ଆଉ ୨ ମାସ ବଢ଼ିଛି। ଅର୍ଥାତ ଆସନ୍ତା ମାର୍ଚ୍ଚ ୩୧ ଯାଏଁ ଏହି ନିୟମ ଲାଗୁ ହେବ ନାହିଁ। ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ପୂର୍ବରୁ ଜାନୁଆରୀରୁ ଫେବୃଆରୀ ୧ ପର୍ଯ୍ୟନ୍ତ ଏହି କୋହଳ ଅବଧି ବୃଦ୍ଧି ହୋଇଥିଲା। ତେବେ ରାଜ୍ୟରେ ଏହି କଟକଣାକୁ ଓ ଏଥିପାଇଁ ଜରିମାନା ରାଶି ପୈଠକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ପରେ ସରକାର ତାଙ୍କ ନିଷ୍ପତ୍ତିରେ ପରିବର୍ତ୍ତନ କରିଛନ୍ତି। ବୁଧବାର ପରିବହନ ମନ୍ତ୍ରୀଙ୍କ ବାସଭବନରେ ବିଭାଗୀୟ ସଚିବଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଗ୍ରୀନ୍ ଷ୍ଟିକର୍‌କୁ ନେଇ ଥିବା ଦ୍ୱନ୍ଦ୍ୱକୁ ନେଇ ଆଲୋଚନା ହୋଇଛି। ବୈଠକ ପରେ ଗାଡ଼ିଗୁଡ଼ିକରେ ଗ୍ରୀନ୍ ଷ୍ଟିକର୍ ଲଗାଇବା ବାଧ୍ୟତାମୂଳକ ନୁହେଁ ବୋଲି ▶ପୃଷ୍ଠା-୭

**ବାଧ୍ୟତାମୂଳକ ହେବନାହିଁ ଗ୍ରୀନ୍ ଷ୍ଟିକର**

# ଆର୍ଥିକ ଚାପ: ଘର ବୁଡ଼ି ପାଣି ଆଣ୍ଠୁଏ

## ଦରମା, ଭତ୍ତା, ମାଗଣା ଯୋଜନାରେ ଯାଉଛି ରାଜସ୍ୱର ୮୦ ପ୍ରତିଶତ

**ବିକାଶମୂଳକ କାର୍ଯ୍ୟ ପାଇଁ ଅର୍ଥ ନାହିଁ**


**ମହାରାଷ୍ଟ୍ରରେ ୯୦୩ ପ୍ରକଳ୍ପ ରଦ୍ଦ**

**ଋଣ ପରିଶୋଧ ପାଇଁ ଋଣ କରୁଛନ୍ତି ରାଜସ୍ଥାନ, ପଞ୍ଜାବ, ହରିୟାଣା**

**ବିହାରକୁ ଦେବାଳିଆ କରିପାରେ ନିର୍ବାଚନ ପ୍ରତିଶ୍ରୁତି ପୂରଣ**

■ ନୂଆଦିଲ୍ଲୀ, ୩୧।୧୨ (ଏଜେନ୍ସି): ମାଗଣା ଯୋଜନା ତଥା ଫ୍ରିବିଜ ଭାରତୀୟ ଅର୍ଥନୀତିକୁ ଦୁର୍ବଳ କରିଦେଉଛି। ସୁପ୍ରିମକୋର୍ଟ ଏହାକୁ ଭୁଲ୍ କହିବା ସତ୍ତ୍ୱେ ରାଜନୈତିକ ଦଳଗୁଡ଼ିକ ମାନୁନାହାନ୍ତି। ନିର୍ବାଚନରେ ଜିତିବା ପାଇଁ ମାଗଣା ଘୋଷଣା ଏକ ସରଳ ଏବଂ ସହଜ ଅସ୍ତ୍ର ପାଲଟି ଯାଇଛି। ଏହା ଦ୍ୱାରା ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତି ବହୁଳ ଭାବେ ପ୍ରଭାବିତ ହେଉଛି। ରିଆତି, ମାଗଣା ବଣ୍ଟନ ଆଦି ଯୋଜନାଗୁଡ଼ିକର ପାର୍ଶ୍ୱ ପ୍ରତିକ୍ରିୟା ପାଇଁ ରାଜ୍ୟ ଗୁଡ଼ିକର ଅର୍ଥନୀତି ଭୁଶୁଡ଼ିବାରେ ଲାଗିଛି। ସ୍ଥିତି ଏଭଳି ହୋଇଛି ଯେ ଏବେ ବିଦ୍ୟୁତ, ରାସ୍ତାଘାଟ, ଗୃହ ନିର୍ମାଣ ଭଳି ବିକାଶ ମୂଳକ ଯୋଜନା ପାଇଁ ଅର୍ଥାଭାବ ଦେଖାଯାଇଛି। ରିପୋର୍ଟ ଅନୁଯାୟୀ, ରିଆତି, ଭତ୍ତା, ଦରମା ଏବଂ ସୁଧ ଦେବାରେ ରାଜ୍ୟ ଗୁଡ଼ିକର ପ୍ରାୟ ୮୦ ପ୍ରତିଶତ ଆୟ ଚାଲି ଯାଉଛି। ଆଉ ବଳକା ୨୦-୨୫ ପ୍ରତିଶତରେ ଅନ୍ୟାନ୍ୟ ବ୍ୟୟ କରିବାକୁ ପଡୁଛି। କିଛି ରାଜ୍ୟଙ୍କୁ ନିଜ ଋଣ ପରିଶୋଧ ପାଇଁ ଋଣ ନେବାକୁ ବି ପଡୁଛି।

ପଞ୍ଜାବ ଅର୍ଥନୀତି ଏବେ ରସାତଳଗାମୀ ହୋଇଗଲାଣି। ଏହି ରାଜ୍ୟ ପାଖରେ ଆୟର ମାତ୍ର ୭ ପ୍ରତିଶତ ରାଶି ବଳୁଛି। ଚଳିତ ଆର୍ଥିକ ବର୍ଷ ପଞ୍ଜାବକୁ ୯୦ ହଜାର କୋଟିର ମୂଳଧନ ପରିଶୋଧ କରିବାର ଅଛି। ଏଥିପାଇଁ ବଳକା ରାଶି ସହିତ ଋଣ ପରିଶୋଧ କରିବା ପାଇଁ ବିପୁଳ ପରିମାଣର ଋଣ ନେବାକୁ ପଡ଼ିବ। ଗତ ଅକ୍ଟୋବରରେ ପଞ୍ଜାବ ସରକାର ବଜାରରୁ ୨୦ ହଜାର କୋଟିର ଋଣ ନେଇଥିଲେ। ସେହିପରି ରାଜସ୍ଥାନକୁ ଚଳିତ ଥର ୧.୫୦ ଲକ୍ଷ କୋଟିର ଋଣ ପରିଶୋଧ କରିବାକୁ ହେବ। ଏହି ରାଜ୍ୟ ୩୨ ହଜାର କୋଟିର ଋଣ ନେଇ ସାରିଛି। କିନ୍ତୁ ଋଣ ସୀମାଠାରୁ ▶ପୃଷ୍ଠା-୭



## ଦୁଇଟି 'ପ୍ରଳୟ'ର ସଫଳ ପରୀକ୍ଷଣ

■ ବାଲେଶ୍ୱର, ୩୧।୧୨ (ସମିସ): ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ଏକା ଥରକେ ତ୍ୱରିତ କ୍ରମାନ୍ୱୟରେ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ ହେଉଥିବା ଦୁଇଟି ସର୍ଟରେଞ୍ଜ୍ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର 'ପ୍ରଳୟ'ର ସଫଳ ପରୀକ୍ଷଣ ହୋଇଯାଇଛି। ଏହି ଅବସରରେ 'ପ୍ରଳୟ' କ୍ଷେପଣାସ୍ତ୍ର ଅତ୍ୟନ୍ତ ସଠିକ ଢଙ୍ଗରେ ପୂର୍ବ ନିର୍ଦ୍ଧାରିତ ଗତିପଥ ଅନୁସରଣ ପୂର୍ବକ ନିର୍ଭୁଲ ଭାବେ ଲକ୍ଷ୍ୟସ୍ଥଳକୁ ଭେଦ କରିବା ସହିତ ପରୀକ୍ଷଣର ସମସ୍ତ ମାନଦଣ୍ଡ ପୂରଣ କରିଥିବା ପ୍ରତିରକ୍ଷା ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଏକ ମୋବାଇଲ ଲଂଚ୍‌ର ବା କ୍ୟାନିଷ୍ଟର ମାଧ୍ୟମରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଏହି କ୍ଷେପଣାସ୍ତ୍ର ବୁଧବାର ପୂର୍ବାହ୍ନ ପ୍ରାୟ ୧୦.୩୦ରେ ଗୋଟିଏ ପରେ ଗୋଟିଏ ▶ପୃଷ୍ଠା-୭

**୧ ହଜାର କିଲୋଗ୍ରାମର ଯୁଦ୍ଧାସ୍ତ୍ର ବହନ କ୍ଷମତା**

**୫୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ**

# ପୁରୀ ହେଲା ମହାନଗର ନିଗମ

## ବୃଦ୍ଧି ହେଲା ବ୍ରହ୍ମପୁର ମହାନଗର ନିଗମ କଳେବର

## ଚଣ୍ଡିଖୋଲ, ଯଶୀପୁର, ବସ୍ତା, ଲୋଇସିଂହା ଏନ୍ଏସି



■ ଭୁବନେଶ୍ୱର, ୩୧।୧୨ (ସମିସ): ପୁରୀ ପୌରପାଳିକାକୁ ମିଳିଛି ମହାନଗର ନିଗମ ମାନ୍ୟତା। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ଜୁଲାଇ ୩ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀକୁ ମହାନଗର ନିଗମ ମାନ୍ୟତା ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଆଧାରରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି। ମହାନଗର ଗଠନ ହେବା ଦ୍ୱାରା ପୁରୀ ଓ ଆଖପାଖ ଅଞ୍ଚଳରେ ବ୍ୟାପକ ଭିତ୍ତିଭୂମିର ବିକାଶ ସହ ଏକ ବୃହତ୍ ସହରାଞ୍ଚଳ ଗଠନ ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ବଲାଙ୍ଗୀର ଜିଲ୍ଲାର ଲୋଇସିଂହା, ଯାଜପୁର ଜିଲ୍ଲାର ଚଣ୍ଡିଖୋଲ, ମୟୂରଭଞ୍ଜ ଜିଲ୍ଲାର ଯଶୀପୁର ଓ ବାଲେଶ୍ୱର ଜିଲ୍ଲାର ବସ୍ତାକୁ ଏନ୍ଏସି ମାନ୍ୟତା ମିଳିଛି। ଏହା ସହିତ ବ୍ରହ୍ମପୁର ମହାନଗର ନିଗମର କଳେବର ବୃଦ୍ଧି ସମ୍ପର୍କରେ ମଧ୍ୟ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି।


**୧୩ ଲକ୍ଷ ହିତାଧିକାରୀଙ୍କୁ ଆଶ୍ୱସ୍ତି**

## ଇ-କେୱାଇସି ଅବଧି ୨ ମାସ ବଢ଼ିଲା

■ ଭୁବନେଶ୍ୱର, ୩୧।୧୨ (ସମିସ): ରାସନ କାର୍ଡ ଇ-କେୱାଇସି ଅବଧି ଆଉ ୨ ମାସ ବୃଦ୍ଧି କରିଛନ୍ତି ସରକାର। ବର୍ତ୍ତମାନ ସୁଦ୍ଧା ପ୍ରାୟ ୯୬ ପ୍ରତିଶତ ହିତାଧିକାରୀ ଇ-କେୱାଇସି କରି ସାରିଛନ୍ତି। ବାକି ଯେଉଁ ୪ ପ୍ରତିଶତ ବାକି ରହିଛନ୍ତି, ସେମାନଙ୍କ ପାଇଁ ଆଉ ୨ ମାସ ଏହି ଅବଧି ବୃଦ୍ଧି କରାଯାଇଛି ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ବୁଧବାର ମନ୍ତ୍ରୀ କହିଛନ୍ତି ଯେ ଇ-କେୱାସି ଯୋଗୁଁ ରାସନ ପାଇବାରୁ ବଞ୍ଚିତ ନ ରୁହନ୍ତୁ ବୋଲି ସରକାର ଚାହୁଁଛନ୍ତି। ତେଣୁ ଏହି ଦୁଇ ମାସ ମଧ୍ୟରେ ବାକି ଲୋକମାନେ ଇ-କେୱାଇସି କରାଇନେବେ ବୋଲି ସରକାର ଆଶା ରଖିଥିବା ମନ୍ତ୍ରୀ କହିଛନ୍ତି।

ରାଜ୍ୟରେ ୩ କୋଟି ୨୫ ଲକ୍ଷ ୫୧ ହଜାର ୭୭୩ ଜଣ ହିତାଧିକାରୀଙ୍କ ଇ-କେୱାଇସି ଲାଗି ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଏହା ଭିତରେ ୩ କୋଟି ୧୨ ଲକ୍ଷ ଲୋକ ▶ପୃଷ୍ଠା-୭



# ପ୍ରବଳ ଶୀତରେ ଥରୁଛି ସମଗ୍ର ଉତ୍ତର ଭାରତ

ନୂଆଦିଲ୍ଲୀ, ୩୧।୧୨(ଏଜେନ୍ସି): ସମଗ୍ର ଉତ୍ତର ଭାରତରେ ପ୍ରବଳ ଶୀତ ଲହରୀ ଜାରି ରହିଛି। ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଭଳି ପାହାଡିଆ ରାଜ୍ୟରେ ତୁଷାରପାତ ହେଉଛି। ଏହାର ପ୍ରଭାବ ସମତଳ ଅଞ୍ଚଳଗୁଡିକରେ ମଧ୍ୟ ଦେଖା ଦେଇଛି। ଜମ୍ମୁ-କଶ୍ମୀର ସୋନମାର୍ଗ ଟନେଲ ପ୍ରବଳ ତୁଷାରପାତ ହୋଇଛି। ସେହିପରି ମଙ୍ଗଳବାରଠାରୁ ହିମାଚଳର ଲାହୌଲି ସ୍ପିତିରେ ପ୍ରବଳ ତୁଷାରପାତ ଜାରି ରହିଛି। ଏଠାରେ ତାପମାତ୍ର ବିଯୁକ୍ତ ୧୦ ଡିଗ୍ରୀକୁ ଖସିପାରେ। ସେପଟେ ମଧ୍ୟପ୍ରଦେଶର କଲ୍ୟାଣପୁର, ଶାହଡୋଲରେ ତାପମାତ୍ରା ୧.୭ ଡିଗ୍ରୀ ଥିଲା। ଛତିଶଗଡ଼ର ମୌନପଟରରେ ରାତିରେ ତାପମାତ୍ରା ୨ ଡିଗ୍ରୀରେ ପହଞ୍ଚି ଥିଲା। ସେହିପରି ଅମ୍ବିକାପୁର, ଗୌରେଲା- ପେଣ୍ଡ୍ରା-ମାରୱାହିରେ କାକର

**ପାର୍ବତ୍ୟ ଅଞ୍ଚଳରେ ତୁଷାରପାତ**

ଜମାଟ ବାନ୍ଧିଥିବା ଲକ୍ଷ୍ୟ କରାଯାଇଛି। ରାଜସ୍ଥାନରେ ପ୍ରବଳ ଥଣ୍ଡା ଜାରି ରହିଥିବା ବେଳେ ୨ ଦିନ ପାଇଁ ବର୍ଷା ହେବାର ସତର୍କତା ଜାରି କରାଯାଇଛି।

ଅନ୍ୟପକ୍ଷରେ ଘନ କୁହୁଡ଼ି ଓ ଦୃଶ୍ୟମାନ କ୍ଷମତା ହ୍ରାସ କାରଣରୁ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦର (ଆଇଜିଆଇଏ)ରେ ବୁଧବାର ବିମାନ ଚଳାଚଳ ଗୁରୁତର ବାଧାପ୍ରାପ୍ତ ହୋଇଛି। ଏଥିଯୋଗୁଁ ଅତିକମ୍‌ରେ ୧୪୮ଟି ବିମାନକୁ ବାତିଲ କରାଯାଇଛି। ୧୫୦ରୁ ଅଧିକ ବିମାନ ବିଳମ୍ବିତ ହୋଇଛି। ଏହି ବିମାନବନ୍ଦରରେ ପ୍ରତିଦିନ ୧୩୦୦ ବିମାନ ଚଳାଚଳ କରିଥାଏ। ଉତ୍ତର ଭାରତରେ ବିଭିନ୍ନ ସ୍ଥାନରେ କୁହୁଡି ସ୍ଥିତି କିଛି ନିର୍ଦ୍ଦିଷ୍ଟ ବିମାନ ବନ୍ଦରରେ ବିମାନ ଚଳାଚଳକୁ ପ୍ରଭାବିତ କରିପାରେ ବୋଲି କୁହାଯାଇଛି। ଅନ୍ୟପଟେ ଜାମ୍ମୁ-କଶ୍ମୀର ଶ୍ରୀନଗର ବିମାନ ବନ୍ଦରରେ ୬ଟି ବିମାନ ବାତିଲ ହୋଇଛି।



## ଭାରତ ପୂର୍ବରୁ ୨୯ ଦେଶରେ ନୂଆବର୍ଷର ଆଗମନ

ନୂଆଦିଲ୍ଲୀ, ୩୧।୧୨(ଏଜେନ୍ସି): ନୂଆବର୍ଷ ୨୦୨୬ର ଆଗମନକୁ ସାରା ବିଶ୍ୱ ଧୂମ୍‌ଧାମ୍‌ରେ ପାଳନ କରିଛି। ତେବେ ପୃଥିବୀର ବିଭିନ୍ନ ସ୍ଥାନରେ ଦେଶଗୁଡିକ ଅବସ୍ଥିତ ହୋଇଥିବାରୁ ରାତି ୧୨ଟା ତଥା ଜିରୋ ନାଇଟ୍ ଏବଂ ସୂର୍ଯ୍ୟୋଦୟ ବିଭିନ୍ନ ଦେଶରେ ଭିନ୍ନ ସମୟରେ ହୋଇଥାଏ। ଅନ୍ୟ ଦେଶଗୁଡିକଠାରୁ ଭାରତରେ ଜିରୋ ନାଇଟ୍ ସେଲିବ୍ରେସନ ତଥା ନୂଆବର୍ଷର ଆଗମନର ସମୟ ଭିନ୍ନ। ପୃଥିବୀର ସବୁଠାରୁ ପୂର୍ବରେ ରହିଥିବା କରିବାଟି ଗଣରାଜ୍ୟରେ ନୂଆବର୍ଷ ଭାରତୀୟ ସମୟର ଅପରାହ୍ନ ୩ଟାରେ ପଦାର୍ପଣ କରିଥାଏ। ଏହି ଦେଶରେ ଭାରତର ୮ ଘଣ୍ଟା ୩୦ ମିନିଟ ପୂର୍ବରୁ ନୂଆବର୍ଷ ଆସିଛି। ଏହାପରେ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଏସିଆ ମହାଦେଶର ବିଭିନ୍ନ ଦେଶରେ ନୂଆବର୍ଷ ଗୋଟିଏ ପରେ ଗୋଟିଏ ଆସିଥାଏ। ଭାରତରେ ଡିସେମ୍ବର ୩୧ ଅର୍ଥାତ ବୁଧବାର ରାତି ୧୨ରେ ହିଁ ପଦାର୍ପଣ କରିଥିବା ବେଳେ ଏହାପୂର୍ବରୁ ୨୯ଟି ଦେଶରେ ନୂଆବର୍ଷ ଆସି ସାରିଛି। ଭାରତରେ ନୂଆ ବର୍ଷ ବେଳକୁ ୟୁରୋପ ଓ ଆମେରିକାରେ ଡିସେମ୍ବର ୩୧ ସନ୍ଧ୍ୟା ହୋଇଥିବ। ତେବେ ୯ ଘଣ୍ଟା ପରେ ଯାଇ ଆମେରିକାରେ ନୂଆବର୍ଷ ପଦାର୍ପଣ କରିବ ବୋଲି ଜଣାପଡ଼ିଛି।

## ଢାକାରେ ତାରିକ, ପାକ୍ ବାଚସ୍ପତିଙ୍କୁ ଭେଟିଲେ ଜୟଶଙ୍କର





ଢାକା, ୩୧।୧୨ (ଏଜେନ୍ସି): ବାଂଲାଦେଶ ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କ ଶେଷକୃତ୍ୟ ଆଜି ସମ୍ପନ୍ନ ହୋଇଛି। ଖାଲେଦାଙ୍କୁ ସଂସଦ ପରିସରରେ ଥିବା ତାଙ୍କ ସ୍ୱାମୀ ତଥା ପୂର୍ବତନ ବାଂଲାଦେଶ ରାଷ୍ଟ୍ରପତି ଜିଆଉର ରହମାନଙ୍କ କବର ନିକଟରେ ଜିଆ ଉଦ୍ୟାନରେ କବର ଦିଆଯାଇଛି। ଭାରତ ପକ୍ଷରୁ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଏହି ଅନ୍ତିମ ସଂସ୍କାରରେ ଯୋଗ ଦେଇଥିଲେ। ଏହି ଅବସରରେ ଖାଲେଦାଙ୍କ ପୁଅ ତଥା ବିଏନ୍‌ପି ମୁଖ୍ୟ ତାରିକ ରହମାନଙ୍କୁ ସାକ୍ଷାତ କରିଥିଲେ ଜୟଶଙ୍କର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଇଥିବା ଶୋକପତ୍ରକୁ ସେ ତାରିକଙ୍କୁ ଦେଇଥିଲେ। ଭାରତ-ବାଂଲାଦେଶ ସଂପର୍କକୁ ସୁଦୃଢ଼ କରିବାରେ ଖାଲେଦାଙ୍କ ଭୂମିକାକୁ ଏଥିରେ ପ୍ରଶଂସା କରାଯାଇଛି।

**ଖାଲେଦାଙ୍କ ଶେଷକୃତ୍ୟ ସଂପନ୍ନ**

ଏହି ଅନ୍ତିମ ସଂସ୍କାରରେ ଅନ୍ତରୀଣ ସରକାରଙ୍କ ମୁଖ୍ୟ ମହମ୍ମଦ ୟୁନୁସ, ସବୁ ରାଜନୈତିକ ଦଳର ମୁଖ୍ୟ ଓ ଭିନ୍ନ ଭିନ୍ନ ଦେଶର ପ୍ରତିନିଧି ଯୋଗ ଦେଇଥିଲେ। ପାକିସ୍ତାନ ସଂସଦର ବାଚସ୍ପତି ସର୍ଦାର ଅୟାଜ ସାଦିକ ମଧ୍ୟ ଉପସ୍ଥିତ ଥିଲେ। ଅୟାଜ ସାଦିକଙ୍କୁ ମଧ୍ୟ ଭେଟିଛନ୍ତି ଜୟଶଙ୍କର। ଉଭୟ ନେତା ହାତ ମିଳାଇଛନ୍ତି। ଗତ ମେ'ରେ ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିବା 'ଅପରେସନ ସିନ୍ଦୂର' ପରେ ପ୍ରଥମ ଥର ପାଇଁ ଦୁଇ ଦେଶର ବଡ଼ ନେତା ମୁହାଁମୁହିଁ ହୋଇ ହାତ ମିଳାଇଛନ୍ତି। ଏହି ଦୃଷ୍ଟିରୁ ସାକ୍ଷାତକୁ କୂଟନୈତିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି।

## ନିଷିଦ୍ଧ ହେଲା ୧୦୦ ଏମ୍‌ଜିରୁ ଅଧିକ ନିମୁସ୍ଲାଇଡ୍ ଔଷଧ

ନୂଆଦିଲ୍ଲୀ, ୩୧।୧୨(ଏଜେନ୍ସି): କେନ୍ଦ୍ର ସରକାର ୧୦୦ ମିଲିଗ୍ରାମ୍‌ରୁ ଅଧିକ ମାତ୍ରାରେ ନିମୁସ୍ଲାଇଡ ଔଷଧ ଉତ୍ପାଦନ ଓ ବିକ୍ରୟ ଉପରେ ତୁରନ୍ତ ନିଷେଧାଦେଶ ଲଗାଇଛନ୍ତି। ଏହି ଔଷଧ ସେବନ ଦ୍ୱାରା ଜ୍ୱର ଓ ଯନ୍ତ୍ରଣାରୁ ଶୀଘ୍ର ମୁକ୍ତି ମିଳିଥାଏ। ମାତ୍ର ଏହାର ଅଧିକ ବ୍ୟବହାର ଯକୃତକୁ ବହୁତ କ୍ଷତି ପହଞ୍ଚାଇଥାଏ। ଏହି କଟକଣା କେବଳ ୧୦୦ ଏମଜିରୁ ଅଧିକ ମାତ୍ରାର ନିମୁସ୍ଲାଇଡ୍ ଥିବା ଔଷଧ ପାଇଁ ପ୍ରଯୁଜ୍ୟ। ତେବେ ଏହା କମ୍ ଡୋଜରେ ଉପଲବ୍ଧ ରହିବ।

## ଚୀନ୍‌ର ଦାବି: ଭାରତ-ପାକ୍ ଯୁଦ୍ଧ ବନ୍ଦ କରାଇଛୁ

ବେଜିଂ, ୩୧।୧୨(ଏଜେନ୍ସି): ୨୦୨୫ ମେ'ରେ ଭାରତ- ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧ ରୋକିବା ନେଇ ବିଶ୍ୱର ଆଉ ଏକ ଶକ୍ତିଶାଳୀ ଦେଶ ଦାବି କରିଛି। ପ୍ରଥମେ ଆମେରିକା ଦାବି କରି ଆସୁଥିବା ବେଳେ ଏବେ ଚୀନ୍ ମଧ୍ୟ ଏନେଇ ତା'ର ଦାବି କରିଛି। ମଙ୍ଗଳବାର ଆୟୋଜିତ ଅନ୍ତର୍ଜାତୀୟ ପରିସ୍ଥିତି ଓ ଚୀନ୍‌ର ବୈଦେଶିକ ସମ୍ପର୍କ ଉପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଚୀନ୍ ବିଦେଶ ମନ୍ତ୍ରୀ ୱାଙ୍ଗ ୟି କହିଛନ୍ତି ଯେ, ଭାରତ- ପାକିସ୍ତାନ ବିବାଦ ସମେତ ବିଶ୍ୱସ୍ତରରେ ଅନେକ ବିବାଦରେ ଚୀନ୍ ମଧ୍ୟସ୍ଥତା ଭୂମିକା ଗ୍ରହଣ କରିଆସିଛି। ଚୀନ୍ ବିଦେଶ ମନ୍ତ୍ରଣାଳୟ ଦ୍ୱାରା ସାମାଜିକ ଗଣମାଧ୍ୟମ ଏକ୍ସରେ ସେୟାର କରାଯାଇଥିବା ଏକ ବିବୃତିରେ କୁହଯାଇଛି। ୱାଙ୍ଗ ୟି କହିଛନ୍ତି ଯେ, ସ୍ଥାୟୀ ଶାନ୍ତି ସ୍ଥାପନ ପାଇଁ, ଆମେ ଏକ ଉଦ୍ଦେଶ୍ୟମୂଳକ ଓ ନ୍ୟାୟପୂର୍ଣ୍ଣ ମତାମତ ଦେଇଆସିଛୁ ଓ ବିବାଦର ମୂଳ କାରଣର ସମାଧାନ ପାଇଁ ବରାବର ଧ୍ୟାନ ଦେଇ ଆସିଛୁ। ଏହି କ୍ରମରେ ଚୀନ୍ ଉତ୍ତର ମ୍ୟାଁମାର, ଇରାନ ପରମାଣୁ ସମସ୍ୟା, ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା, ପାଲେଷ୍ଟାଇନ-ଇସ୍ରାଏଲ ସମସ୍ୟା ଏବଂ କାମ୍ବୋଡିଆ- ଥାଇଲାଣ୍ଡ ମଧ୍ୟରେ ଚାଲିଥିବା ସାମ୍ପ୍ରତିକ ବିବାଦରେ ମଧ୍ୟସ୍ଥତା କରିଛୁ। ତେବେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ (ଏମ୍‌ଇଏ) ଏପର୍ଯ୍ୟନ୍ତ ଏହି ବିଷୟରେ କୌଣସି ପ୍ରତିକ୍ରିୟା ଦେଇନାହିଁ। ଗତ ମେ ମାସରେ ଭାରତ- ପାକିସ୍ତାନ ମଧ୍ୟରେ ହୋଇଥିବା ଏକ ଛୋଟ ତଥା ତୀବ୍ର ସାମରିକ ସଂଘର୍ଷର ୮ ମାସ ପରେ ଚୀନ୍ ଏହି ଦାବି କରିଛି। ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ- ପାକିସ୍ତାନ ଯୁଦ୍ଧ ରୋକିବାର ନେଇ ୫୦ଥର ଦାବି କରି ଶ୍ରେୟ ନେବାକୁ ପ୍ରୟାସ କରିଛନ୍ତି। କିନ୍ତୁ ଭାରତ ସରକାର ବାରମ୍ବାର ଏହି ଦାବିକୁ ପ୍ରତ୍ୟାଖାନ କରିଆସିଛନ୍ତି। ଯୁଦ୍ଧ ରୋକିବାରେ ଅର୍ଥାତ ଅସ୍ତ୍ରବିରତିରେ ତୃତୀୟ ପକ୍ଷର କୌଣସି ଭୂମିକା ନାହିଁ ବୋଲି ଭାରତ ସରକାର କହିଆସିଛନ୍ତି। ଆଜି ମଧ୍ୟ ଭାରତ ସରକାର ପୁଣିଥରେ ଏହା ସ୍ପଷ୍ଟ କରିଛନ୍ତି।

## କାରରେ ୧୫୦ କେଜି ବିସ୍ଫୋରକ

ଜୟପୁର, ୩୧।୧୨(ଏଜେନ୍ସି): ରାଜସ୍ଥାନ ଟୋଙ୍କରୁ ପୁଲିସ ବିପୁଳ ପରିମାଣର ବିସ୍ଫୋରକ ପଦାର୍ଥ ଜବତ କରିଛି। ଏକ ବସ୍ତାରେ ୧୫୦ କେଜି ଆମୋନିୟମ ନାଇଟ୍ରେଟ୍ ରଖା ଯାଇଥିଲା। ଏହାକୁ ଲୁଚାଇବା ପାଇଁ ୟୁରିଆ ସାର ସହିତ ଛପା ଯାଇଥିଲା। ଏଥିସହ ପୁଲିସ ୨୦୦ ବିସ୍ଫୋରକ ବ୍ୟାଟେରୀ ଓ ୬ ବଣ୍ଡଲର ସେଫ୍ଟି ଫ୍ୟୁଜ ତାର ମଧ୍ୟ ଉଦ୍ଧାର କରିଛି। ପ୍ରତ୍ୟେକ ବଣ୍ଡଲରେ ୧୮୩ ମିଟର ତାର ଥିଲା। ଅପରେସନ ସମୟରେ ଏକ ମାରୁତି ସିଆଜ କାର୍‌ରୁ ଏହି ବିସ୍ଫୋରକ ଓ ସାମଗ୍ରୀ ଜବତ କରାଯାଇଥିଲା ବୋଲି ଟୋଙ୍କ ଡିଏସ୍‌ପି ମୃତ୍ୟୁଞ୍ଜୟ ମିଶ୍ର କହିଛନ୍ତି। ଏହି ମାମଲାରେ ବୁନ୍ଦି ଜିଲ୍ଲାର ଦୁଇ ଅଭିଯୁକ୍ତ ସୁରେନ୍ଦ୍ର ପଟୱା ଓ ସୁରେନ୍ଦ୍ର ମୋଚିଙ୍କୁ ଗିରଫ କରାଯାଇଛି। ଏହି ଦୁଇଜଣ ବୁନ୍ଦିରୁ ଟୋଙ୍କକୁ ଏହି ବିସ୍ଫୋରକ ପଦାର୍ଥ ଚାଲାଣ କରୁଥିଲେ।

## ଚଳନ୍ତା ଗାଡ଼ିରେ ମହିଳାଙ୍କୁ ଗଣଦୁଷ୍କର୍ମ

ଫରିଦାବାଦ୍, ୩୧।୧୨(ଏଜେନ୍ସି): ହରିୟାଣା ଫରିଦାବାଦ୍‌ରେ ଜଣେ ୨୮ ବର୍ଷୀୟା ମହିଳାଙ୍କୁ ଚଳନ୍ତା ଗାଡ଼ିରେ ଗଣଦୁଷ୍କର୍ମ କରାଯିବା ଘଟଣା ସାମ୍ନାକୁ ଆସିଛି। ଦୁଇଜଣ ଯୁବକ ସମ୍ପୃକ୍ତ ମହିଳାଙ୍କୁ ସହରର ସଡ଼କ ଉପରେ ୩ ଘଣ୍ଟା ପର୍ଯ୍ୟନ୍ତ ବୁଲାଇଥିଲେ।

**ଲିଫ୍ଟ ଦେବା ବାହାନାରେ ଉଠାଇ ୩ ଘଣ୍ଟା ବୁଲାଇଥିଲେ**

ଗଣଦୁଷ୍କର୍ମ କରିବା ପରେ ତାଙ୍କୁ ରାସ୍ତାରେ ଫୋପାଡି ଦେଇ ପଳାଇ ଯାଇଥିଲେ। ମହିଳାଙ୍କ ମୁହଁ ଓ ମୁଣ୍ଡରେ ଆଘାତ ଲାଗିଛି। ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ମୁହଁରେ ୧୨ଟି ଷ୍ଟିଚ୍ ପଡ଼ିଛି। ସୋମବାର ରାତିରେ ହିଁ ଏହି ଘଟଣା ଘଟିଥିଲା ବୋଲି ପୀଡ଼ିତାଙ୍କ ଭଉଣୀ କହିଛନ୍ତି। ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ଏହି ବିବାହିତ ମହିଳା ରାତିରେ ଘରକୁ ଫେରିବା ପାଇଁ ଅପେକ୍ଷା କରିଥିଲେ। ସେତିକି ବେଳେ ଦୁଇଜଣ ଯୁବକ ତାଙ୍କୁ ଘରେ ଛାଡିଦେବାକୁ କହି ଗାଡ଼ିରେ ବସାଇଥିଲେ। ଗାଡିଟି ଗୁରଗାଓଁ ଆଡକୁ ଯାଇଥିଲା। ଗାଡ଼ିରେ ୩ ଘଣ୍ଟା ବୁଲାଇବା ବେଳେ ଦୁଇ ଯୁବକ ତାଙ୍କୁ ଦୁଷ୍କର୍ମ କରିଥିଲେ। ଶେଷରେ ରାତି ୩ଟାରେ ଏସ୍‌ଜିଏମ୍ ନଗରର ରାଜା ଛକଠାରେ ତାଙ୍କୁ ଚଳନ୍ତା ଗାଡ଼ି ବାହାରକୁ ଫୋପାଡି ଦେଇଥିଲେ। ପୁଲିସ ଦୁଇ ଯୁବକଙ୍କୁ ଗିରଫ କରିଛି।


ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ
ODISHA UNIVERSITY OF TECHNOLOGY AND RESEARCH
(Formerly College of Engineering & Technology, Bhubaneswar)

Where every faculty, staff, and student strives to realise the full potential in a caring environment to meet the changing demands of the society

OUTR Offers the following programmes of studies

B.Tech.
- Civil Engineering
- Mechanical Engineering
- Electronics & Instrumentation Engineering
- Metallurgical & Materials Engineering
- Aerospace Engineering
- Electrical Engineering
- Computer Engineering
- Mechanical Engineering(AI & Robotics)
- Electronics & Communication Engineering
- Textile Engineering
- Biotechnology
- Computer Science Engineering
- Computer Science Engineering (AI & ML)
- Information Technology
- Fashion & Apparel Technology
- B.Plan
- B.Arch





M.Tech.
- Electronics & Communication Engineering
- Semiconductor Technology
- Energy System and Management
- Instrumentation and Control Engineering
- Mechanical Systems Design
- Mechatronics & Machine Learning
- Power System Engineering
- Mechatronics and Machine Learning
- Textile Engineering
- Textile Chemical Engineering
- Power Electronics & Drives
- Thermal engineering
- VLSI Design & Embedded System
- Water Resources Engineering
- Biotechnology
- Computer Science & Engineering
- Industrial Engineering & Management
- Information Technology
- Structural Engineering
- Industrial Engineering & Management(Part Time)
- Information Technology( Part time)
- Instrumentation & Control Engineering(Part Time)
- Water Resources Engineering(Part time)

Integrated M. Sc
- Chemistry
- Mathematics & Computing
- Physics

M. Sc
- Chemistry
- Mathematics & Computing
- Physics
- Industrial Chemistry (Part Time)

MBA

MCA

M. Plan

M.Tech./M.Sc (Research)

Post Graduate Diploma in Management (PGDM)

School of Mechanical Sciences(MBA)
- Logistics and Supply Chain Management

Ph. D.
- All Branches of Science, Technology and Humanities

Industry Collaboration

KFINTECH PHILIPS Nitkal SIEMENS Ansys HUBSECT valnizen TECH mahindra

Our USP

Highly qualified faculty
Visiting Faculty from reputed industries/organizations
Adjunct Faculty from abroad
Professor of Practice
Multiple CoEs
Advanced Lab and Computing facilities
Innovation and Incubation Centre
Support for Start-ups
Updated Curriculum in the light of NEP-2020

OFFERING PROGRAMS
01 REGULAR PROGRAMS
02 PART TIME PROGRAMS
03 EXECUTIVE PROGRAMS
04 SELF SUSTAINING PROGRAMS

Techno Campus, Ghatikia, Bhubaneswar – 751 029 | www.outr.ac.in



ବାଲୁକା କଳାରେ ଇଂରାଜୀ ନବବର୍ଷକୁ ସ୍ୱାଗତ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-186 •THURSDAY •1 JANUARY 2026 •PAGE-12 •₹ 7.00

•ବର୍ଷ-୪୩ •ସଂଖ୍ୟା-୧୮୬ •ଗୁରୁବାର •୧ ଜାନୁଆରୀ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


### ଗଞ୍ଜାମରୁ କୋରାପୁଟ ଜାତୀୟ ରାଜପଥ ସମ୍ପ୍ରସାରଣ

## କେନ୍ଦ୍ର କ୍ୟାବିନେଟରେ ୧୫୨୬ କୋଟି ମଞ୍ଜୁର

ଭୁବନେଶ୍ୱର,୩୧।୧୨(ସମିସ): ଓଡ଼ିଶା ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ ଏବଂ ସୁଦୃଢ଼ୀକରଣ କରାଯିବ। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ଏହି ପ୍ରକଳ୍ପକୁ ଅନୁମୋଦନ କରିଛି। ଏହି ପ୍ରକଳ୍ପଟି ଗଞ୍ଜାମ ଜିଲ୍ଲାର ମୋହନାଠାରୁ ରାୟଗଡା, ଲକ୍ଷ୍ମୀପୁର ଦେଇ କୋରାପୁଟ ପର୍ଯ୍ୟନ୍ତ ଲମ୍ବିଛି। ଅନୁମୋଦନ ଅନୁଯାୟୀ ବର୍ତ୍ତମାନର

### ଓଡ଼ିଶାର ପ୍ରଗତି ପାଇଁ ପ୍ରୋତ୍ସାହନ: ପ୍ରଧାନମନ୍ତ୍ରୀ

୨ ଲେନ୍ ବିଶିଷ୍ଟ ଏହି ଏନ୍ଏଚ୍‌ର ୬୮.୬ କିମିରୁ ୩୧୧.୭କିମି ପର୍ଯ୍ୟନ୍ତ ସେକ୍ସନକୁ ଇପିସି ମୋଡ୍‌ରେ ପେଭ୍‌ଡ ଶୋଲଡର ସହିତ ଉନ୍ନତିକରଣ କରାଯିବ। ଏହି ପ୍ରକଳ୍ପ ପାଇଁ ମୋଟ୍ ୧,୫୨୬.୨୧ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ରାଜପଥର ଉନ୍ନତିକରଣ ଦ୍ୱାରା ଗଜପତି, ରାୟଗଡା ଏବଂ କୋରାପୁଟ ଜିଲ୍ଲାଗୁଡ଼ିକ ଉପକୃତ ହେବେ। ଏହା ମଧ୍ୟ ଏନଏଚ -୨୬, ଏନଏଚ -୫୯, ଏନଏଚ-୧୬ ଏବଂ ରାୟପୁର-ବିଶାଖାପାଟଣା କରିଡର ସହିତ ସଂଯୋଗୀକରଣ ଏବଂ ଗୋପାଳପୁର ବନ୍ଦର, ଜୟପୁର ବିମାନବନ୍ଦର ଏବଂ ଅନେକ ରେଳ ଷ୍ଟେସନକୁ ଶେଷ ମାଇଲ ସଂଯୋଗକୁ ଉନ୍ନତ କରିବ। ଏହି ରାଜପଥ ଓଡ଼ିଶାରେ ଆସିକା ନିକଟବର୍ତ୍ତୀ ଏନଏଚ୍ ୫୯ରୁ ଜଙ୍କସନରୁ ଆରମ୍ଭ ହୋଇ ମୋହନା, ରାଇପଙ୍କା, ଅମଲାଭଟା, ରାୟଗଡ଼ା, ଲକ୍ଷ୍ମୀପୁର ଦେଇ ଯାଇଛି ଏବଂ ଚିଣ୍ଟୁରୁ ନିକଟରେ ଥିବା ଏନଏଚ-୩୦ ଜଙ୍କସନରେ ଶେଷ ହୋଇଛି।

ଏହି ନୂତନ ପ୍ରକଳ୍ପ ଓଡ଼ିଶାର ପ୍ରଗତି ପାଇଁ ଏକ ପ୍ରୋତ୍ସାହନ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ର କ୍ୟାବିନେଟ୍ ଓଡ଼ିଶାରେ ଜାତୀୟ ରାଜପଥ-୩୨୬ର ପ୍ରଶସ୍ତିକରଣ ଏବଂ ସୁଦୃଢ଼ୀକରଣକୁ ଅନୁମୋଦନ କରିଛି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଗଜପତି, ରାୟଗଡା ଏବଂ କୋରାପୁଟରେ ଯାତାୟାତକୁ ସୁଗମ କରିବ ଏବଂ ସଂଯୋଗୀକରଣକୁ ଉନ୍ନତ କରିବ। ଏହା ନିଯୁକ୍ତି ସୁଯୋଗ ସୃଷ୍ଟି କରିବ, ପର୍ଯ୍ୟଟନ ଓ ଶିଳ୍ପକୁ ପ୍ରୋତ୍ସାହିତ କରିବ, ଏବଂ ଆଦିବାସୀ ଅଞ୍ଚଳରେ ସମାବେଶୀ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଅପରପକ୍ଷେ ଏହି ସମ୍ପ୍ରସାରଣକୁ ଅନୁମୋଦନ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ପ୍ରଦୂଷଣ ପ୍ରମାଣପତ୍ର ବିନା ପେଟ୍ରୋଲ, ଡିଜେଲ ନ ମିଳିବା ନିର୍ଦ୍ଦେଶ

# ସୁପ୍ରିମକୋର୍ଟଙ୍କଠାରୁ ଊର୍ଦ୍ଧ୍ୱରେ ପରିବହନ ବିଭାଗ!

ଭୁବନେଶ୍ୱର,୩୧।୧୨(ସମିସ): ବୈଧ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ଗାଡ଼ି ଚାଳକଙ୍କୁ ପେଟ୍ରୋଲ, ଡିଜେଲ ଦିଆନଯିବା ନେଇ ରାଜ୍ୟ ପରିବହନ ବିଭାଗର ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି। ପ୍ରଦୂଷଣ ରୋକିବା ନୁହେଁ; ବରଂ ଏହି ଆଳରେ ପୂର୍ବରୁ ପରିବହନ ବିଭାଗର ବକେୟା ଜରିମାନା ରାଶି ଆଦାୟ ଷଡ଼ଯନ୍ତ୍ର କରାଯାଇଥିବା ସାଧାରଣ ଲୋକେ ଅଭିଯୋଗ କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରେ କଡ଼ା ସମାଲୋଚନା କରୁଥିବା ବେଳେ ଏହା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଖୋଲା ଉଲ୍ଲଂଘନ ବୋଲି କହିଛନ୍ତି ବରିଷ୍ଠ ଆଇନଜୀବୀ। ୨୦୨୦ ମସିହାରେ ଏକ ମମାଲାର ଶୁଣାଣି କରି ସୁପ୍ରିମକୋର୍ଟ ପ୍ରଦୂଷଣ ପ୍ରମାଣପତ୍ର ବାହାନାରେ ଗାଡ଼ି ମାଲିକଙ୍କୁ ପେଟ୍ରୋଲ, ଡିଜେଲ ପ୍ରଦାନରୁ ବଞ୍ଚିତ କରାଯାଇ ପାରିବ ନାହିଁ ବୋଲି କହିଛନ୍ତି। ମାତ୍ର ରାଜ୍ୟ ପରିବହନ ବିଭାଗ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅମାନ୍ୟ ଓ ଉଲ୍ଲଂଘନ କରିଥିବା ଆଇନଜୀବୀମାନେ ଅଭିଯୋଗ କରିଛନ୍ତି।

ରାଜ୍ୟ ପରିବହନ କମିଶନର ଓଡ଼ିଶାରେ ତୈଳ ବିତରଣ କରୁଥିବା କମ୍ପାନୀମାନଙ୍କ ପାଇଁ ନିର୍ଦ୍ଦେଶନାମା ଜାରି କରି ବୈଧ ପ୍ରଦୂଷଣ ପ୍ରମାଣପତ୍ର ନ ଥିବା ଗାଡ଼ିକୁ ପେଟ୍ରୋଲ, ଡ଼ିଜେଲ ପ୍ରଦାନ ନ କରିବାକୁ ଚିଠି ଲେଖିଛନ୍ତି। ୨୦୧୫ ମସିହାରେ ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ପେଟ୍ରୋଲ ଡ଼ିଜେଲ ନ ଦେବାକୁ ମଧ୍ୟପ୍ରଦେଶରେ ଏକ ମାମଲା ରୁଜୁ ହୋଇଥିଲା ଓ ଏହି ମାମଲାକୁ ସେତେବେଳେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)କୁ ପ୍ରେରଣ କରିଥିଲେ। ଏହା ଉପରେ ଶୁଣାଣି କରି ଏନ୍‌ଜିଟି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯେଉଁମାନେ

- ■ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଆଇନଜୀବୀଙ୍କ ବିରୋଧ
- ■ ସର୍ବୋଚ୍ଚ ଅଦାଲତଙ୍କ ରାୟର ଖୋଲାଖୋଲି ଉଲ୍ଲଂଘନ
- ■ ଗୋଟିଏ ଆଇନର ଉଲ୍ଲଂଘନ ପାଇଁ ଅତିରିକ୍ତ ଦଣ୍ଡ କାହିଁକି?

ବୈଧ ପ୍ରଦୂଷଣ ପ୍ରମାଣପତ୍ର କରିନଥିବେ, ସେମାନଙ୍କୁ ପେଟ୍ରୋଲପମ୍ପରେ ପେଟ୍ରୋଲ, ଡିଜେଲ ଦିଆଯାଇପାରିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ। ଏହା ସହ ମଧ୍ୟପ୍ରଦେଶ ସରକାର ଏହି ନିର୍ଦ୍ଦେଶନାମାର ଅନୁପାଳନ କରି ନ ଥିବାରୁ ଏନ୍‌ଜିଟି ୨୫ କୋଟି ଟଙ୍କାର ଜରିମାନା ମଧ୍ୟ ଲଗାଇଥିଲେ। ଏହି ରାୟ ବିରୋଧରେ ସେତେବେଳେ ମଧ୍ୟପ୍ରଦେଶ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ସୁପ୍ରିମକୋର୍ଟ ମାମଲାର ଶୁଣାଣି କରି ମୋଟର ଯାନ ଆଇନ ୧୯୮୯ କିମ୍ବା ଏନ୍‌ଜିଟି ଆଇନ ୨୦୧୦ ରେ କେଉଁଠାରେ ବୈଧ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ଗାଡ଼ିକୁ ପେଟ୍ରୋଲ, ଡିଜେଲ ପ୍ରଦାନ ନ କରିବା ନେଇ କୌଣସି ବ୍ୟବସ୍ଥା ନାହିଁ। ଅତଏବ ଯାହା ପାଖରେ ପ୍ରଦୂଷଣ ପ୍ରମାଣ ପତ୍ର ନାହିଁ; ସେମାନଙ୍କୁ ପେଟ୍ରୋଲ, ଡିଜେଲ ପ୍ରଦାନ ଦିଗରେ କୌଣସି ପ୍ରତିବନ୍ଧକ ରଖିହେବ ନାହିଁ। ସେହିପରି କୌଣସି ଆଇନର ଅମାନ୍ୟ ପାଇଁ ଗୋଟିଏ ଦଣ୍ଡବିଧାନ ଥିଲାବେଳେ, ସମାନ ଭାବେ ଆଉ ଏକ ଅତିରିକ୍ତ ଦଣ୍ଡବିଧାନ/ଜରିମାନା କରାଯାଇପାରିବ ନାହିଁ। ତେଣୁ ପ୍ରଦୂଷଣ ସାର୍ଟିଫିକେଟ ନଥିଲେ ଗାଡିଗୁଡ଼ିକୁ ଇନ୍ଧନ ଯୋଗାଣ ବନ୍ଦ ସଂକ୍ରାନ୍ତରେ ଏନ୍‌ଜିଟିଙ୍କ ନିର୍ଦ୍ଦେଶକୁ ସୁପ୍ରିମକୋର୍ଟ ରଦ୍ଦ କରି ଦେଇଥିଲେ।

ମାତ୍ର ବର୍ତ୍ତମାନ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ଯେଉଁ ନିଷ୍ପତ୍ତି ନେଇଛି ତାହା ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିର ଖୋଲା ଉଲ୍ଲଂଘନ କରିଛି। ପୂର୍ବରୁ ପ୍ରଦୂଷଣ ସାର୍ଟିଫିକେଟ ନଥିଲେ, ମୋଟର ଯାନ ଆଇନରେ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ୧୦ ହଜାର ଜରିମାନା ସହ ରେଜିଷ୍ଟ୍ରେସନ ସାର୍ଟିଫିକେଟ ବାତିଲ ପରି ବ୍ୟବସ୍ଥା ଏଥିରେ ରହିଛି। ମାତ୍ର ସରକାର ଏବେ ସମାନ ଆଇନର ଉଲ୍ଲଂଘନ ପାଇଁ ଏବେ ନିଜର ଏକ ନିୟମ ଆଣିବାକୁ ଉଦ୍ୟମ କରୁଛନ୍ତି। ପେଟ୍ରୋଲ, ଡିଜେଲ ଯୋଗାଣ ବନ୍ଦ କରିବାକୁ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ଅଗଣତାନ୍ତ୍ରିକ ଏବଂ ବେଆଇନ ବୋଲି କୁହାଯାଉଛି। ପେଟ୍ରୋଲ, ଡିଜେଲ ଅତ୍ୟନ୍ତ ଦରକାରୀ ଇନ୍ଧନ ଅଟେ। ଏହାର କୌଣସି ପରିସ୍ଥିତିରେ ସାମାନ୍ୟ ସମୟ ପାଇଁ ଯୋଗାଣ ବନ୍ଦ ହେଲେ, ଏହା ରାଜ୍ୟ କିମ୍ବା ଦେଶର ଅର୍ଥନୀତି ଉପରେ କୁପ୍ରଭାବ ପକାଇଥାଏ। ଏପରିସ୍ଥଳେ ରାଜ୍ୟ ସରକାର ଏକ ବେଆଇନ ନିୟମ ଆଣି ସାଧାରଣ ଲୋକଙ୍କୁ ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ କରିବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଅନ୍ୟପକ୍ଷରେ ପ୍ରଦୂଷଣ ପ୍ରମାଣପତ୍ର ନ ଥିବା ଯୋଗୁଁ ଗୋଟିଏ ଗୋଟିଏ ଗାଡ଼ିକୁ ଗୋଟିଏ ଦିନରେ ୩/୪ଟି ଟୋଲ୍ ଗେଟ୍‌ରେ ୧୦ ହଜାର ଟଙ୍କା ଲେଖାଏଁ ୩୦ରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଚାଲାଣକୁ ଆଇନଜୀବୀମାନେ ଅନ୍ୟାୟ ଓ ଅଯୌକ୍ତିକ ବୋଲି କହିଛନ୍ତି ।

## ଶ୍ରୀମନ୍ଦିର କ୍ୟାଲେଣ୍ଡରରେ ବଡ଼ ତ୍ରୁଟି

ପୁରୀ,୩୧।୧୨(ସମିସ): ବର୍ଷ ଶେଷରେ ବଡ଼ ଭୁଲ୍ କରିଦେଇଛି ଶ୍ରୀମନ୍ଦିର ପ୍ରଶାସନ। ଆଉ ସବୁଠୁ ଦୁର୍ଭାଗ୍ୟର ବିଷୟ ହେଉଛି ତାହା ପୁଣି ମହାପ୍ରଭୁଙ୍କୁ ନେଇ। ପ୍ରତିବର୍ଷ ଭଳି ଏଥର ମଧ୍ୟ ମନ୍ଦିର ପ୍ରଶାସନ ପ୍ରସ୍ତୁତ କରିଛି ଇଂରାଜୀ ନବବର୍ଷ ୨୦୨୬ କ୍ୟାଲେଣ୍ଡର। ଏହି କ୍ୟାଲେଣ୍ଡରରେ ମହାପ୍ରଭୁଙ୍କର ଯେଉଁ ଚିତ୍ର ସ୍ଥାନିତ କରାଯାଇଛି ସେଥିରେ ଗୁରୁତର ତ୍ରୁଟି ଥିବା ପରିଲକ୍ଷିତ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଭାଇ ଶ୍ରୀବଳଭଦ୍ରଙ୍କ ସ୍ଥାନ ଅଦଳବଦଳ କରିଦିଆଯାଇଛି। ଅର୍ଥାତ୍ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଶ୍ରୀବଳଭଦ୍ର ଏବଂ ଶ୍ରୀବଳଭଦ୍ରଙ୍କ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ଚିତ୍ର ଥିବା ଫଟୋ କ୍ୟାଲେଣ୍ଡରରେ ସ୍ଥାନ ପାଇଛି। କେବଳ ଏହି ଗୋଟିଏ ତ୍ରୁଟି ନୁହେଁ ଏକାଧିକ ଭୁଲ୍‌କୁ ନେଇ ସାମାଜିକ ଗଣମାଧ୍ୟମରେ ସମାଲୋଚନାର ଶରବ୍ୟ ହୋଇଛି ମନ୍ଦିର ପ୍ରଶାସନ। ଚତୁର୍ଦ୍ଧାବିଗ୍ରହଙ୍କ ଫଟୋରେ ଶ୍ରୀସୁଦର୍ଶନଙ୍କୁ ମଧ୍ୟ ସ୍ଥାନ ଦିଆଯାଇ ନାହିଁ। ସେହିପରି କ୍ୟାଲେଣ୍ଡରରେ ରହିଥିବା ତିନିରଥରେ ମଧ୍ୟ ତ୍ରୁଟି ଦେଖିବାକୁ ମିଳିଛି। ରଥଟଣା ହେଉ କି ରଥ ଖଳାରେ ନିର୍ମାଅବା ସିଂହଦ୍ୱାର ସମ୍ମୁଖରେ ସବୁବେଳେ ଭଉଣୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ମଝିରେ ଥାଏ। ହେଲେ ଏଥିରେ ବ୍ୟତିକ୍ରମ ଘଟିଛି। ପ୍ରଥମେ ଦର୍ପଦଳନ ରଥ ରହିଥିବାବେଳେ ପରେ ଜଗନ୍ନାଥଙ୍କ ନନ୍ଦିଘୋଷ ଏବଂ ଶେଷରେ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ସ୍ଥାନ ପାଇଛି। ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରୁଥିବା ଶ୍ରୀମନ୍ଦିର ପ୍ରଶାସନ ନିଜେ କିପରି ଏଭଳି ଅକ୍ଷମଣୀୟ ତ୍ରୁଟି କଲା ତାହାକୁ ନେଇ ସମସ୍ତେ ପ୍ରଶ୍ନ ଉଠାଇଥିବା ବେଳେ ଏଭଳି ତ୍ରୁଟି ପାଇଁ ମନ୍ଦିର ପ୍ରଶାସନ କ୍ଷମା ପ୍ରାର୍ଥନା କରିଛି।



- ■ କ୍ଷୋଭ ପ୍ରକାଶ କଲେ ଭକ୍ତ, ସେବାୟତ
- ■ ପ୍ରୋଜେକ୍ଟ କଲ୍‌ଚରାଲ ସବ୍ କମିଟି ଜାଣିଥିଲା ନା ନାହିଁ?
- ■ କ୍ଷମା ପ୍ରାର୍ଥନା କଲା ଶ୍ରୀମନ୍ଦିର ପ୍ରଶାସନ
- ■ ସ୍ଥଗିତ ରହିଲା କ୍ୟାଲେଣ୍ଡର ବିକ୍ରି

ତେବେ ଏଭଳି ତ୍ରୁଟିକୁ ଜଗନ୍ନାଥପ୍ରେମୀ ଭକ୍ତ ଓ ଶ୍ରୀମନ୍ଦିର ସେବାୟତ ସମାଲୋଚନା କରିଛନ୍ତି। କାହା ପରାମର୍ଶରେ ଶ୍ରୀମନ୍ଦିର ପ୍ରଶାସନ ଏଭଳି ତ୍ରୁଟିପୂର୍ଣ୍ଣ ଫଟୋ କ୍ୟାଲେଣ୍ଡରରେ ସ୍ଥାନ ଦେଇଛି ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ବି ପ୍ରୋଜେକ୍ଟ କଲ୍‌ଚରାଲ ସବ୍ କମିଟି ରହିଛି। ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ବହୁ ବିଦ୍ୱାନ, ଜ୍ଞାନୀଗୁଣି ବ୍ୟକ୍ତି ଏହାର ସଦସ୍ୟ ଅଛନ୍ତି। ମନ୍ଦିର ପ୍ରଶାସନର ଏହି କ୍ୟାଲେଣ୍ଡର ଛାପିବା ପୂର୍ବରୁ କ'ଣ ସେମାନଙ୍କୁ ଏହା ଦେଖାଇ ନ ଥିଲା? ଯଦି ଦେଖାଥିଲା ତା'ହେଲେ ଏଭଳି ତ୍ରୁଟି ଖସିଗଲା ▸ପୃଷ୍ଠା-୭

### ରାଜ୍ୟବାସୀଙ୍କୁ ନବୀନଙ୍କ ନୂଆବର୍ଷ ଶୁଭେଚ୍ଛା



ଭୁବନେଶ୍ୱର,୩୧।୧୨(ସମିସ): ଇଂରାଜୀ ନୂଆବର୍ଷ ୨୦୨୬ ଉପଲେକ୍ଷ ବିରୋଧୀ ଦଳନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏକ ଭିଡିଓ ବାର୍ତ୍ତାରେ ନବୀନ କହିଛନ୍ତି, ନୂଆବର୍ଷ ୨୦୨୬ ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ବହୁତ ଅଭିନନ୍ଦନ ଜଣାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର କରୁଣାରୁ ନୂଆବର୍ଷ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି ଓ ସଫଳତାର ବର୍ଷ ହେଉ ବୋଲି ନବୀନ କହିଛନ୍ତି।

## ଗ୍ୟାରେଜରେ ୨ ଯୁବକଙ୍କୁ ପିଟିପିଟି ହତ୍ୟା

କଟକ/ଟାଙ୍ଗୀ,୩୧।୧୨(ସମିସ): କଟକ ଜିଲ୍ଲାର ଟାଙ୍ଗୀ ଅଞ୍ଚଳରେ ବର୍ଷ ଶେଷରେ ଏକ ହୃଦୟବିଦାରକ ଡବଲ ମର୍ଡର ଘଟଣା ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ୨୦୨୫କୁ ବିଦାୟ ଦେଇ ୨୦୨୬କୁ ସ୍ୱାଗତ କରିବା ପାଇଁ ସମସ୍ତେ ପ୍ରସ୍ତୁତ ହେଉଥିବା ବେଳେ ଏହି ନିର୍ମମ କାଣ୍ଡ ଲୋକଙ୍କ ଛାତି ଥରାଇ ଦେଇଛି। ଟାଙ୍ଗୀ ଥାନା ଅନ୍ତର୍ଗତ ନିର୍ଗୁଣ୍ଡି ରେଳଷ୍ଟେସନ ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା 'ଓମ୍ ନମଃ ନାରାୟଣୀ' ପୋକଲିନ୍ ଗ୍ୟାରେଜରେ ମଙ୍ଗଳବାର

### ଗ୍ୟାରେଜ ମାଲିକ ଓ ଜଣେ କର୍ମଚାରୀ ଥାନାରେ ଅଟକ

ବିଳମ୍ବିତ ରାତିରେ ଏକ ବର୍ବରୋଚିତ ହତ୍ୟାକାଣ୍ଡ ଘଟିଛି। ଦୁର୍ବୃତ୍ତମାନେ ଦୁଇଜଣ ଯୁବକଙ୍କୁ ଅତି ଅମାନୁଷିକ ଭାବେ ପିଟି ପିଟି ମାରିଦେଇଥିବା ବେଳେ ବୁଧବାର ସକାଳେ ସେମାନଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଦ୍ୱୟ ହେଲେ ଟାଙ୍ଗୀ ବିଲତେରୁଆଁ ଗ୍ରାମର ମହମ୍ମଦ ସୋଏବ (୨୦) ଏବଂ ଚୌଦ୍ୱାର ଯାତ୍ରାପଡ଼ିଆ ଅଞ୍ଚଳର ପ୍ରଶାନ୍ତ ଜେନା (୨୨) ଉଭୟ ସ୍ଥାନୀୟ ଅଞ୍ଚଳରେ ଥିବା ମେଡିସିନ ଗୋଦାମରେ କାମ କରୁଥିଲେ।

ପୁଲିସର ପ୍ରାଥମିକ ଅନୁସନ୍ଧାନରୁ ହତ୍ୟାକାଣ୍ଡର ଯେଉଁ ଚିତ୍ର ସାମ୍ନାକୁ ଆସିଛି, ତାହା ଅତ୍ୟନ୍ତ ଭୟାବହ। ହତ୍ୟା ପୂର୍ବରୁ ଦୁଇ ଯୁବକଙ୍କୁ ପ୍ରବଳ ନିର୍ଯାତନା ଦିଆଯାଇଥିଲା। ଦୁର୍ବୃତ୍ତମାନେ ସେମାନଙ୍କ ପୋଷାକ କାଢ଼ି ଗ୍ୟାରେଜ୍ ଭିତରେ ଥିବା ଏକ ଖମ୍ବରେ ବାନ୍ଧି ଦେଇଥିଲେ। ଏହାପରେ ସେମାନଙ୍କ ଉପରେ ଥଣ୍ଡା ପାଣି ଢାଳି ନିର୍ଦ୍ଦୟଭାବେ ପିଟିପିଟି ସେମାନଙ୍କୁ ହତ୍ୟା କରିଥିଲେ। ସକାଳେ ଘଟଣାସ୍ଥଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ଏ ସମ୍ପର୍କରେ ଦୋକାନ ମାଲିକଙ୍କୁ ଜଣାଇବା ପରେ ସେ ପହଞ୍ଚି ଟାଙ୍ଗୀ ଥାନାକୁ ଖବର ଦେଇଥିଲେ।

ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଟାଙ୍ଗୀ ଥାନା ଅଧିକାରୀ ଡ. ବିକାଶ ସେଠୀ, ଚୌଦ୍ୱାର ଏସଡିପିଓ ଉମାକାନ୍ତ ନାୟକ, ଅତିରିକ୍ତ ଆରକ୍ଷୀ ନିରୀକ୍ଷକ ଏବଂ ଏକ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହତ୍ୟାକାଣ୍ଡ ପରଠାରୁ ଗ୍ୟାରେଜର କର୍ମଚାରୀମାନେ ଫେରାର ଥିବାରୁ ସେମାନଙ୍କ ଉପରେ ସନ୍ଦେହ ଦୃଢ଼ୀଭୂତ ହୋଇଛି। ଗ୍ୟାରେଜରେ କାମ କରୁଥିବା ବାଲେଶ୍ୱର ସୋର ଅଞ୍ଚଳର ଜଣେ କର୍ମଚାରୀଙ୍କୁ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ବାଲେଶ୍ୱରରୁ ଧରିଥିବା ସୂଚନା ମିଳିଛି। ଗ୍ୟାରେଜ ମାଲିକ ଦିଲ୍ଲୀପ ନାୟକ ଓ ବାଲେଶ୍ୱରରୁ ଧରା ପଡ଼ିଥିବା ଜଣେ କର୍ମଚାରୀଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଛି। ଘଟଣାସ୍ଥଳରୁ ପୁଲିସ ▸ପୃଷ୍ଠା-୭


DADLS-73




ନବ ବର୍ଷ-୨୦୨୬ ଅବସରରେ ମୁଁ ସମସ୍ତ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଓ ଶୁଭେଚ୍ଛା ଜଣାଉଛି । ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା । ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରି ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

### ଇଂରାଜୀ ନୂଆବର୍ଷ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ନୂଆବର୍ଷ ୨୦୨୬ ଉପଲକ୍ଷେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ସୁଖମୟ ହେଉ । ୨୦୨୬ ବର୍ଷ ଓଡ଼ିଶା ପାଇଁ ଶାନ୍ତି, ପ୍ରଗତି ଓ ସମୃଦ୍ଧିର ବର୍ଷ ହେଉ । ଆସନ୍ତୁ, ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-




# ଟୋକନ ଦାବିରେ ଯୋଗାଣ କାର୍ଯ୍ୟାଳୟ ଘେରଉ


ବଲାଙ୍ଗିର, ୩୧।୧୨(ସମିସ)

ବଲାଙ୍ଗିର ଜିଲ୍ଲାରେ ଚାଷୀଙ୍କୁ ଟୋକନ ମିଳିନି। ଧାନ ଅମଳ କରି ମାସେ ଦି ମାସ ବିତିସାରିଲାଣି; ହେଲେ ଧାନ କେବେ ମଣ୍ଡିରେ ବିକ୍ରି କରିବେ ସେ ଚିନ୍ତାରେ ଚାଷୀଙ୍କ ଆଖିରୁ ନିଦ ହଜିଗଲାଣି। ବୁଧବାର ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ କୁଶମେଲ ପେକ୍ସର ୨୨୦ ଜଣ ଚାଷୀ ଟୋକନ ଆସି ନ ଥିବା ଅଭିଯୋଗ କରି ଯୋଗାଣ କାର୍ଯ୍ୟାଳୟ ଘେରଉ କରିଛନ୍ତି। ସମସ୍ୟା ସମାଧାନ କରିବା ପାଇଁ ଯୋଗାଣ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ କେବଳ କୁଶମେଲ କାହିଁକି; ଜିଲ୍ଲାର ଅନ୍ୟ ପେକ୍ସରେ ମଧ୍ୟ ଏହିଭଳି ଚାଷୀଙ୍କ ସମସ୍ୟା ରହିଥିବା ଅଭିଯୋଗ ହୋଇଛି। ତେବେ ଯୋଗାଣ ଅଧିକାରୀ ଏହି ସମସ୍ୟା ବିଷୟରେ କୌଣସି ଗୁରୁତ୍ୱ ଦେଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି।

ବଲାଙ୍ଗିର ଜିଲ୍ଲାରେ ଚାଷୀଙ୍କ ସମସ୍ୟା ଅନେକ। ଯଦିଓ ଧାନ କିଣା ଜିଲ୍ଲାରେ ଆରମ୍ଭ ହୋଇଛି ତଥାପି ଏଯାଏଁ ସ୍ୱାଭାବିକ ଭାବେ ସବୁ ମଣ୍ଡିରେ ଆରମ୍ଭ ହୋଇପାରିନାହିଁ। ଏହାକୁ ନେଇ ସବୁଆଡେ ଅସନ୍ତୋଷ ଦେଖାଦେଇଛି। ବୁଧବାର ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ କୁଶମେଲ ପେକ୍ସର ଚାଷୀ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରଉ କରିଥିଲେ। ଏହି ପେକ୍ସରେ ୭୪୦ପଞ୍ଜିକୃତ ଚାଷୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୨୨୦ ଜଣ ଚାଷୀଙ୍କ ଟୋକନ ବୁଧବାର ସୁଦ୍ଧା ଆସି ନ ଥିବା ଅଭିଯୋଗ କରିଥିଲେ। ଏନେଇ ଏକାଧିକ ଥର ସେମାନେ ଅଭିଯୋଗ କରଛନ୍ତି। ଯୋଗାଣ ବିଭାଗର ଅଧିକାରୀ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ କରିଥିଲେ। ଏହା ଫଳରେ ଚାଷୀ ସ୍ଥାନୀୟ ସରପଞ୍ଚ କସ୍ତୁବ ସାହୁଙ୍କ ନେତୃତ୍ୱରେ କାର୍ଯ୍ୟାଳୟ ବାହାରେ ବସି ରହିଥିଲେ। ଅବଶ୍ୟ ପରେ ଯୋଗାଣ ଅଧିକାରୀ ଆସି ଦୁଇ ଦିନ ଭିତରେ ସମସ୍ତଙ୍କୁ ଟୋକନ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଏହା କେବଳ କୁଶମେଲ ପେକ୍ସ କଥା ନୁହଁ; ଜିଲ୍ଲାର ସମସ୍ତ ପେକ୍ସ, ବ୍ଲକରେ ସମାନ ସମସ୍ୟା ଦେଖାଦେଇଛି। ବହୁ ସଂଖ୍ୟାରେ ଚାଷୀ ଟୋକନରୁ ବଞ୍ଚିତ ରହିଛନ୍ତି। ଯେଉଁମାନଙ୍କ ଟୋକନ ଆସିଛି ଅଳ୍ପ ପରିମାଣର ଧାନ ବିକ୍ରି କରିପାରିବେ। ଅନେକ ଚାଷୀଙ୍କ ଟୋକନ ଅବଧି ପୂରଣ ହୋଇସାରିଛି। ସେମାନେ ଧାନ ବିକ୍ରି କରିପାରିବେ ନା ନାହିଁ ସେନେଇ ସନ୍ଦେହରେ ରହିଛନ୍ତି। ଜିଲ୍ଲାର ସମସ୍ତ ମଣ୍ଡି ଠିକ ଭାବେ କାର୍ଯ୍ୟକ୍ଷମ ହୋଇପାରି ନ ଥିବା ବେଳେ ଅଧିକାରୀମାନେ ସମସ୍ୟା ସମାଧାନ କରିବା ବଦଳରେ କାର୍ଯ୍ୟାଳୟରେ ବସି ସମୟ ଗଡ଼ାଉଥିବା ଚାଷୀ ଅଭିଯୋଗ କରିଛନ୍ତି। ମଣ୍ଡିରେ ପେକ୍ସ ସମ୍ପାଦକମାନେ ଧାନ ଦଲାଲଙ୍କ ସହ ମିଶି ମନଇଚ୍ଛା ଧାନ କିଣୁଥିବା ବେଳେ ମଣ୍ଡିକୁ ଯାଇ କୌଣସି ଜଣେ ବି ଅଧିକାରୀ ଯାଞ୍ଚି କରୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଦଲାଲ, ମିଲର୍ସଙ୍କ ସହ ମିଶି ପେକ୍ସ ସମ୍ପାଦକମାନେ ଅନିୟମିତତା କରିବା ଆରମ୍ଭ କରିଦେଇଥିବା ଅଭିଯୋଗ ହୋଇଛି। ସେହିପରି ଜିଲ୍ଲାର ପ୍ରାୟ ସମସ୍ତ ମଣ୍ଡିରେ ତିନିରୁ ୫କେଜି ଧାନ କଟନୀ କରାଯାଉଛି। ଏଥିପ୍ରତି ମଧ୍ୟ ବିଭାଗୀୟ ଅଧିକାରୀଙ୍କ ନଜର ନ ଥିବା ଅଭିଯୋଗ ହୋଇଛି। ତେବେ ଜିଲ୍ଲାରେ ସ୍ୱଚ୍ଛତା ଓ ସୁବିଧାର ସହ ଧାନ ବିକ୍ରି କରିବା ପାଇଁ ନିୟମିତ ଚଢଉ, ଯାଞ୍ଚର ଆବଶ୍ୟକତା ରହିଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

**କୁଶମେଲ ପେକ୍ସର ୨୨୦ ଚାଷୀ ଟୋକନରୁ ବଞ୍ଚିତ**

**ପ୍ରଶାସନକୁ କୌଣସି ଫରକ ପଡୁନି**




## ଅସ୍ମିତା ଖେଲୋ ଇଣ୍ଡିଆ କିକ୍ ବକ୍ସିଂରେ ବଲାଙ୍ଗିର ଝିଅଙ୍କ ସଫଳତା



**ବଲାଙ୍ଗିର, ୩୧।୧୨ (ସମିସ):** ଯାଜପୁରସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଅସ୍ମିତା ଖେଲୋ ଇଣ୍ଡିଆ କିକ୍ ବକ୍ସିଂ ପ୍ରତିଯୋଗିତାରେ ଝିଅଙ୍କୁ ସଫଳତା ମିଳିଛି। ଏହି ପ୍ରତିଯୋଗିତାରେ ୨୨୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବଲାଙ୍ଗିର ଜିଲ୍ଲା ଆମେଚ୍ୟୁର କିକ୍ ବକ୍ସିଂ ସଂଘରୁ ୮ ଜଣ ଖେଳାଳି ଶେଖର କିକ୍ ବକ୍ସିଂ ଏକାଡେମୀର ପ୍ରଶିକ୍ଷକ ଚନ୍ଦ୍ରଶେଖର ସେଠ ଓ ମ୍ୟାନେଜର ବଦ୍ରିନାଥ ହୋତାଙ୍କ ତତ୍ତ୍ୱାବଧାନରେ ଏଥିରେ ଭାଗ ନେଇଥିଲେ। ସବ୍ ଜୁନିୟରରେ ଅଭିପ୍‌ସା ହୋତା ୨ଟି ସ୍ୱର୍ଣ୍ଣ ପଦକ, ପ୍ରିୟାଂସି ମିଶ୍ର ଗୋଟିଏ ସ୍ୱର୍ଣ୍ଣପଦକ ଓ ଗୋଟିଏ କାଂସ୍ୟ, ହେମଲତା ଭୋଇ ଗୋଟିଏ ସ୍ୱର୍ଣ୍ଣ ପଦକ, ଶୀତଳ ସାହୁ ଗୋଟିଏ ରୌପ୍ୟ ପଦକ ହାସଲ କରିଛନ୍ତି। ଜୁନିୟରରେ କିରନ ସେଠ ଗୋଟିଏ ସ୍ୱର୍ଣ୍ଣପଦକ ପାଇଛନ୍ତି। ଅଭିପ୍‌ସା ହୋତା, ପ୍ରିୟାଂସି ମିଶ୍ର, ହେମଲତା ଭୋଇ ଓ କିରନ ସେଠ ଜାତୀୟ ଜୋନାଲ ଅସ୍ମିତା ଖେଲୋ ଇଣ୍ଡିଆ କିକ୍ ବକ୍ସିଂ ପାଇଁ ମନୋନିତ ହୋଇଛନ୍ତି। ଚନ୍ଦ୍ରଶେଖର ସେଠ ଓ ମୁରଲି ମହାକୁର ଯଥାକ୍ରମେ ରେଫରି ଏବଂ ଜଜ୍ ଦାୟିତ୍ୱ ତୁଲାଇଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ସତ୍ୟପ୍ରକାଶ ମିଞ୍ଜ, ଓଡ଼ିଶା କିକ୍ ବକ୍ସିଂ ସଂଘର ସଭାପତି କାର୍ତ୍ତିକ ଡାକୁଆ, ବଲାଙ୍ଗିର ଜିଲ୍ଲା କିକ୍ ବକ୍ସିଂ ସଂଘର ସଭାପତି ଅଯୋଧ୍ୟା ମିଶ୍ର, ସମ୍ପାଦକ ଭଗବାନ କୁମ୍ଭାର, ଜିଲ୍ଲା କରାଟେ ସଂଘର ସମ୍ପାଦକ ହୃଦୟ ଶବର, ସୁରେନ୍ଦ୍ର ସାହୁ, ନିଳାଞ୍ଚଳ ନାହାକ, ଖ୍ୱାଇସ ବନଛୋର ପ୍ରମୁଖ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।







## ମାଁ ପାଟଖଣ୍ଡା କ୍ରିକେଟ: ଦେଓଗାଁ ଚାମ୍ପିଅନ

**ଦେଓଗାଁ, ୩୧।୧୨(ସମିସ):** ଉପରଝର ମିନି ଷ୍ଟାଡିୟମରେ ଆଜାଦ ହିନ୍ଦ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ମାଁ ପାଟଖଣ୍ଡା କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ବଗଡ଼ା ଓ ଦେଓଗାଁ ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ବଗଡ଼ା ଦଳକୁ ୬୨ରନ୍‌ରେ ହରାଇ ଦେଓଗାଁ ଦଳ ଚାମ୍ପିଅନ ହୋଇଛି। ଖେଳକୁ ରଞ୍ଜନ ପଧାନ, ମିଳନ ପଧାନ ଓ ମାଧବ ବିଶ୍ୱାଳ ପରିଚାଳନା କରିଥଲେ। ମୟ ଜୁଆଳି, ମୁକେଶ ସାହୁ ଓ ବୁଦ୍ଧଦେବ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଆଇନଜୀବୀ ଅମରେନ୍ଦ୍ର ମିଶ୍ର, ସମ୍ମାନୀତ ଅତିଥି ଭାବେ ଅସୀମ ଭୋଇ, ଅସିତ ମିଶ୍ର, ପୂର୍ବତନ ସରପଞ୍ଚ ତର୍କଚନ୍ଦ୍ର ଭୋଇ, ଗୋବର୍ଦ୍ଧନ ସାହୁ ପ୍ରମୁଖ ଯୋଗ ଦେଇ ଥିଲେ। କ୍ଲବ୍ ସଭାପତି ରମେଶ ମହାପାତ୍ର, ଉପସଭାପତି ଦେବରାଜ ସାହୁ, ସମ୍ପାଦକ ରାଜା ପଧାନ ପ୍ରମୁଖ ସହଯୋଗ କରିଥିଲେ।












### ଅଣ୍ଡର ବ୍ରିଜ ତଳେ ପୁଣି ଆଣ୍ଠୁଏ ପାଣି

# ଅଭିଯୋଗ ପରେ ବି ହେଉନି ସମାଧାନ

**କେସିଙ୍ଗା, ୩୧।୧୨(ସମିସ):** କେତେ ଆଶା କେତେ ଆକାଂକ୍ଷା ନେଇ କେସିଙ୍ଗାବାସୀ ଦୀର୍ଘଦିନ ଆନ୍ଦୋଳନ କରିବା ପରେ ରେଳ ବିଭାଗ ଓ ତତ୍କାଳୀନ ବିଜେଡି ସରକାର ଅମଳରେ ଏକ ଅଣ୍ଡର ବ୍ରିଜ ନିର୍ମାଣ କରାଗଲା।



ଲାଗୁଥିଲା ଅଣ୍ଡର ବ୍ରିଜ କେସିଙ୍ଗାବାସୀଙ୍କ ପାଇଁ ବରଦାନ ହେବ ହେଲେ ବରଦାନ ବଦଳରେ ତାହା ଏବେ କେସିଙ୍ଗାବାସୀଙ୍କ ପାଇଁ ଅଭିଶାପ ପାଲଟିଛି। କାରଣ ଅଣ୍ଡର ବ୍ରିଜ ହେବା ଦିନ ଠାରୁ ଫାଟକକୁ ଅନିଶ୍ଚିତକାଳ ପାଇଁ ବନ୍ଦ କରି ଦିଆଯାଇଛି। ଫଳରେ ସବୁ ଗାଡ଼ି ମଟର ଅଣ୍ଡର ବ୍ରିଜ ହୋଇ ପାସ ହେଉଛି। ସେହି ଅଣ୍ଡର ବ୍ରିଜର ରକ୍ଷଣାବେକ୍ଷଣର ଦାୟିତ୍ୱ ରେଳ ବିଭାଗ ନିଜ ପାଖରେ ରଖୁଛି। କେବେ ଅଣ୍ଡର ବ୍ରିଜର ଲାଇଟ ଜଳୁନାହି ତ କେବେ ଅଣ୍ଡର ବ୍ରିଜ ରାସ୍ତା ଖରାପ ହୋଇ ଯାତାୟାତରେ ବାଧା ସୃଷ୍ଟି ହେଉଛି। କିଛି ଦିନ ତଳେ ଅଣ୍ଡର ବ୍ରିଜ ପାଖରେ ପାଣି ଲିକେଜ୍ ହେଉଛି ବୋଲି ଖବର ପ୍ରସାରଣ କରି ରେଳ ବିଭାଗକୁ ଟୁଇଟର ଯୋଗେ ଟୁଇଟ କରି ଜଣାଇ ଥିଲେ। ହେଲେ ଆଜକୁ ପ୍ରାୟ ୧୫ ଦିନ ହେଲାଣି ନା ରେଳ ବିଭାଗର ଦୃଷ୍ଟିଇ ପଡୁଛି ନା କେସିଙ୍ଗା ତେଲ ନଦୀରୁ ପାଣି ନେଉଥିବା ବେଦାନ୍ତ କମ୍ପାନୀର କର୍ମକର୍ତ୍ତାଙ୍କ ନଜର ପଡୁଛି। ଅହରହ ହଜାର ହଜାର ଲିଟର ପାଣି ବରବାଦ ହୋଇ ବର୍ତ୍ତମାନ ଅଣ୍ଡର ବ୍ରିଜ ତଳେ ଜମା ହୋଇ ପଡ଼ିରହିଛି ହାଲୁକା ଡ୍ରେନେଜ୍ ସିଷ୍ଟମ ଯୋଗୁଁ ପାଣି ନିଷ୍କାସିତ ହୋଇ ପାରୁନାହିଁ। ପାଖରେ ରେଳ ଓଭର ବ୍ରିଜ ନିର୍ମାଣ କାମ ମଧ୍ୟ ଚାଲିଛି। ଯଦି ଓଭର ବ୍ରିଜ ନିର୍ମାଣ କାମ କରୁଥିବା ସଂସ୍ଥାର କାମ ଯୋଗୁଁ ପାଣି ଆସୁଛି ତାହାହେଲେ ପାଣି ନିଷ୍କାସନର ବ୍ୟବସ୍ଥା କାହିଁକି କରାଯାଉନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ପଟେ ବେଦାନ୍ତ ପାଇପରୁ ପାଣି ଲିକେଜ୍ ଅନ୍ୟପଟେ ରେଳ ଓଭର ବ୍ରିଜ ନିର୍ମାଣ ପାଇଁ ଖାଲରେ ଥିବା ପାଣିକୁ ଅଣ୍ଡର ବ୍ରିଜ ତଳକୁ ଛାଡ଼ିବା ଫଳରେ ଯିବା ଆସିବା ପାଇଁ ଅସୁବିଧା ହେବା ସହିତ ଅଣ୍ଡର ବ୍ରିଜ ରାସ୍ତା ମଧ୍ୟ ଖରାପ ହେବାରେ ଲାଗିଛି। ଯଥାଶୀଘ୍ର ପାଣି ଲିକେଜ ବନ୍ଦ କରିବା ସହିତ ଡ୍ରେନେଜ ସିଷ୍ଟମକୁ ଭଲ କରିବା ପାଇଁ ସାଧାରଣରେ ଦାବି ହେଉଛି।

# କୋଷାବରା ହେଲୋ ପଏଣ୍ଟରେ ମାଳିଚଗା ପର୍ବ

**ଥୁଆମୂଳ ରାମପୁର, ୩୧।୧୨(ସମିସ):** ମାଳି ଚଗା ଏବଂ ରାଜାରାଣୀ ଝାମୁ ଯାତ୍ରା ସହ ଶେଷ ହେଲା ଆଦିବାସୀଙ୍କ ପୌଷ ପର୍ବ। ବୁଧବାର ଥୁଆମୂଳ ରାମପୁର ବ୍ଲକ ହେଲେ ପଏଣ୍ଟ ଠାରେ ରାଜାରାଣୀ ଝାମୁଯାତ୍ରା ଏବଂ ମାଳିଚଗା ସହିତ ସମ୍ପନ୍ନ ହୋଇଯାଇଛି ଚଳିତ ବର୍ଷ ପୌଷ ପର୍ବର ଅନ୍ତିମ ଉତ୍ସବ। ହେଲୋ ପଏଣ୍ଟ ଠାରେ ଅନୁଷ୍ଠିତ ପର୍ବରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ଗୀତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆମନ୍ତ୍ରିତ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ତଥା ଜିଲ୍ଲା ସମ୍ପାଦକ ମାଣିକ୍ୟ ଚନ୍ଦ୍ର ନାଏକ, ବ୍ଲକ ସଭାପତି କପିଳାସ ନାଏକ, ଅବସର ପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ମୁଣ୍ଡଛିନା, ସ୍ଥାନୀୟ ନେତା ରୁକ୍ତା ମାଝୀ, କୃଷ୍ଣଚନ୍ଦ୍ର ନାଏକ, କଂଗ୍ରେସ ଯୁବ ନେତା କ୍ରୀଷ୍ଣା ମାଝୀ, ଆଦିବାସୀ ସଭାପତି ସନାତନ ମାଝୀ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ରାଜାରାଣୀ ପାହାଡର ଦେବୀଙ୍କ ପୀଠରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ଏଠାରେ କାଳିସୀ ଲାଗି ପୂଜକ ମାନେ କଣ୍ଟା ଦୋଳିରେ ବସି ଝୁଲିବା ପରେ ଜଳନ୍ତା ଅଙ୍ଗାରରେ ଚାଲି ଅଗ୍ନି ପରୀକ୍ଷା ଦେଇଥିବା ଦେଖିବାକୁ ମିଳିଥିଲା। ଏହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁଲୋକଙ୍କ ସମାଗମ ହୋଇଥିବାର ଦେଖିବାକୁ ମିଳିଥିଲା। ହେଲେ ପଏଣ୍ଟ ରାଜାରାଣୀ ଉତ୍ସବ କମିଟି କୋଷାବରା ଦ୍ୱାରା ଆୟୋଜିତ ଉତ୍ସବ ଶାନ୍ତି ଶୃଙ୍ଖଳାର ସହିତ ଉଦଯାପିତ ହୋଇଥିଲା। ଆଦିବାସୀଙ୍କ ମହାନ ପର୍ବ 'ଟୋକିମରା'ପରବ୍ ପାଳନ ଅବସରରେ ବର୍ଷର ବିଭିନ୍ନ ସମୟରେ ପର୍ଯ୍ୟାୟକ୍ରମେ ପାରମ୍ପରିକ ରୀତିନୀତି ଅନୁଯାୟୀ ଭିନ୍ନ ଭିନ୍ନ ଉତ୍ସବ ପାଳନ କରୁଥିବାର ଦେଖାଯାଇଥାଏ। ମୁଖ୍ୟ ପର୍ବ 'ଟୋକିମରା' ଉତ୍ସବ ପରେ ଅନ୍ତିମ ପର୍ଯ୍ୟାୟରେ ବାଲିପଟା, ଧାଙ୍ଗଡ଼ି ଝୁଲା ଏବଂ ଧାଙ୍ଗଡ଼ି ଦେଖା ଭଳି ଉତ୍ସବ ପାଳନ ହୋଇଥାଏ। ହେଲେ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ହେଲେ ପଏଣ୍ଟ ଠାରେ ଦୀର୍ଘ ୨୨ ବର୍ଷ ହେବ ପୌଷ ପର୍ବର ଶେଷ ଉତ୍ସବ ଭାବେ ଏହି ଉତ୍ସବ ପାଳନ ହେଇ ଆସୁଛି। ରାଜାରାଣୀ ଝାମୁଯାତ୍ରା ବା ମାଳିଚଗା ଉତ୍ସବ ଭାବେ ପାଳନ ହେଇ ଆସୁଥିବା ଏହି ଉତ୍ସବରେ ସ୍ଥାନୀୟ ରାଜା ଏବଂ ରାଣୀ ନାମକ ଦୁଇ ପାହାଡକୁ ପୂଜା କରାଯାଇଥାଏ।

# ଭୋଜି ଖାଇ ୧୦୦ଲୋକଙ୍କୁ ଝାଡ଼ାବାନ୍ତି

**କେସିଙ୍ଗା, ୩୧।୧୨(ସମିସ)**

କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ବେଲଖଣ୍ଡିଗ୍ରାମର କଲୋନୀପଡ଼ାରେ ଭୋଜି ଖାଇ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ୧୧ଜଣ କେସିଙ୍ଗାଗୋଷ୍ଠି କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ବେଲଖଣ୍ଡିଗ୍ରାମର କଲୋନୀପଡ଼ାର ଏକ ଘରେ ରବିବାର ଭୋଜିର ଆୟୋଜନ ହୋଇଥିଲା। ଘର ପାଖ କିଛି ଲୋକ ଓ କିଛି ବନ୍ଧୁବାନ୍ଧବ ଓ ପରିଜନ ଭୋଜି ଖାଇ ଆସିଥିଲେ। ରବିବାର ଭୋଜି ଖାଇ ଯିଏ ଯାହା ଘରକୁ ଯାଇଥିଲେ। ସୋମବାର ରାତ୍ରିରୁ ଗ୍ରାମର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଲୋକ ଙ୍କୁ ଝାଡାବାନ୍ତି ଆରମ୍ଭ ହୋଇଥିଲା। ସେମାନଙ୍କୁ ବେଲଖଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ଯାଇ ଚିକିତ୍ସା କରାଯାଇଥିଲା। କିନ୍ତୁ ହସ୍ପିଟାଲରେ ଏତେ ଲୋକଙ୍କୁ ଚିକିତ୍ସା କରିବା ପାଇଁ ଜାଗା ନ ଥିବାରୁ କିଛି ଲୋକଙ୍କୁ କର୍ଲାମୁଣ୍ଡା, ଏମ.ରାମପୁର ଓ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ

**ସମିତି ମିଟିଂରେ ସରପଞ୍ଚଙ୍କ ଅଭିଯୋଗ**

ଚିକିତ୍ସା ପାଇଁ ଅଣାଯାଇଛି। ବେଲଖଣ୍ଡି ହସ୍ପିଟାଲର ଡାକ୍ତରୀ ଦଳ ମଧ୍ୟ ଉକ୍ତ ଗ୍ରାମକୁ ଯାଇ ଥିଲେ। କିନ୍ତୁ ରୋଗୀଙ୍କୁ ଉପଯୁକ୍ତ ଭାବେ ଚିକିତ୍ସା ନକରି ଫେରି ଆସିଥିବା ଅଭିଯୋଗ କରି ବୁଧବାର ଦିନ ବ୍ଲକରେ ଅନୁଷ୍ଠିତ ପଞ୍ଚାୟତ ସମିତି ମିଟିଂରେ ବେଲଖଣ୍ଡି ସରପଞ୍ଚ ସୁଶାନ୍ତ ବାଗ ଅଭିଯୋଗ କରି ପ୍ରସ୍ତାବ



ଆଗତ କରିଥିଲେ। ଏହାର ଉତ୍ତର ରେ ବେଲଖଣ୍ଡି ହସ୍ପିଟାଲର ମେଡିକାଲ ଅଫିସର ଡ.ପ୍ରତିଭା ରାୟ କହିଲେ ଉପଯୁକ୍ତ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିଲା। ରୋଗୀ ସଂଖ୍ୟା ଅଧିକ ହେବାରୁ ବିଭିନ୍ନ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି ବୋଲି। କିନ୍ତୁ ଦୀର୍ଘ ଦୁଇ ଦିନ ଧରି ଝାଡାବାନ୍ତି ଲାଗି ରହିଥିବାରୁ ବୁଧବାର ପାଷ୍ଟିକୁଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲ୍ଲାର ଏକ ମେଡିକାଲ ଟିମ୍ ପହଞ୍ଚି ବର୍ତ୍ତମାନ ଉକ୍ତ ଗ୍ରାମରେ ଚିକିତ୍ସା କରା ଯାଉଥିବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ବର୍ତ୍ତମାନ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମୁଦାୟ ୧୧ ଜଣ ରୋଗୀ ଅଛନ୍ତି ସେମାନଙ୍କ ମଧ୍ୟରୁ ୬ ଜଣ ମହିଳା ୪ ଜଣ ପୁରୁଷ ଓ ଜଣେ ଛୋଟ ଛୁଆ ଚିକିତ୍ସିତ ହେଉଛନ୍ତି। ପରିସ୍ଥିତି ନିୟନ୍ତ୍ରଣରେ ରହିଛି କାଲି ସୁଦ୍ଧା ସମସ୍ତେ ରିଲିଫ ହୋଇଯିବେ ବୋଲି ମେଡିକାଲ ସୂତ୍ରରୁ ଜଣାପଡ଼ିଛି। ଡାକ୍ତର ଫୁଡ୍ ପଏଜନ ବୋଲି କହିଛନ୍ତି।

### ବଜାରରେ ପ୍ଲାଷ୍ଟିକ ସାଗୁଦାନା ବିକ୍ରି

# ନମୁନା ସଂଗ୍ରହ କଲା ଖାଦ୍ୟ ସୁରକ୍ଷା ବିଭାଗ

**ନୂଆପଡ଼ା, ୩୧।୧୨(ସମିସ):** ନୂଆପଡ଼ା ଜିଲ୍ଲା ସଦର ମହକୁମାରେ ପ୍ଲାଷ୍ଟିକ ସାଗୁଦାନା ବିକ୍ରି କରାଯାଉଥିବା ନେଇ ଅଭିଯୋଗ ହେବାପରେ ଖାଦ୍ୟ ଯାଞ୍ଚ ବିଭାଗ ସମ୍ପୃକ୍ତ ଦୋକାନରୁ ନମୁନା ସଂଗ୍ରହ କରି ପରୀକ୍ଷଣ ସକାଶେ ପଠାଇଥିବା ଜଣାପଡ଼ିଛି। ପ୍ରକାଶ ଯେ ସ୍ଥାନୀୟ ଇସ୍କନ ମନ୍ଦିର ତରଫରୁ ମଙ୍ଗଳବାର ଦିନ ଜିବିଏମ ନାମକ ଏକ କମ୍ପାନୀର ସାବୁଦାନା କିଣାଯାଇଥିଲା। ଭୋଗ ସକାଶେ ତାକୁ ବୁତୁରାଯାଇଥିଲା। ହେଲେ




ଦୀର୍ଘ ଅଠର ଘଣ୍ଟା ପରେ ମଧ୍ୟ ତାହା ବୁତୁରିନଥିଲା ପ୍ଲାଷ୍ଟିକ ଭଳି ରହିଥିଲା। ଏହା ପରେ ମନ୍ଦିର ମୁଖ୍ୟ ଜଗମୋହନ ଦାସ ସ୍ଥାନୀୟ ଖାଉଟି ଅଦାଲତକୁ ଯାଇଥିବା ବେଳେ ପରେ ଖାଦ୍ୟ ସୁରକ୍ଷା ବିଭାଗକୁ ଯୋଗାଯୋଗ କରିଥିଲେ। ବିଭାଗ ତରଫରୁ ଏଫଏସଓ(ଫୁଡ ସିକ୍ୟୁରିଟି ଅଫିସର) କୃଷ୍ଣପ୍ରିୟା ସାହୁଙ୍କ ନେତୃତ୍ୱରେ ଏକ ଟିମ ଯେଉଁ ଦୋକାନରୁ ସାବୁଦାନା କିଣାଯାଇଥିଲା ସେ ଦୋକାନକୁ ଯାଇ ନମୁନା ସଂଗ୍ରହ କରାଯାଇଥିଲା। ଏହାକୁ ହରିୟାଣାସ୍ଥିତ ଲାବୋରେଟରୀକୁ ପରୀକ୍ଷଣ ସକାଶ ପଠାଯିବ। ଅନ୍ୟୁନ ପନ୍ଦର ଦିନ ଭିତରେ ରିପୋର୍ଟ ଆସିଯିବ ବୋଲି ଅଧିକାରୀ ସାହୁ କହିଛନ୍ତି। ଅନ୍ୟପକ୍ଷେ ଏହାକୁ ଗୁରୁତ୍ୱର ସହ ବିଚାରକୁ ନେବାକୁ ମନ୍ଦିର ମୁଖ୍ୟ ଦାସ ଅନୁରୋଧ କରିଛନ୍ତି। ସୂଚନା ଯୋଗ୍ୟ ଯେ ଏହି ଜିବିଏମ କମ୍ପାନୀ ପଡୋଶୀ ଛତିଶଗଡ଼ର ରାୟପୁରର ବୋଲି ଜଣାପଡ଼ିଛି। ଏଠାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାକୁ ଯୋଗାଣ ହୋଇଥାଏ।

# ଲାଖବାହାଲି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କରିବାକୁ ଦାବି

**ଲାଞ୍ଜିଗଡ଼, ୩୧।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ଦୁର୍ଗମ ଅଞ୍ଚଳରେ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚଶିକ୍ଷା ଆଜିବି ସାତ ସପନ ହୋଇରହିଛି। ବ୍ଲକର ପାହାଡ଼ପଦର, ମାଲିଯୁବାଙ୍ଗ, ଲାଖବାହାଲି, ବେନଗାଁ, ବିଜେପୁର, ତ୍ରିଲୋଚନପୁର, ଲାଞ୍ଜି ଆଦି ପଞ୍ଚାୟତ ଅଞ୍ଚଳର ଶହଶହ ଛାତ୍ରଛାତ୍ରୀ ହାଇସ୍କୁଲ ଶିକ୍ଷା ପରେ ଉଚ୍ଚ ଶିକ୍ଷା ପାଇଁ ବିଶ୍ୱନାଥପୁର, ଲାଞ୍ଜିଗଡ଼, ଭବାନୀପାଟଣା, ପଡୋଶୀ ଜିଲ୍ଲା ରାୟଗଡ଼ା ଅମ୍ବାଦଳା, ଓ, କଲ୍ୟାଣ ସିଂହପୁର ଉପରେ ନିର୍ଭର କରିଥାନ୍ତି। ଏପରିକି ଦୀର୍ଘ ବର୍ଷ ହେଲା ବ୍ଲକର ଘାଟି ଅଞ୍ଚଳରେ ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ ପାଇଁ ଦାବି ହୋଇଆସୁଛି। କିନ୍ତୁ ଆଜି ପର୍ଯ୍ୟନ୍ତ ଦାବି ପୂରଣ ହୋଇପାରିନି। ଏହାକୁ ଦୃଷ୍ଟିରେ ରଖି ଲାଖବାହାଲି ଯୁବଶକ୍ତି ଯୁବକ ସଂଘଙ୍କ ନେତୃତ୍ୱରେ ୬ଟି ପଞ୍ଚାୟତର ପ୍ରତିନିଧି ଦଳ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନଙ୍କ ଅନୁପସ୍ଥିତିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସ୍ମାରକପତ୍ର ପ୍ରଦାନ କରିବା ସହିତ, ଏଡ଼ିଏମ ତନ୍ମୟ ଦରୱାନ, ଜିଲ୍ଲା ଶିକ୍ଷାଧିକାରୀ ରାମାକାନ୍ତ ଛତ୍ରୀ, ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ର, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ ସମେତ କଳାହାଣ୍ଡି ସାଂସଦ ମାଳବିକା ଦେବିଙ୍କୁ ମଧ୍ୟ ବ୍ଲକର ଘାଟି ଅଞ୍ଚଳର ଲାଖବାହାଲି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରିବା ପାଇଁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଲାଖବାହାଲି ସରପଞ୍ଚ ପଦ୍ମିନୀ ମାଝୀ, ପାହାଡ଼ପଦର ସରପଞ୍ଚ ଲକ୍ଷ୍ମଣ ମାଝୀ, ବିଜେପୁର ସରପଞ୍ଚ ଜନନୀ ମାଝୀ, ମାଲିଯୁବଙ୍ଗ ସରପଞ୍ଚ ସମେତ ସମାଜସେବୀ ଖଗେଶ୍ୱର ନାଏକ, ବୈଦ୍ୟନାଥ ନାଏକ, କାକିଲ ନାଏକ, ଶିବ ମାଝୀ, ଲାଖବାହାଲି ଯୁବଶକ୍ତି ସଂଘର ଅନିଲ ନାଏକ, ବଳଭଦ୍ର ଶିବରାମ ନାଏକ ସୁରେଶ ନାଏକ, ନିବାସ ନାଏକ, ଡମେ ମାଝୀ, ସୁଶାନ୍ତ ନାଏକ, ମାର୍କଣ୍ଡ ସୁନା ସମେତ ଘାଟି ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ।

# ଅନ୍ତର୍ଜାତୀୟ କବିତା ମହୋତ୍ସବରେ କଳାହାଣ୍ଡିର ଜୟଦ୍ରଥ

**ଭବାନୀପାଟଣା, ୩୧।୧୨(ସମିସ):** ନୂଆବର୍ଷ ପ୍ରଥମ ସପ୍ତାହ ଅର୍ଥାତ ଜାନୁଆରୀ ୨ରୁ ୪ ତାରିଖ ପର୍ଯ୍ୟନ୍ତ କୋଲକତାରେ ଅନ୍ତର୍ଜାତୀୟ ଲିଟେରେଚର ଫର୍ ଆର୍ଟ ଆଣ୍ଡ କଲଚର ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ହେବ ଅନ୍ତର୍ଜାତୀୟ କବିତା ମହୋତ୍ସବ। ଏଥିରେ ଦେଶ ବିଦେଶରୁ ଅନେକ କବି, ଲେଖକ ଓ ବୁଦ୍ଧିଜୀବୀ ସାମିଲ ହେବେ। ବର୍ଷ ଆରମ୍ଭରେ ହେବାକୁ ଥିବା ଏହି କବିତା ମହୋତ୍ସବକୁ ନେଇ ସାହିତ୍ୟ ଜଗତରେ ବେଶ ଉତ୍ସୁକତା ଦେଖିବାକୁ ମିଳିଛି। ଅନ୍ତର୍ଜାତୀୟସ୍ତରର ସମ୍ମାନ ଜନକ ମହୋତ୍ସବରେ କଳାହାଣ୍ଡିରୁ ଯୋଗଦେବାକୁ ଆମନ୍ତ୍ରିତ ହୋଇଛନ୍ତି କଳାହାଣ୍ଡିର ସର୍ବପ୍ରଥମ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଯୁବକବି ଜୟଦ୍ରଥ ସୁନା। ଗତ ୨୦୧୮ ରେ ନିଜର ଚର୍ଚ୍ଚିତ କବିତା ସଂକଳନ 'ଶୋଷ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରଦତ୍ତ ଯୁବ ପୁରସ୍କାର ଲାଭ କରି କବି ଶ୍ରୀ ସୁନା ଜିଲ୍ଲା ପାଇଁ ଗୌରବ ଆଣିଦେଇଥିଲେ। କବି ଶ୍ରୀ ସୁନା ନିଜର ସାହିତ୍ୟ ସାଧନା ପାଇଁ ରାଜ୍ୟର ବହୁ ଅନୁଷ୍ଠାନରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। କୋଲକତାରେ ଅନୁଷ୍ଠିତ ହେଉଥିବା ଅନ୍ତର୍ଜାତୀୟ କବିତା ମହୋତ୍ସବରେ କଳାହାଣ୍ଡିର ପୁଅ ଭାବେ ସେ ଯୋଗଦେବାକୁ ନେଇ ଜିଲ୍ଲା ବ୍ୟାପି କବି, ଲେଖକ ଓ ସାହିତ୍ୟିକ ମହଲରେ ଶୁଭେଚ୍ଛାର ସୁଅ ଛୁଟୁଛି।






THE SAKALA


## ଶୁଭମ୍ ଭବତୁ

ଆମ ଦେଶରେ ପ୍ରଚଳିତ ବିଭିନ୍ନ ଭାଷା, ପରମ୍ପରା ଓ ଚଳଣି ଆଧାରରେ ନୂଆବର୍ଷ ପାଳନ ନେଇ ପାର୍ଥକ୍ୟ ଥିଲେ ମଧ୍ୟ ଇଂରାଜୀ କ୍ୟାଲେଣ୍ଡର ଓ ତାରିଖର ଗ୍ରହଣୀୟତା ଏବଂ ଜନଜୀବନରେ ପାଳିତ ହେଉଥିବା ତିଥି, ନକ୍ଷତ୍ର ଓ ପର୍ବପର୍ବାଣିକୁ ସେହି ତାରିଖ ଅନୁଯାୟୀ ସୂଚିବାଦ୍ଧ କରାଯାଉଥିବାରୁ ବର୍ଷାରମ୍ଭ ଜାନୁଆରୀ ୧ ତାରିଖକୁ ଆମେ ଏକପ୍ରକାର ମାନିନେଇଛେ। ତେଣୁ ତ ବର୍ଷାନ୍ତ ଓ ବର୍ଷାରମ୍ଭ ନେଇ ସବୁସ୍ତରରେ ବିଶଦ ଆଲୋଚନା ଓ ବିତର୍କର ସୁଯୋଗ ରହିଛି। କେଉଁ ଦୃଷ୍ଟିରୁ ଗଲା ବର୍ଷଟି ସ୍ମରଣୀୟ, ତାହାର ତର୍ଜମା କରି ଆମେ ପାଦ ଥାପିଥିବା ନୂଆବର୍ଷଟି କିପରି ହେବ ସେ ସଂପର୍କରେ ଆଲୋକପାତ କରୁଛେ। ବର୍ଷର ଶେଷ ପ୍ରାନ୍ତରେ ଏମିତି କିଛି ନିଷ୍ପତ୍ତି ବା ନିର୍ଣ୍ଣୟ ନିଆଯାଇଛି, ଯାହାର ସକାରାତ୍ମକ ଦୃଷ୍ଟିଭଙ୍ଗୀରୁ ବିଚାର କଲେ ମନେ ହେବ ଆଗକୁ ଆମେ କ'ଣ ଭଲ ସମୟ ସମ୍ମୁଖୀନ ହେବାକୁ ଯାଉଛେ। ପ୍ରତିକୂଳ ପରିସ୍ଥିତିରେ ଆମେ ବର୍ଷ ତମାମ ସମୟ ସହ ଲଢ଼ିଛେ ନିଜର ମର୍ଯ୍ୟାଦା ଓ ଆତ୍ମସମ୍ମାନର ସୁରକ୍ଷା ପାଇଁ, ଯାହାର ସୁଫଳ ରାଷ୍ଟ୍ରୀୟ ଜୀବନର ସବୁ ବିଭବରେ ଏବେ ଅନୁଭୂତ ହେବା ଆରମ୍ଭ ହୋଇଛି। ତେଣୁ ନୂଆବର୍ଷକୁ ଆମେ ଏକ ସମ୍ଭାବନା ବର୍ଷ ରୂପେ ଗ୍ରହଣ କରିପାରିବା।

ଆମେରିକାର ନୂତନ ରାଷ୍ଟ୍ରପତି ରୂପେ ଡୋନାଲ୍ଡ ଟ୍ରମ୍ପ ଦାୟିତ୍ୱ ଗ୍ରହଣ କରିବା ପରେ ପରେ ବିଶ୍ୱରେ ବାଣିଜ୍ୟକୁ ନେଇ ଯେଉଁ ଶୀତଳ ଯୁଦ୍ଧ ଆରମ୍ଭ ହୋଇଗଲା ତାହାର ଗୁରୁତର ପ୍ରତିକୂଳ ପ୍ରଭାବ ଆମ ଉପରେ ପଡ଼ିଥିଲେ ହେଁ ଆମେ ହାର ମାନିନେ। ଆର୍ଥିକ ଦୃଷ୍ଟିରୁ ଭାରତ କ୍ଷତିଗ୍ରସ୍ତ ହୋଇଛି ସତ, ନୂଆବଜାର ଓ ନୂଆ ସଂପର୍କ ମାଧ୍ୟମରେ ସେହି କ୍ଷତିଭରଣା କରି ଅଗ୍ରଗତିର ନୂଆ ଦିଗ ହାସଲ କରିବାର ପ୍ରୟାସ ଜାରି ରହିଛି। ଏଥି ମଧ୍ୟରେ ୭ଟି ରାଷ୍ଟ୍ର ସହ ଶୁଳ୍କମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି। କାନାଡ଼ା ସହ ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ ହେବାକୁ ଯାଉଛି। ଜୋହାନ୍ସବର୍ଗ ଜି-୨୦ ଶିଖର ସମ୍ମିଳନୀରେ ଦୁଇ ଦେଶର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ପ୍ରାରମ୍ଭିକ ଆଲୋଚନା ଖୁବ୍‌ଶୀଘ୍ର ରାଜିନାମାର ରୂପ ନେବାକୁ ଯାଉଛି। ଅନ୍ୟପକ୍ଷରେ ଟ୍ରମ୍ପ – ଜେଲେନ୍‌ସ୍କି – ପୁଟିନଙ୍କ କଥାବାର୍ତ୍ତାର ସକାରାତ୍ମକ ଦିଗରୁ ବିଚାର କଲେ ସେମାନେ ଏକ ପୂର୍ଣ୍ଣଚ୍ଛେଦର ନିକଟବର୍ତ୍ତୀ ହେଉଥିବା ସ୍ପଷ୍ଟ ହେଉଛି। ଯୁଦ୍ଧ ବନ୍ଦ ହିଁ ବିଶ୍ୱ ଭୂ-ରାଜନୈତିକ ଦୃଶ୍ୟପଟରେ ବ୍ୟବସ୍ଥା ସୁଧାରିବାରେ ନିର୍ଣ୍ଣାୟକ ହେବ।

ଆମ ଗଣତନ୍ତ୍ରର ପ୍ରମୁଖ ସ୍ତମ୍ଭ ନ୍ୟାୟପାଳିକା ଆରାବଳୀ ପର୍ବତମାଳା ଓ ଉନ୍ନାଓ ଦୁଷ୍କର୍ମ ମାମଲାରେ ହସ୍ତକ୍ଷେପ କରି ବ୍ୟବସ୍ଥା ପ୍ରତି ସାଧାରଣରେ ଯେଉଁ ଆସ୍ଥା ସ୍ଥାପନ କରିଛନ୍ତି ତାହାର ସୁଫଳ ଏକାଧିକ କ୍ଷେତ୍ରରେ ଅନୁଭୂତ ହେବ। ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତର ଅଭ୍ୟୁଦୟ ସୁଦୂରପ୍ରସାରୀ ହେବ। ଓଡ଼ିଶାର ସିଲକନ୍ କାର୍ବାଇଡ ଫ୍ୟାବ୍ ସେହି ପ୍ରୟାସର ଅଂଶବିଶେଷ। ଆମ ରାଜ୍ୟରେ ୯ ହଜାର କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଯାଉଥିବା ୪ଟି ନୂଆ ରେଳ ଲାଇନକୁ ବୋର୍ଡର ଅନୁମୋଦନ ଏକ ସକାରାତ୍ମକ ଦିଗ। ଆଗକୁ ଯାହା ହେବ, ତାହା ନିଶ୍ଚୟ ଭଲ ହେବ। ●

## ଚାଷୀଙ୍କୁ ଧୋକା


ଆମ ରାଜ୍ୟର ଚାଷୀଙ୍କ ଦୁଃଖ ଦିନକୁ ଦିନ ବଢ଼ିବାରେ ଲାଗିଛି। ବୋନସ ଓ ରିହାତି ଘୋଷଣା କାର୍ଯ୍ୟକାରିତାରେ ଯେ ଏତେ ବ୍ୟବଧାନ ତାହା ବୁଝିବା ବେଳକୁ ସେମାନେ କରଜରେ ବୁଡ଼ିଗଲେଣି। ବ୍ୟବସ୍ଥାଗତ ପେଞ୍ଚରୁ ମୁକୁଳି ସୁବିଧା ହାସଲ କରିବା ସେଭଳି ସହଜ ନୁହେଁ। ତେଣିକି ସେ ଧାନ ଚାଷୀ ହେଉକି କପା ଚାଷୀ କେହି ଭଲରେ ନାହାନ୍ତି। ଏବେ ଦୁଗ୍ଧଚାଷୀଙ୍କ ଦୁଃଖ ବୁକେଇ ପଡ଼ିଛି। ସମସ୍ତଙ୍କୁ ଏବେ ଋଣବୋଝ ନୟାନ୍ତ କରିଛି। ପରିଲକ୍ଷିତ ସଂକଟ ଦୂର କରିବାରେ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ନପାଇଲେ ସେମାନଙ୍କ ସଂସାର ଉଚ୍ଛନ୍ନ ହୋଇଯିବ। ତେଣିକି ଯାହା ଉପୁଜିବ ସେ ସଂପର୍କରେ ଆଗୁଆ କିଛି ମତାମତ ନଦେବା ଭଲ।

ସମନ୍ୱୟ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ମନେ ହେଉଥିଲା, ଧାନ ସଂଗ୍ରହରେ ପରିଲକ୍ଷିତ ସମସ୍ୟା ଶୀଘ୍ର ଦୂର ହୋଇଯିବ। ମଣ୍ଡି ଓ ମିଲରଙ୍କୁ ନେଇ ସୃଷ୍ଟି ହୋଇଥିବା ଅବ୍ୟବସ୍ଥା ଅପରିବର୍ତ୍ତିତ ରହିଥିବାରୁ ସ୍ୱାଭାବିକ ଭାବେ ଚାଷୀ ଆନ୍ଦୋଳନ କରିବାକୁ ସଜବାଜ ହେଲେଣି। ବିଭିନ୍ନ ଜିଲ୍ଲାରେ ରାସ୍ତା ଅବରୋଧଠାରୁ ଆରମ୍ଭ କରି ବିଭିନ୍ନ ଦପ୍ତରରେ ବିକ୍ଷୋଭ ସରକାରଙ୍କୁ ଅଡୁଆରେ ପକାଇଛି। ଘଟଣାକ୍ରମଠାରୁ ନିଜକୁ ଦୂରେଇ ରଖି କର୍ତ୍ତୃପକ୍ଷ ସରକାରଙ୍କୁ ତ୍ରୁଟିପୂର୍ଣ୍ଣ ତଥ୍ୟ ଦେଇଥିବାରୁ ପରିସ୍ଥିତି ସୁଧୁରିବା ପରିବର୍ତ୍ତେ ବିଗିଡ଼ିବା ଆରମ୍ଭ କରିଛି। ସରକାରଙ୍କ ପକ୍ଷରୁ ପାଲଟା ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ଦୁଇପକ୍ଷ ଏବେ ମୁହାଁମୁହିଁ ଅବସ୍ଥାକୁ ଆସିଯାଇଛନ୍ତି। ଧାନ ବିକ୍ରି ପାଇଁ ଯେଉଁ ଚାଷ ଜମିକୁ ଦର୍ଶାଇ ଚାଷୀ ପଞ୍ଜୀକରଣ କରିଛନ୍ତି ତାହାର ଯାଞ୍ଚ ସକାଶେ ସମବାୟ ବିଭାଗ ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମିଥ୍ୟା ସତ୍ୟପାଠ କ୍ଷେତ୍ରରେ ଚାଷୀଙ୍କ ନାମରେ ପଞ୍ଚାୟତ କାନ୍ଥରେ ନୋଟିସ ଲାଗିବ ବୋଲି ଚେତାବନୀ ଦିଆଯାଇଛି। କିନ୍ତୁ ଆମର ଏଠାରେ କହିବାର କଥା ହେଲା, ଜାଲିଆତି ଯାଞ୍ଚ ନାଁରେ ଧାନ ସଂଗ୍ରହକୁ ବିଳମ୍ବିତ କରାନଯାଉ। ଆଗ କାମକୁ ପଛରେ ପକାଇ ରାଗ ସାଧିବାର ସମୟ ଇଏ ନୁହେଁ। ସରକାର ଧାନ କିଣିବେ, ଅନୁଦାନ ବାଣ୍ଟୁ ନାହାନ୍ତି, ତେବେ ଏତେ ହରବର କାହିଁକି? ଏହା ପଛକୁ କପାଚାଷୀଙ୍କ ଦୁର୍ଦ୍ଦଶା କହିଲେ ନସରେ। ବିକଳ୍ପ ଚାଷକୁ ପ୍ରୋତ୍ସାହନ ଦେଇ ରାୟଗଡ଼ା ବାଲାଙ୍ଗୀର ଓ କଳାହାଣ୍ଡି ଭଳି ଜିଲ୍ଲାରେ କପା ଚାଷକୁ ପ୍ରୋତ୍ସାହନ ଦିଆଯାଇଥିଲା। ଧଳା ସୁନା ରୂପେ ପରିଚିତ କପାଚାଷ ପ୍ରତି ଚାଷୀଙ୍କ ଆଗ୍ରହ ବଢ଼ିଲା, ଭାରତୀୟ କପା ନିଗମ ନିମ୍ନମାନର କପାଦର୍ଶାଇ ଚାଷୀଙ୍କଠାରୁ କିଣୁନଥିବାରୁ ସେମାନଙ୍କ ଦୁଃଖ ବଢ଼ିଯାଇଛି। ଯେତେଦୂର ମନେ ହୁଏ, ନିଗମ ଓ ଘରୋଇ ଦଲାଲଙ୍କ ମଧ୍ୟରେ ଚାଲିଥିବା ମଧୁଚନ୍ଦ୍ରିକାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ପରିସ୍ଥିତି ଏପରି ହୋଇଛି ଯେ ସରକାରୀ ଦର କୁଇଣ୍ଟାଲ ପିଛା ୮୧୧୦ ଟଙ୍କା ବଦଳରେ ଅଞ୍ଚଳରେ ପଇଁତରା ମାରୁଥିବା ଦଲାଲଙ୍କୁ ୬,୫୦୦ଟଙ୍କାରେ ଚାଷୀ ବିକିବାକୁ ବାଧ୍ୟ ହେଲେ। ଏକ୍ଷେତ୍ରରେ ରାଜ୍ୟ ସରକାର ହସ୍ତକ୍ଷେପ ନକଲେ କପା ଚାଷୀଙ୍କ ଭେଳା ବୁଡ଼ିଯିବ। ରାଜ୍ୟର ଦୁଗ୍ଧ ଚାଷୀଙ୍କୁ ବଳଦେବା ସକାଶେ ସରକାର ଘୋଷଣା କରିଥିଲେ ମୁଖ୍ୟମନ୍ତ୍ରୀଙ୍କ କାମଧେନୁ ଯୋଜନା। ରିହାତି ମିଳିବା ଆଶାରେ ଚାଷୀ ସବୁ ସର୍ତ୍ତପୂରଣ କରି କାର୍ଯ୍ୟାରମ୍ଭ କରିଦେଲେ। ହେଲେ ରିହାତି ଅର୍ଥ ସେମିତି ଅଟକି ରହିଛି। ଚାଷୀ ଋଣ ବାବଦରେ ବ୍ୟାଙ୍କକୁ ସୁଧଦେଇ ଚାଲିଛନ୍ତି। ଶେଷରେ ଚାଷୀ ଗାଇ ବିକି ଋଣ ସୁଝିବାକୁ ବାଧ୍ୟ ହେବ।

ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କରିବାରେ କିଛି ଅସୁବିଧା ନାହିଁ। କିନ୍ତୁ ଜଣେ ନୋଡାଲ ଅଧିକାରୀଙ୍କ ମାଧ୍ୟମରେ ତାହାର କାର୍ଯ୍ୟକାରିତା ପ୍ରତି ସରକାର ଧ୍ୟାନ ଦେବା ଉଚିତ। ଏକ୍ଷେତ୍ରରେ କିନ୍ତୁ ତ୍ରୁଟିବିଚ୍ୟୁତି ହେଲେ ସବୁ ପ୍ରଶଂସା ଶେଷରେ ନିନ୍ଦାରେ ପରିଣତ ହେବ। ●



# ସମ୍ପାଦକୀୟ



ନବ ଆଶା ନବ ଭାବ ସଞ୍ଚାରି ପରାଣେ, ଫିଟାଇ ଦିଅ ହେ ନବ କଲ୍ୟାଣର ପଥ
ପୁଣ୍ୟ ଉତ୍ସାହର ମନ୍ତ୍ର ଉଚ୍ଚାରି ସଘନେ, ଉଦ୍ଧାର ଉଦ୍ଧାର ଏହି ଦୀନହୀନ ଜନେ।
-ଭକ୍ତକବି ମଧୁସୂଦନ ରାଓ

# ଓଡ଼ିଶାରେ 'ଜୀ ରାମ ଜୀ': କାର୍ଯ୍ୟାନ୍ୱୟନ ଓ ଆହ୍ୱାନ

ଜିତେନ୍ଦ୍ର ରଥ

ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) - 'ଜୀ ରାମ୍ ଜୀ' ଡିସେମ୍ବର ୨୧ ତାରିଖରେ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇ ଆଇନରେ ପରିଣତ ହୋଇଛି। ଏହାଦ୍ୱାରା ପ୍ରାୟ ଦୁଇଦଶନ୍ଧି ଧରି ଗ୍ରାମାଞ୍ଚଳର ଶ୍ରମିକମାନଙ୍କର ରୋଜଗାର ଅଧିକାରକୁ ସୁରକ୍ଷିତ କରୁଥିବା 'ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ' - 'ଏମ୍‌ନରେଗା' ଆଇନ ଇତିହାସ ପାଲଟିଛି। ଏହାକୁ ନେଇ ଦେଶସାରା ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗ୍ରାମୀଣ ନିଯୁକ୍ତି କ୍ଷେତ୍ରରେ 'ଜୀ ରାମ୍ ଜୀ' ଏକ ଦୂରଦର୍ଶୀ ପଦକ୍ଷେପ ଏବଂ ଏହାଦ୍ୱାରା ଗ୍ରାମୀଣ ଭିତ୍ତିଭୂମି ବିକାଶ, ଆୟ ସୁରକ୍ଷା ସହ ସରକାରୀ ଉତ୍ତରଦାୟିତ୍ୱକୁ ପୂର୍ବ ଆଇନଠାରୁ ଅଧିକ ବଢ଼ାଇବ ବୋଲି ସରକାର ଓ ସପକ୍ଷବାଦୀମାନେ ମତ ଦେଉଥିବା ବେଳେ ରୋଜଗାର ଆଇନ ପାଇଁ ଲଢ଼ିଥିବା ବିଭିନ୍ନ ସାମାଜିକ ସଂଗଠନ ଓ ପ୍ରମୁଖ ବିରୋଧୀ ଦଳ ଏହାକୁ ମୂଳ ରୋଜଗାର ଗ୍ୟାରେଣ୍ଟିର ପରିପନ୍ଥୀ ବୋଲି ଦର୍ଶାଇଛନ୍ତି। ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଯିବା ଏବଂ ଜଣେ ଶ୍ରମିକର କାମ ପାଇଁ ଦାବି କରିପାରୁଥିବାର ଅଧିକାରକୁ ଖୁବ ବିଚକ୍ଷଣତାର ସହ ନୂଆ ଆଇନରେ ପରିବର୍ତ୍ତନ କରିବାକୁ ନେଇ ମଧ୍ୟ ଅଭିଯୋଗ ହୋଇଛି। ଉଭୟ ସପକ୍ଷ ଓ ବିପକ୍ଷରେ ହେଉଥିବା ଏହି ଚର୍ଚ୍ଚାରୁ ଟିକେ ହଟି ଆମ ରାଜ୍ୟ ସନ୍ଦର୍ଭରେ ଏହାକୁ ଦେଖାଯିବାର ଆବଶ୍ୟକତା ରହିଛି।

ଯଦି ଏମ୍‌ନରେଗା ଆଇନକୁ ଦେଖାଯାଏ, ତେବେ ଏହା ଅନ୍ତର୍ଗତ ସମଗ୍ର ଭାରତ ବର୍ଷର ପ୍ରାୟ ୧୨ କୋଟି ୧୬ ଲକ୍ଷ ଶ୍ରମିକ ରହିଛନ୍ତି। ଆମ ରାଜ୍ୟରେ ଏହି ସଂଖ୍ୟା ପ୍ରାୟ ୧ କୋଟ ୯ ଲକ୍ଷ। ଅର୍ଥାତ ପ୍ରାୟ ୯ ପ୍ରତିଶତ ଶ୍ରମିକ ଓଡ଼ିଶାର ଏବଂ ରାଜ୍ୟ ଜନସଂଖ୍ୟାର ପ୍ରାୟ ୨୭ ପ୍ରତିଶତ ଲୋକ ଏହି ଆଇନ ମାଧ୍ୟମରେ ସୃଷ୍ଟି ହେଉଥିବା ରୋଜଗାର ଉପରେ ନିର୍ଭରଶୀଳ। ଏ ପରିସ୍ଥିତିରେ ଏକ ନୂତନ ଆଇନ ରାଜ୍ୟରେ କିଭଳି କାର୍ଯ୍ୟକାରୀ ହେବ ରାଜ୍ୟ ଏଥିପାଇଁ କେତେଦୂର ପ୍ରସ୍ତୁତ, ତାହା ଦେଖିବାର ଆବଶ୍ୟକତା ରହିଛି। ଏମ୍‌ନରେଗା ଅନ୍ତର୍ଗତ ପ୍ରତ୍ୟେକ ଶ୍ରମିକ ପରିବାର ୧୦୦ ଦିନ କାମ ପାଇବା ପାଇଁ ହକଦାର ଥିଲେ। ନୂତନ ଆଇନରେ ସରକାର ଏହାକୁ ବଢ଼ାଇ ୧୨୫ ଦିନ କରିଛନ୍ତି। ଆମ ରାଜ୍ୟରେ ପୁରୁଣା ଆଇନର କାର୍ଯ୍ୟାନ୍ୱୟନ ଅଭିଜ୍ଞତା ଆଧାରରେ ନୂଆ ଆଇନ କିପରି ଭାବେ କାର୍ଯ୍ୟ କରିବ, ତାହାର ଏକ ପୂର୍ବାନୁମାନ କରାଯାଇପାରେ।

ରାଜ୍ୟରେ ପ୍ରାୟ ୬୭ ଲକ୍ଷ ପରିବାର ପାଖରେ ଏହି ଆଇନ ଅନ୍ତର୍ଗତ କର୍ମନିଯୁକ୍ତି କାର୍ଡ ରହିଛି। ଯଦି ବିଗତ ପାଞ୍ଚ ବର୍ଷର ତଥ୍ୟକୁ ଦେଖାଯାଏ ତେବେ ହାରାହାରି ବାର୍ଷିକ କେବଳ ୫ ପ୍ରତିଶତ ପରିବାର ହିଁ ୧୦୦ ଦିନର କାର୍ଯ୍ୟ କରିପାରିଛନ୍ତି। ୨୦୨୧-୨୨ରେ ଏହି ସଂଖ୍ୟା ୪.୫୭ ଲକ୍ଷ ଥିବା ବେଳେ ୨୦୨୨-୨୩ରେ ୪.୧୬ ଲକ୍ଷ, ୨୦୨୩-୨୪ରେ ୩.୩୯ ଲକ୍ଷ ଓ ୨୦୨୪-୨୫ରେ ମାତ୍ର ୨ ଲକ୍ଷ ପରିବାର ସମ୍ପୂର୍ଣ୍ଣ ୧୦୦ଦିନ କାର୍ଯ୍ୟ କରିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷର ଅର୍ଦ୍ଧାଧିକ ସମୟ ଅତିବାହିତ ହୋଇଥିଲେ ମଧ୍ୟ ମାତ୍ର ୯୫ ହଜାର ପରିବାର ୧୦୦ଦିନର କାର୍ଯ୍ୟ କରିଛନ୍ତି। ଦ୍ୱିତୀୟରେ, ପରିବାର ପିଛା ହାରାହାରି କାର୍ଯ୍ୟଦିବସ ଧାର୍ଯ୍ୟ ଅଧିକାରଠାରୁ ଅନେକ ତଳେ ରହିଛି। ୨୦୨୧-୨୨ରେ ଏହା ବାର୍ଷିକ ପ୍ରାୟ ୫୭ ଦିନ, ୨୦୨୨-୨୩ରେ ୫୫ ଦିନ, ୨୦୨୩-୨୪ରେ ୫୬ ଦିନ ଓ ୨୦୨୪-୨୫ରେ ମାତ୍ର ୫୧ ଦିନ ରହିଛି। ମୋଟାମୋଟି ଭାବେ କହିବାକୁ ଗଲେ ଆମେ ରାଜ୍ୟରେ ପ୍ରତ୍ୟେକ ଯୋଗ୍ୟ ପରିବାରଙ୍କୁ ସମ୍ପୂର୍ଣ ୧୦୦ଦିନର କାର୍ଯ୍ୟ ଯୋଗାଇବାରେ ସଫଳ ହୋଇ ପାରିନାହୁଁ ଏବଂ ପରିବାର ପିଛା ହାରାହାରି କାର୍ଯ୍ୟ ଦିବସ ୬୦ ଦିନ ମଧ୍ୟ ଛୁଇଁ ପାରିନି। ରାଜ୍ୟ ସରକାର ଦାଦନପ୍ରବଣ ପ୍ରାୟ ୩୦ ଗୋଟି ବ୍ଲକରେ ପ୍ରଥମେ ୨୦୦ ଦିନ ଏବଂ ବର୍ତ୍ତମାନ ୩୦୦ ଦିନ କାର୍ଯ୍ୟ ଦିବସ ଧାର୍ଯ୍ୟ କରିଥିଲେ ମଧ୍ୟ ସେହି ଅଞ୍ଚଳରେ ମୋଟାମୋଟି ସ୍ଥିତି ଭିନ୍ନ ନୁହେଁ। ଏହାର ଅର୍ଥ ଆମ କାର୍ଯ୍ୟାନ୍ୱୟନ ବ୍ୟବସ୍ଥାରେ ଏମିତି କିଛି ସମସ୍ୟା ଅଛି, ଯାହାକୁ ସଜାଡ଼ିବା ବିନା ନୂତନ ଆଇନ ଅନ୍ତର୍ଗତ ୧୨୫ ଦିନର କାର୍ଯ୍ୟ ପ୍ରତିଶ୍ରୁତିର ପ୍ରତିଫଳନ କେବେ ବି ସହଜ ହେବନାହିଁ।

ଏବେ ଫେରିବା ଆଇନ କାର୍ଯ୍ୟାନ୍ୱୟନର ଆଉ ଏକ ମୌଳିକ ପ୍ରସଙ୍ଗକୁ। ତାହା ହେଉଛି ଏହାର କାର୍ଯ୍ୟକାରିତା ପାଇଁ ଧାର୍ଯ୍ୟ ହେଉଥିବା ଅର୍ଥରାଶି। ଏମ୍‌ନରେଗା ଆଇନର କାର୍ଯ୍ୟକାରିତା ପାଇଁ କେନ୍ଦ୍ର ସରକାର ବଡ଼ ଆର୍ଥିକ ଭାର ନେଉଥିଲେ। ଅଣକୁଶଳୀ ଶ୍ରମିକ ମଜୁରୀର ଶତପ୍ରତିଶତ କେନ୍ଦ୍ର ସରକାର ବହନ କରୁଥିବା ବେଳେ ଅନ୍ୟ ଉପାଦାନ ଯଥା କୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରୀ, କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ, ପ୍ରଶାସନିକ ଖର୍ଚ୍ଚ ଓ ଟିକସ ଆଦିର ୭୫ ପ୍ରତିଶତ କେନ୍ଦ୍ର ସରକାର ବହନ କରୁଥିଲେ। ଏହା ଫଳରେ ରାଜ୍ୟ ସରକାରଙ୍କ ଉପରେ ଆର୍ଥିକ ଭାର କମ ରହୁଥିଲା। ନୂତନ ଆଇନରେ ସରକାର ଏହି ଅନୁପାତରେ ପରିବର୍ତ୍ତନ କରିଛନ୍ତି।

'ଜୀ ରାମ୍ ଜୀ' କାର୍ଯ୍ୟକାରିତା ପାଇଁ ପ୍ରତ୍ୟେକ ଉପାଦାନଗୁଡ଼ିକରେ କେନ୍ଦ୍ର ସରକାର ୬୦ ପ୍ରତିଶତ ଓ ରାଜ୍ୟ ସରକାର ୪୦ ପ୍ରତିଶତ ଅର୍ଥ ପ୍ରଦାନ କରିବେ। ଅର୍ଥାତ, ରାଜ୍ୟ ସରକାରଙ୍କ ଉପରେ ଏହା ନିଶ୍ଚିତ ଭାବରେ ଏକ ଅତିରିକ୍ତ ବୋଝ ସୃଷ୍ଟି କରିବ। ଗୋଟିଏ ଆର୍ଥିକ ବର୍ଷକୁ ଉଦାହରଣ ଭାବେ ଧରି ଆମ ରାଜ୍ୟ ଉପରେ ପଡ଼ିବାକୁ ଥିବା ଅତିରିକ୍ତ ଭାରକୁ ବୁଝା ଯାଇପାରେ। ୨୦୨୪-୨୫ ଆର୍ଥିକ ବର୍ଷରେ ଏମ୍‌ନରେଗା ଆଇନ ପାଇଁ ରାଜ୍ୟରେ ପ୍ରାୟ ୪, ୬୩୬ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏଥିରେ ପ୍ରାୟ ୩, ୧୮୬ କୋଟି ଟଙ୍କା ଅଣକୁଶଳୀ ଶ୍ରମିକଙ୍କ ମଜୁରୀରେ ଖର୍ଚ୍ଚ ହୋଇଥିଲା। ଏହା ସମ୍ପୂର୍ଣ୍ଣ ରୂପେ କେନ୍ଦ୍ର ସରକାର ବହନ କରିଥିଲେ। ଅନ୍ୟ ଉପାଦାନଗୁଡ଼ିକରେ ୨୫ ପ୍ରତିଶତ ଅବଦାନ ହିସାବରେ ରାଜ୍ୟସରକାର ମାତ୍ର ୩୪୧ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ଅର୍ଥାତ ଏମ୍‌ନରେଗା ଆଇନର କାର୍ଯ୍ୟାନ୍ୱୟନରେ ରାଜ୍ୟରେ ଖର୍ଚ୍ଚ ହୋଇଥିବା ସମ୍ପୂର୍ଣ୍ଣ ଅର୍ଥର ମାତ୍ର ୭ ପ୍ରତିଶତ ରାଜ୍ୟ ସରକାର ବହନ କରିଥିଲେ। ବିଗତ ଅନେକ ବର୍ଷ ଧରି ପାଖାପାଖି ଏହି ଧାରା ରହି ଆସୁଥିଲା।

ଯଦି ଏହି ଖର୍ଚ୍ଚକୁ ଆଧାର ହିସାବରେ ନେଇ ଆକଳନ କରାଯାଏ, ତେବେ ଅଣକୁଶଳୀ ଶ୍ରମିକମାନଙ୍କ ପାଇଁ ୪୦ ପ୍ରତିଶତ ହାରରେ ରାଜ୍ୟ ସରକାରଙ୍କୁ ଏବେ ପ୍ରାୟ ୧, ୨୭୪ କୋଟି ଟଙ୍କା ଏବଂ ଅନ୍ୟାନ୍ୟ ଉପାଦାନଗୁଡ଼ିକରେ ୪୦ ପ୍ରତିଶତ ହାରରେ ପ୍ରାୟ ୫୮୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ମୋଟାମୋଟି ଭାବେ ରାଜ୍ୟ ସରକାରଙ୍କୁ ୩୪୧ କୋଟି ସ୍ଥାନରେ ପ୍ରାୟ ୧, ୮୫୪ କୋଟି ଟଙ୍କା ଖର୍ଚ୍ଚ କରିବାକୁ ହେବ। ଏହାଛଡ଼ା ରାଜ୍ୟ ତରଫରୁ ଚାଲୁଥିବା ଅତିରିକ୍ତ କାର୍ଯ୍ୟଦିବସର ଭାର ମଧ୍ୟ ରହିବ। ସରକାରଙ୍କ ପାଇଁ ଏହା ଏକ ବଡ଼ ଅର୍ଥରାଶି ହୋଇ ନଥିଲେ ମଧ୍ୟ ଏହାକୁ ଯୋଗାଡ଼ କରିବା ଏତେ ସହଜ ହେବ ନାହିଁ। ଯଦି ସରକାର ଏହି ଅର୍ଥ ଠିକ୍‌ସମୟରେ ବରାଦ ନକରି ପାରନ୍ତି, ତେବେ ନୂତନ ରୋଜଗାର ଯୋଜନା ସଠିକ ଭାବେ କାର୍ଯ୍ୟକାରୀ ହୋଇ ପାରିବ ନାହିଁ।

ଏମ୍‌ନରେଗା ତୁଳନାରେ ନୂତନ ଆଇନରେ ଅନେକଗୁଡ଼ିଏ ମୌଳିକ ପରିବର୍ତ୍ତନ ହୋଇଥିବାରୁ ଏହାର କାର୍ଯ୍ୟାନ୍ୱୟନରେ ରାଜ୍ୟ ସରକାରଙ୍କ ସାମ୍ନାରେ କାର୍ଯ୍ୟ ଦିବସ ଓ ବଜେଟ ଛଡ଼ା ଆହୁରି ଅନେକଗୁଡ଼ିଏ ଆହ୍ୱାନ ଆସିବାର ସମ୍ଭାବନା ରହିଛି। ଆଇନ ପାରିତ ହେବାର ଛଅ ମାସ ମଧ୍ୟରେ ନିୟମ ତିଆରି କରିବା ଆବଶ୍ୟକ ଥିବାରୁ ରାଜ୍ୟ ସରକାର ଏହାକୁ ନେଇ କାର୍ଯ୍ୟରତ ବିଭିନ୍ନ ସାମାଜିକ ସଂଗଠନ, ଗବେଷଣା ସଂସ୍ଥା, ଶ୍ରମିକ ସଂଗଠନ ଆଦିଙ୍କ ସହ ଏକ ବ୍ୟାପକ ଆଲୋଚନା କରିବା ଆବଶ୍ୟକ। ●


ଭୁବନେଶ୍ୱର, ମୋ: ୯୯୩୭୦୦୮୪୩୧


# ନୂତନତା: ଏକ ଭିନ୍ନ ଦୃଷ୍ଟିକୋଣ

ଡ. ଆଭାଞ୍ଜଳି ଶତପଥୀ

ନୂତନ ଓ ପୁରାତନ ହେଲା ମଣିଷ ନିର୍ମିତ ଶବ୍ଦକୋଷର ଏକ ବିଶେଷଣ ମାତ୍ର, ଯାହା ସେହି ଚିରନ୍ତନ ସତ୍ୟ ଓ ଶାଶ୍ୱତ ସମୟ ସହ ସଂଶ୍ଳିଷ୍ଟ। ପୁରାତନ ଓ ନୂତନ ଶବ୍ଦ ତ ମଣିଷ ଦ୍ୱାରା ନିର୍ମିତ କିଛି ସଂଜ୍ଞା ମାତ୍ର, ଯାହା ଚଳନ୍ତି ସମୟର ପ୍ରବାହରେ ଏକ ସୀମାରେଖା ଆଙ୍କିଥାଏ। ମଣିଷ ନିଜ ସୁବିଧା ଅନୁସାରେ ସେହି ଅଭଙ୍ଗା ସମୟକୁ ମୁହୂର୍ତ୍ତ, ଦିନ, ମାସ ଓ ବର୍ଷର ସଂଜ୍ଞାରେ ବିଭକ୍ତ କରିଥାଏ। ବିଗତ ମୁହୂର୍ତ୍ତର ସମାପ୍ତିରେ ଏକ ନୂତନ ମୁହୂର୍ତ୍ତର ଆରମ୍ଭ ହୁଏ; ଠିକ୍ ସେମିତି ବିଗତ ଦିନ, ମାସ ଓ ବର୍ଷର ଅନ୍ତରେ ନୂତନର ପ୍ରାରମ୍ଭ ହୋଇଥାଏ। ଯଦି ସମୟକୁ ଆମେ ସାଗର କହିବା, ତେବେ ନୂତନ ଓ ପୁରାତନ ବର୍ଷ ହେଲା ସେହି ସାଗରର ତରଙ୍ଗମାଳା, ଯାହା ସାଗରରେ ଜନ୍ମ ନେଇ ପୁଣି ସେହି ସାଗରରେ ହିଁ ବିଲୀନ ହୋଇଯାଏ।

ଏହି ନୂତନ ଓ ପୁରାତନ ଶବ୍ଦ କ'ଣ କେବଳ ଭାଷାର ଅଭିବୃଦ୍ଧିରେ ସୀମିତ? ନା, ଏହା ଜୀବନ ଦର୍ଶନ ପାଇଁ ଏକ ମହାର୍ଘ ତଥ୍ୟ। ଏହି ଶବ୍ଦଗୁଡ଼ିକ କେବଳ ବିପରୀତମୁଖୀ ନୁହନ୍ତି, ବରଂ ପରସ୍ପରର ଅନୁପୂରକ। ଏହି ପ୍ରସଙ୍ଗକୁ ବିଭିନ୍ନ ପରିପ୍ରେକ୍ଷୀ ଓ ଦୃଷ୍ଟିକୋଣରୁ ଆଲୋଚନା କରାଯାଇପାରେ। ସାଂସାରିକ ଦୃଷ୍ଟିକୋଣରୁ ଦେଖିଲେ 'ନୂତନତା' ହେଉଛି ଏକ ଆଶା, ଉତ୍ସାହ ଓ ଉନ୍ମାଦନା। କୁହାଯାଏ ଯେ, ପୁରାତନ ଯେତେ ଆକର୍ଷଣୀୟ ହୋଇଥିଲେ ମଧ୍ୟ ତାହା 'ନୂତନ'ର ସ୍ଥାନ ନେଇପାରିବ ନାହିଁ। କାରଣ ନୂତନତା ମଧ୍ୟରେ ଥାଏ ଏକ ଅଜଣା ଉଦ୍‌ବେଗ ଓ ଆକର୍ଷଣ। ଉଦାହରଣ ସ୍ୱରୂପ ନୂତନ ବସ୍ତ୍ର, ନୂତନ ଗୃହ, ନୂତନ ବନ୍ଧୁ, ନୂତନ କାର୍ଯ୍ୟ, ନୂତନ ପରିବେଶ ଓ ନୂତନ ବର୍ଷର ନବୀନତା ମଣିଷକୁ ଆନନ୍ଦିତ କରିବା ସହ ଅନେକ ଆବେଗ ଭରିଦେଇଥାଏ।

ନବୀନତାକୁ ଅଭିନନ୍ଦନ ଜଣାଇବାର ପ୍ରକ୍ରିୟା ମଧ୍ୟ ଅନନ୍ୟ। ଯେପରି ଏକ ନୂତନ ଗୃହକୁ ସ୍ୱାଗତ କଲା ବେଳେ ଦେବତାଙ୍କୁ ଆରାଧନା, ଗୃହ ପ୍ରତିଷ୍ଠା ଓ ସମଷ୍ଟି ଭୋଜନର ଆୟୋଜନ କରାଯାଏ; କିନ୍ତୁ ସେହି ନୂଆ ଘରେ ପୁରୁଣା ଆସବାବପତ୍ର ବ୍ୟବହାର ନ କରିବା ପାଇଁ କୌଣସି ନିୟମ ନଥାଏ। ସେହିପରି ନୂତନ ବର୍ଷକୁ ସ୍ୱାଗତ କଲାବେଳେ ସାରା ବିଶ୍ୱରେ ମହୋତ୍ସବର ପରିବେଶ ସୃଷ୍ଟି ହୁଏ। କେଉଁଠି ରଙ୍ଗବେରଙ୍ଗର ଆଲୋକ ଓ ନୃତ୍ୟ-ଗୀତର ଉଲ୍ଲାସ ତ କେଉଁଠି ସାଂସ୍କୃତିକ ସଭାର ସମ୍ଭାର। କେଉଁଠି ବଣଭୋଜି ଓ ବନ୍ଧୁମିଳନର ଆସର ଜମେ ତ ପୁଣି କେହି କେହି ଦୀପ ଜାଳି ଓ ମନ୍ଦିର ଦର୍ଶନ କରି ଜୀବନକୁ ଶୃଙ୍ଖଳିତ କରିବାର ଶପଥ ନିଅନ୍ତି। ତେବେ ନବବର୍ଷର କିଛିଦିନ ଅତିକ୍ରମ କରିବା ପରେ ସେହି ଉଲ୍ଲାସ ଓ ଉନ୍ମାଦନା ଧୀରେ ଧୀରେ ହ୍ରାସ ପାଇଥାଏ। ଆମେ ନୂତନ ବର୍ଷର ଶପଥକୁ ଭୁଲିଯାଉ ଏବଂ ପୁରାତନ ବର୍ଷର ସ୍ମୃତି ବନ୍ଧନରୁ ମୁକ୍ତି ପାଇପାରୁ ନାହିଁ। ବିଗତ ଦିନର ସ୍ମୃତିରେ ବୁଡ଼ି ରହି ବର୍ତ୍ତମାନର ନୂତନତାକୁ ଅଣଦେଖା କରିଦେଉ। ଫଳରେ ନୂତନତାର ମାଦକତା କ୍ଷଣଭଙ୍ଗୁର ହୋଇଯାଏ। ଏଠାରେ 'ନୂତନ' ଶବ୍ଦଟି କେବଳ ଏକ ଉତ୍ସବର ଉନ୍ମାଦନା ହୋଇ ରହିଯାଏ।

ବୌଦ୍ଧିକ ଓ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ନୂତନର ଅର୍ଥ କ'ଣ କେବଳ ଉତ୍ସାହ ଓ ଉତ୍ସବର ଉନ୍ମାଦନା? ନୂତନର ସ୍ଥିତି କ'ଣ ସାମୟିକ? ଆଧ୍ୟାତ୍ମିକ ଦୃଷ୍ଟିରୁ ବିଚାର କଲେ 'ନୂତନ' ଶବ୍ଦରେ ବୌଦ୍ଧିକ ଗାମ୍ଭୀର୍ଯ୍ୟ ରହିଛି। ଏହା କେବଳ ଉତ୍ସାହ ଓ ଉଲ୍ଲାସ ନୁହେଁ, ବରଂ ଏକ ସୁସ୍ଥ ଓ ସୁନ୍ଦର ଜୀବନଚର୍ଯ୍ୟାର ମହାନ ଉପାଦାନ। ନୂତନର ପ୍ରକୃତ ଅର୍ଥ ହେଲା ବିଗତକୁ ସମ୍ପୂର୍ଣ୍ଣ ଭାବେ ପରିତ୍ୟାଗ କରି ଜୀବନର ଏକ ନୂଆ ପର୍ଯ୍ୟାୟକୁ ଉନ୍ମେଷ କରିବା। ବିଗତ ବର୍ଷ, ଦିନ ଓ ମୁହୂର୍ତ୍ତର ନକାରାତ୍ମକ ଭାବନାକୁ ତ୍ୟାଗ କରିବା ମଧ୍ୟରେ ହିଁ ନୂତନତାର ସ୍ପର୍ଶ ରହିଛି। ଗ୍ଲାନି, ଅବସାଦ, ଦୁଃଖ, ବିଷାଦ ଓ ମାନ-ଅଭିମାନ ପରି ନକାରାତ୍ମକ ଚିନ୍ତାଧାରାକୁ ପରିତ୍ୟାଗ କରିବା ଏହାର ମୁଖ୍ୟ ଲକ୍ଷ୍ୟ। ଯେପରି ନୂତନ ବସ୍ତ୍ର ପରିଧାନ କଲା ପରେ ଅନାବଶ୍ୟକ ପୁରୁଣା ବସ୍ତ୍ରକୁ ସାଇତି ନ ରଖି ସମ୍ପୂର୍ଣ୍ଣ ରୂପେ ପରିତ୍ୟାଗ କରାଯାଏ, ଏଠାରେ ସେହି 'ପରିତ୍ୟାଗ'ର ବିଶେଷ ମର୍ମ ରହିଛି।

'ଗତସ୍ୟ ଶୋଚନମ୍ ନାସ୍ତି'। ଜ୍ଞାନୀମାନେ ଅତୀତକୁ ନେଇ ଅନୁଶୋଚନା କରନ୍ତି ନାହିଁ। ଶ୍ରୀମଦ୍ ଭଗବଦ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି: 'ଅଶୋଚ୍ୟାନ୍ୟନ୍ୱଶୋଚସ୍ତ୍ୱଂ ପ୍ରଜ୍ଞାବାଦାଂଶ୍ଚ ଭାଷସେ। ଗତାସୂନଗତାସୂଂଶ୍ଚ ନାନୁଶୋଚନ୍ତି ପଣ୍ଡିତାଃ?' ଅର୍ଥାତ୍ ଯେଉଁ ପୁରୁଣା ସ୍ମୃତି ଆମକୁ କଷ୍ଟ ଦେଉଛି, ତା'କୁ ପୂର୍ଣ୍ଣାହୁତି ଦେଇ ବିଷାଦର ଅନୁଭୂତିକୁ ଅନ୍ତ କରି ଆଗକୁ ବଢ଼ିବା ହିଁ ଶ୍ରେଷ୍ଠ ବୌଦ୍ଧିକ ବିଚାର। ନୂତନତାର ଆଉ ଏକ ଅଙ୍ଗ ହେଲା ପ୍ରତିଟି ମୁହୂର୍ତ୍ତକୁ 'ବର୍ତ୍ତମାନ' ସହ ସଂଯୋଗ କରିବା। ପ୍ରତିଟି ବର୍ତ୍ତମାନରେ ନବୀନତା ଉପଲବ୍ଧି କରିବା ଏବଂ ତାକୁ ଚିରସ୍ଥାୟୀ କରିବାର ପ୍ରୟାସ କରିବା। ଅତୀତର ଅନୁଭୂତି ନିଶ୍ଚିତ ଭାବେ ସ୍ମରଣୀୟ ଏବଂ ଶିକ୍ଷଣୀୟ, କିନ୍ତୁ ଅତୀତରେ ବୁଡ଼ି ରହିବା ଅର୍ଥ ହେଉଛି ବର୍ତ୍ତମାନର ନୂତନତାକୁ ଅଣଦେଖା କରିବା। ଆମେ ପ୍ରତି ମୁହୂର୍ତ୍ତକୁ ବର୍ତ୍ତମାନରେ ସଜେଇ ପାରିବା ଏବଂ ବର୍ତ୍ତମାନ ସହ ସଦା ସଂଶ୍ଳିଷ୍ଟ ହୋଇ ରହିପାରିବା।

ପୁଣି ନୂତନର ଅନ୍ୟ ଏକ ଅର୍ଥ ହେଉଛି ଜୀବନର ପ୍ରତି ମୁହୂର୍ତ୍ତକୁ ଏକ ସକାରାତ୍ମକ ଭାବରେ ପରିପୋଷିତ କରିବା। ସକାରାତ୍ମକ ଭାବର ଉନ୍ମେଷରେ ହିଁ ପ୍ରତିଟି ମୁହୂର୍ତ୍ତ ନୂତନ ହୋଇପାରିବ। ଆମ ପାଇଁ ବିଗତ ସମୟ ସୁଖ-ଦୁଃଖର ଏକ ମିଶ୍ରିତ ଅନୁଭୂତି। ଇତିହାସର ପୃଷ୍ଠାରେ ଏହି କାଳଖଣ୍ଡ ଏକ ସ୍ମୃତି ହୋଇ ରହିଯିବ। ଆମ ଜୀବନ, ଜୀବିକା, ସମାଜ ଓ ସଂସ୍କୃତିରେ ଅନେକ ପରିବର୍ତ୍ତନ ଆସିଛି, ଯେଉଁଥିରେ କିଛି ମଧୁସ୍ମୃତି ଅଛି ତ କିଛି ବିଷାଦ। ତେବେ ମଧୁସ୍ମୃତିରେ ଅତ୍ୟଧିକ ହଜିଗଲେ ନୂତନତା ହଜିଯିବାର ଭୟ ଥାଏ; ତେଣୁ ସେହି ସ୍ମୃତିକୁ କେବଳ ପ୍ରେରଣା ଭାବେ ଗ୍ରହଣ କରି ବର୍ତ୍ତମାନକୁ ସକାରାତ୍ମକତାରେ ଭରିବାକୁ ହେବ। ବିଷାଦପୂର୍ଣ୍ଣ ସ୍ମୃତି ମନରେ ଭୟ ଓ ଅସହାୟତା ଆଣିଥାଏ ସତ, କିନ୍ତୁ ସକାରାତ୍ମକ ଦୃଷ୍ଟିକୋଣ ହିଁ ଏହାର ଏକମାତ୍ର ପ୍ରତିଷେଧକ।

'ଚରୈବେତି' ସମୟ ପରି ଆମ ସୁଖ-ଦୁଃଖର ମିଶ୍ରଣରେ ଜୀବନଯାତ୍ରା ଏକ ନିରନ୍ତର ଚକ୍ର। ଦୁଃଖ ସମୟରେ ମଧ୍ୟ ମନରେ ସକାରାତ୍ମକ ଭାବ ଆଣିବାକୁ ହେବ। ଗୀତାର ବ୍ୟାଖ୍ୟା ଅନୁସାରେ, ବିଷାଦ ଭିତରୁ ହିଁ ଜୀବନ ଦର୍ଶନର ଉତ୍ପତ୍ତି ହୋଇଥାଏ। ଅର୍ଜୁନଙ୍କ ବିଷାଦରୁ ହିଁ ଗୀତାର ଅମୃତ ବାଣୀ ସୃଷ୍ଟି ହୋଇଥିଲା। ନକାରାତ୍ମକ ବିଷାଦରୁ ଅର୍ଜୁନ ସକାରାତ୍ମକ 'ପ୍ରସାଦ'ରେ ରୂପାନ୍ତରିତ ହୋଇଥିଲେ। ସମାଜରେ ବ୍ୟାପିଥିବା ଦୁଃଖକୁ ଆମେ ଅର୍ଜୁନଙ୍କ ବିଷାଦ ସଦୃଶ ଗ୍ରହଣ କରି ତା'କୁ ସକାରାତ୍ମକ ଭାବନାରେ ପରିଣତ କରିପାରିବା। ସେହି ସକାରାତ୍ମକ ଭାବ ନେଇ ନୂତନ ବର୍ଷକୁ ଅଭିନନ୍ଦନ କଲେ ଜଗତବାସୀଙ୍କ ହୃଦୟ ସଦା ନୂତନତ୍ୱରେ ଉଜ୍ଜୀବିତ ରହିପାରିବ। ●


ଚେନ୍ନାଇ, ମୋ: ୯୮୮୪୧୪୪୯୮୧


# ଦୁଃସାହସିକ ଅଭିସାର: କବି ଖଗେଶ୍ୱର

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଆମେ ସିନା ବାଗଦେବୀ ମା' ସରସ୍ୱତୀଙ୍କ ସୁଗଠିତ କଳେବର ନିର୍ମାଣ କରି ପୂଜା ମଣ୍ଡପରେ ପ୍ରତିଷ୍ଠା କରୁ। ତେଣେ ଦେବୀସତ୍ତା ଯେକେତେବେଳେ କି ରୂପରେ କେଉଁଠିକୁ ଅବତରଣ କରି ଆସନ୍ତି ସେଇ ରହସ୍ୟ ଭେଦ କରିବାକୁ କିଏ ଅବା ସମର୍ଥ! ବରଗଡ଼ ଜିଲ୍ଲାର ସରସରା ଗ୍ରାମକୁ ଦିନେ ଓହ୍ଲାଇ ଆସନ୍ତି ଅଶିକ୍ଷିତ ଖଗେଶ୍ୱର ଶେଠ ନାଁ ଧାରଣ କରି। କିସ ପୁଣି ଦେଖା ନଯାଏ ବଂଚିଥିଲେ ଜୀବରେ! କବିର ରୂପ ହୋଇପାରେ ଏତେ ସାଧାରଣ! ମୁଖମଣ୍ଡଳରେ କେତେ ଧୂକା-ଗରଡ଼ିର ଚିହ୍ନ। ଅପରିଚିତ ମୂଲିଆ ବେଶ। ଖଟିଖିଆ। ଦୁଃସ୍ଥ। ଜମିରେ ହଳ କରନ୍ତି, ଜଙ୍ଗଲରୁ କାଠ ହାଣି ମୁଣ୍ଡରେ ବୋହି ହାଟକୁ ଯାଆନ୍ତି ବିକିବାକୁ, ଲିଆ ମୁଢ଼ି ଭାଜି ବିକ୍ରି କରନ୍ତି। ପାଠ ଶାଠ କିଛି ନାହିଁ। ସେ ପୁଣି ଲେଖନ୍ତି କାବ୍ୟ କବିତା! ଭଞ୍ଜୀୟ ଶୈଳୀରୁ ଆରମ୍ଭ କରି ଗଙ୍ଗାଧରୀୟ ଶୈଳୀ - ସବୁଥିରେ ନିପୁଣ! ଲୋକଭାଷାରେ ଲେଖନ୍ତି 'ପଏଚ୍ଛା ସତୀ' ପରି କାବ୍ୟ! ତାଙ୍କରି ହାତରେ କଲମ ଧରି ଯିଏ ଲେଖି ଚାଲୁଛନ୍ତି ସେ ତ ଗଙ୍ଗାଧରଙ୍କ 'ତପସ୍ୱିନୀ'ରେ ବର୍ଣ୍ଣିତା 'ଜ୍ୟୋତିର୍ମୟୀ'। ପୃଥିବୀରେ ନୂତନ ଆଲୋକ ବିକିରଣ ପାଇଁ ତାଙ୍କର ଏଇ ଧରାବତରଣ। ବହୁ ଶ୍ରେଷ୍ଠ ସମାଲୋଚକ ତାଙ୍କୁ ଗଙ୍ଗାଧରଙ୍କ ଦ୍ୱିତୀୟ ଅବତାର ବୋଲି ବର୍ଣ୍ଣନା କରିଛନ୍ତି। କିନ୍ତୁ ଖଗେଶ୍ୱର ନିଜେ ନିଜର ସ୍ୱତନ୍ତ୍ର ପରିଚୟ।

ଭାଷା, ବିଷୟ, ଛନ୍ଦ ଅନ୍ତରାଳରେ ପ୍ରବାହିତ ହେଉଥାଏ କବିପ୍ରତିଭାର ଯେଉଁ ନିଜସ୍ୱ ନିଃଶ୍ୱାସ ତାହାକୁ ଶୁଣିବାକୁ ହେଲେ ତାଙ୍କ ଛାତି ପାଖରେ କାନ ଲଗାଇ ରଖିବାକୁ ହେବ। 'ସମାଜ', 'ସୁରଙ୍ଗୀ', 'ବିଷାଦ ନିଶା', 'କାନନ ଯାତ୍ରା', 'ଚଉତିଶା ଚନ୍ଦ୍ରକଳା', 'ଚଇତ-ଅମାସ୍ୟା' ପ୍ରଭୃତି ଅନେକ କାବ୍ୟ କବିତାର ସ୍ରଷ୍ଟା ସେ। ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଏକଦା ତାଙ୍କର ଗ୍ରନ୍ଥାବଳୀ ପ୍ରକାଶ କରିବାରୁ ଲୋକଲୋଚନକୁ ସେ ଆସିପାରିଥିଲେ। କବି ସମାଜର ନିମ୍ନବର୍ଗରେ ଥିଲେ ବି କାବ୍ୟ କବିତା ସାର୍ବଜନୀନ ହେବାରେ ହିଁ ସାର୍ଥକ ହୁଏ ବୋଲି ବର୍ଣ୍ଣନା କରନ୍ତି। ଗଙ୍ଗାଧରଙ୍କୁ ସ୍ମରଣ କରିବାକୁ ଯାଇ ଲେଖିଛନ୍ତି 'ତାହା ସିନା କାବ୍ୟ ଥାଏ ଯହିଁ ସାର୍ବଜନୀନ ଉପାଦେୟତା।'

ତାଙ୍କୁ ଯେଉଁ ଜୀବନ ପ୍ରାପ୍ତ ହୋଇଛି, ସେଥିରେ ତାଙ୍କର ନାହିଁ ଅଭିମାନ, ଅଭିଯୋଗ, ଅସନ୍ତୋଷ। ବରଂ ସମଗ୍ର ମାନବ ସମାଜର ହିତ ଚିନ୍ତନରେ ସେ ଭାବାବିଷ୍ଟ। ଏକ ସୁସ୍ଥ, ସୁନ୍ଦର, ସାମଞ୍ଜସ୍ୟଯୁକ୍ତ ସମାଜ ପାଇଁ ତାଙ୍କ ଦିଗଦର୍ଶନ ଏକାନ୍ତ ବାସ୍ତବବାଦୀ। ସମାଜରେ ଜାତି, ଧର୍ମ, ବର୍ଣ୍ଣର ଭେଦଭାବ ବିଷୟରେ ପ୍ରଶ୍ନ ପଚାରିବାର ସାହସିକତା ସେ ପ୍ରଦର୍ଶନ କରିଛନ୍ତି। ଏପରିକି ନବାବିବାହିତା ସୁକନ୍ୟା ପ୍ରତି ବି ସେ ଉଚ୍ଚାରଣ କରନ୍ତି ଉପଦେଶାତ୍ମକ ବାଣୀ। କାହାକୁ ସୁଦ୍ଧା ନ୍ୟୂନ ଦୃଷ୍ଟିରେ ନ ଦେଖିବା ପାଇଁ ସେ ଦିଅନ୍ତି ପରାମର୍ଶ। ଏକ ନିଶାମୁକ୍ତ ସମାଜ ନିର୍ମାଣ ପାଇଁ ପ୍ରକାଶିତ ହୋଇଛି ତାଙ୍କର ଉଦ୍‌ବେଗ। ଯେଉଁମାନେ ଗଣତନ୍ତ୍ର ନାମରେ ଭୋଟ ଭିକ୍ଷା କରନ୍ତି, ଅଥଚ କ୍ଷମତାର ଅଧିକାରୀ ହେବା ପରେ ଗଣବିରୋଧୀର ଭୂମିକାରେ ହୁଅନ୍ତି ଅବତୀର୍ଣ୍ଣ, ସେମାନଙ୍କ ପ୍ରତି ତୀକ୍ଷଣ ବକ୍ଷଭେଦୀ ବର୍ଚ୍ଛା ନିକ୍ଷେପ କରିଛନ୍ତି ସେ।

କାବ୍ୟ କବିତା ରଚନା ତାଙ୍କର କେବଳ ଚିତ୍ତବିନୋଦନ ନଥିଲା। କିମ୍ବା ନିଜସ୍ୱ ପ୍ରତିଭା ପ୍ରଦର୍ଶନ ପାଇଁ ସେ କେବଳ ଉତ୍ସୁକ ନଥିଲେ। ସାହିତ୍ୟ ଥିଲା ତାଙ୍କ ପାଇଁ ସମାଜ ପୁନର୍ଗଠନର ଆୟୁଧ। ଆତ୍ମଶୋଧନର ସତମାର୍ଗ। ପ୍ରକୃତରେ ସେ ଥିଲେ ପରମାରାଧ୍ୟା ବୀଣାପାଣିଙ୍କ ଏକ ସଚେତନ, ଶକ୍ତିଶାଳୀ, ସୁନିର୍ମିତ ଏକ ସଂଯନ୍ତ୍ର। ଯେତେବେଳେ ସିଧାସଳଖ ସରସ୍ୱତୀ କବି କଣ୍ଠରେ ବା କବିର କଲମରେ ଅଭିବ୍ୟକ୍ତ ହୋଇଉଠନ୍ତି ସେତେବେଳେ ନିର୍ଭୟରେ କବି ଲେଖନୀ ଚାଳନା କରନ୍ତି।

କବି ଖଗେଶ୍ୱର ଶେଠ ଜନ୍ମ ନେଲେ ସିନା ଗୋଟିଏ ଗ୍ରାମରେ। କିନ୍ତୁ ତାଙ୍କ ମନଟି ଥିଲା ପକ୍ଷୀ ପରି। ଲୋକଚରିତ୍ରକୁ ନିକଟରୁ ନିରୀକ୍ଷଣ କରିବାର ପାଇଛନ୍ତି ଦୁର୍ଲଭ ସୁଯୋଗ। ଯେତିକି ଆନ୍ତରିକତାର ସହ ଢେଙ୍କିରେ ଧାନ କୁଟୁଥିଲେ, ମମତାମଗ୍ନ ହୋଇ ଭାଜୁଥିଲେ ମୁଢ଼ି, ସେତିକି ଧ୍ୟାନର ସହ ସହ ଲେଖୁଥିଲେ କବିତା। ଜଙ୍ଗଲ ଭିତରେ ବୁଲୁଥିବା ବେଳେ ଆପଣା ଛାଏଁ ମନକୁ ଆସିଯାଏ ଗୋଟିଏ ପରେ ଗୋଟିଏ ପଦ। ଘରକୁ ଫେରିଲେ କଲମ ଧରିବା ମାତ୍ରକେ ସ୍ୱତଃସ୍ଫୂର୍ତ୍ତ ଭାବରେ କାଗଜ ଉପରକୁ ଉତୁରି ଆସେ ସବୁ ପଦ ନିଖୁଣ ରୂପ ପରିଗ୍ରହ କରି।

ଶବ୍ଦ ସବୁ ଦେଖି କବି ଯେତିକି ଚମତ୍କୃତ, ଶବ୍ଦମାନେ କବିଙ୍କୁ ଦେଖି ତା'ଠାରୁ ଅଧିକ କୃତାର୍ଥ। ସେ କକ୍ଷମୁକ୍ତ; କିନ୍ତୁ ଲକ୍ଷ୍ୟଚ୍ୟୁତ ନୁହନ୍ତି। ସେ ଅମଡ଼ା ବାଟର ଯାତ୍ରୀ। ମାତ୍ର ଆତ୍ମଅନ୍ୱେଷଣ ଆଉ ସାମାଜିକ ପରିବର୍ତ୍ତନ ତାଙ୍କ ଜୀବନ ଓ ପ୍ରତିଭାର ଉଦ୍ଦେଶ୍ୟ। ●


ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭


## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ




ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପାଇଁ ଓଡ଼ିଶା ଲଜ୍ଜିତ ଓ ନିନ୍ଦିତ: ବିଜେଡି

ଭୁବନେଶ୍ୱର,୩୧।୧୨(ସମିସ): ଗତ ୧୮ ମାସର ବିଜେପି ଶାସନରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବା ସହିତ ଓଡ଼ିଶା ସାରା ଦେଶରେ ନିନ୍ଦିତ ଓ ଲଜ୍ଜିତ ହୋଇଛି। ବିଶେଷକରି ୧୮ ମାସରେ ୪୦,୯୪୭ଟି ମହିଳାଙ୍କ ବିରୋଧରେ ଅପରାଧ ମାମଲା ରୁଜୁ ହୋଇଛି। ମହିଳାଙ୍କ ବିରୋଧରେ ଅପରାଧ ସଂଖ୍ୟାରେ ଏହି ଅବଧିରେ ଅହେତୁକ ବୃଦ୍ଧି ପାଇଛି ବୋଲି ବିଜେଡି ତଥ୍ୟ ସହ ସରକାରଙ୍କୁଚଟୁ ସମାଲୋଚନା କରିଛି।



ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ତଥା ଦଳର ଜାତୀୟ ମୁଖପାତ୍ର ଡ. ସସ୍ମିତ ପାତ୍ର ଓ ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ଆଇନଶୃଙ୍ଖଳା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଫଳତାର ଲମ୍ବା ତାଲିକା ଉପସ୍ଥାପନ କରିଛନ୍ତି। ଡ. ସସ୍ମିତ ପାତ୍ର କହିଛନ୍ତି ଯେ ଜୁନ ୨୦୨୪ରେ ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରେ ତତ୍କାଳୀନ ରାଜ୍ୟପାଳଙ୍କ ପୁଅ ଦ୍ୱାରା ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାର ମୂଳଦୁଆ ପଡିଥିଲା। ପୁରୀ ସ୍ଥିତରାଜ୍ୟପାଳଙ୍କ ବାସଭବନ ଭିତରେ ଜଣେ ସରକାରୀ ଅଧିକାରୀଙ୍କୁ ମାଡ଼ ମାରିବା ସହିତ ଜୋତାରେ ଛେପ ପକାଇ ତାଙ୍କୁ ଚାଟିବାକୁ ବାଧ କରାଯାଇଥିଲା। ଏହି ନିନ୍ଦନୀୟ ଘଟଣାକୁ ରାଜ୍ୟ ବିଜେପି ସରକାର ଚାପି ଦେଇଥିଲେ। ସେହିପରି ବିଜେପି କର୍ମୀମାନଙ୍କ ଦ୍ୱାରା ବିଏମସି କମିସନରଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣାଟି ମଧ୍ୟ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା। ନ୍ୟାୟ ପ୍ରଦାନ କରିବାରେ ବିଜେପି ସରକାରଙ୍କ ଟାଳଟୁଳ ନୀତି ଯୋଗୁଁ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଅଧିକ ବିପର୍ଯ୍ୟସ୍ତ ହୋଇ ଚାଲିଛି। ଗତ ୧୮ ମାସରେ

**■ ୧୮ ମାସରେ ୪୦,୯୪୭ଟି ମହିଳା ବିରୋଧୀ ଅପରାଧ**
**■ ରାଜ୍ୟର ଅଭିବୃଦ୍ଧି ହ୍ରାସ କରିଛି ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା**
**■ ୧୮ ମାସରେ ସରକାର ବାତିଲ କରିଛନ୍ତି ୨୦ଟି ପରୀକ୍ଷା**

ରାଜ୍ୟରେ ୪୦,୯୪୭ଟି ମହିଳା ନିର୍ଯାତନା ମାମଲା ରୁଜୁ ହୋଇଛି। ଏହି ସଂଖ୍ୟାରୁ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତିକୁ ଦର୍ଶାଉଛି । ଗୋପାଳପୁର ଗଣଦୁଷ୍କର୍ମ, ରାଉରକେଲାରେ ନାବାଳିକା ଗଣଦୁଷ୍କର୍ମ ଓ ହତ୍ୟା ମାମଲା, ବାଲିହରଚଣ୍ଡୀ ଗଣଦୁଷ୍କର୍ମ, ଧଉଳି ଗଣଦୁଷ୍କର୍ମ ସବୁ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚିତ ହୋଇ ଓଡ଼ିଶା ପାଇଁ ଲଜ୍ୟା ଓ ନିନ୍ଦା ଆଣିଛି । ଅପରାଧ କ୍ଷେତ୍ରରେ ଓଡ଼ିଶା ଦେଶର ଅଷ୍ଟମ ଅପରାଧ ପ୍ରବଣ ରାଜ୍ୟ ଭାବେ ଚିହ୍ନିତ ହୋଇଛି। ଅନ୍ୟପକ୍ଷରେ ଗୁରୁ ଖଣିଜ ସମ୍ପଦରୁ ରାଜ୍ୟକୁ ମିଳୁଥିବା ରାଜସ୍ୱ ଯଥାକ୍ରମେ ୫୦,୦୦୦ କୋଟିରୁ ୩୪,୦୦୦ କୋଟିକୁ ଖସିଆସିଛି । ଲଘୁ ଖଣିଜ ସମ୍ପଦରୁ ମିଳୁଥିବା ରାଜସ୍ୱ ୧୪୮୫ କୋଟିରୁ ୬୦୦ କୋଟିକୁ ହ୍ରାସ ପାଇଛି। ଗତ ୧୮ ମାସରେ ୨୦ଟି ପରୀକ୍ଷାକୁ ରାଜ୍ୟ ସରକାର ବାତିଲ କରିବାକୁ ବାଧ ହୋଇଛନ୍ତି। ଏସ୍‌ଆଇ ନିଯୁକ୍ତି ପରୀକ୍ଷାରେ ହୋଇଥିବା ଦୁର୍ନୀତିକୁ ନେଇ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେବା ପରେ ରାଜ୍ୟ ସରକାର ଏହାର ତଦନ୍ତ ଦାୟିତ୍ୱ ସିବିଆଇ ହାତରେ ଦେବା ପାଇଁ ବାଧ ହୋଇଥିଲେ। ରାଜ୍ୟର ଗୃହ ମନ୍ତ୍ରାଳୟର ଦାୟିତ୍ୱ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ହାତରେ ରହିଛି, କିନ୍ତୁ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସଠିକ୍ ରଖିବାରେ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି।

ଡ. ଲେନିନ ମହାନ୍ତି କହିଛନ୍ତି ଯେ ଗତ ଏକ ବର୍ଷଟି ଗଣଦୁଷ୍କର୍ମର ବର୍ଷ ହୋଇଛି। ରାଜ୍ୟର ପର୍ଯ୍ୟଟନସ୍ଥଳୀ ଗୁଡିକ ମହିଳାମାନଙ୍କ ପାଇଁ ସୁରକ୍ଷିତ ନୁହେଁ ବୋଲି ଅନୁଭବ ହେଉଛି। ଏଥିଯୋଗୁଁ ରାଜ୍ୟରପର୍ଯ୍ୟଟନସ୍ଥଳୀଗୁଡ଼ିକୁଆସୁଥିବାପର୍ଯ୍ୟଟକଙ୍କ ସଂଖ୍ୟାରେ ଅହେତୁକ ହ୍ରାସ ପାଇଛି। ସେହିପରି ବିଗତ ବର୍ଷଟି ମଧ୍ୟ ଦଙ୍ଗାର ବର୍ଷ ହୋଇଛି। ରାଜ୍ୟ ସରକାରଙ୍କ ବିବାଦୀୟ ନିଷ୍ପତ୍ତି ଯୋଗୁଁ କଟକ ଭଳି ଭାଇଚାରାର ସହରରେ ଦଙ୍ଗାର ଅଲୋଡ଼ା କୀର୍ତ୍ତିମାନ ସ୍ଥାପିତ ହୋଇଛି। ଆଶା କରିବା ଇଂରାଜୀ ନୂତନ ବର୍ଷ ଠାରୁ ରାଜ୍ୟରେ ଶାନ୍ତି ଫେରି ଆସୁ, ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆସୁ, ରାଜ୍ୟବାସୀ ନିଜକୁ ସୁରକ୍ଷିତ ମଣନ୍ତୁ ବୋଲି ଡ. ମହାନ୍ତି ଦାବି କରିଛନ୍ତି।

# କଲବଲ କରିବ ଘନ କୁହୁଡ଼ି

ଭୁବନେଶ୍ୱର,୩୧।୧୨(ସମିସ): ରାଜ୍ୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ି କଲବଲ କରିବ। ଏହି ସମୟରେ ଅନେକ ସ୍ଥାନରେ ଅତି ଘନ କୁହୁଡ଼ି ପାଇଁ ପାଗ ଅନୁକୂଳ ରହିଛି। ତେଣୁ କିଛି ଅଞ୍ଚଳରେ ଦୃଶ୍ୟମାନ କ୍ଷମତା ଅହେତୁକ ଭାବେ ହ୍ରାସ ପାଇବ। ଏଥିପାଇଁ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ କୁହୁଡ଼ି ଜନିତ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି ହୋଇଥିବା ବେଳେ ଗାଡ଼ି ଚାଳନା ସମୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି।

ଉପଗ୍ରହରୁ ମିଳୁଥିବା ସୂଚନା ଅନୁଯାୟୀ, ଉପକୂଳ ତଥା ଉତ୍ତର ଓଡିଶାର ଅନେକ ସ୍ଥାନ ସହ ଦକ୍ଷିଣ ଓଡ଼ିଶାର କିଛି କିଛି ସ୍ଥାନରେ ବୁଧବାର ଘନ କୁହୁଡ଼ି ଅନୁଭୂତ ହୋଇଛି। ଏହା ପ୍ରଭାବରେ ଏହି ଅଞ୍ଚଳଗୁଡ଼ିକରେ ଦୃଶ୍ୟମାନ କ୍ଷମତା ୨୦୦ ମିଟରରୁ କମକୁ ଖସି ଆସିଛି। ଅନ୍ୟପଟେ ଏହି ଘନକୁହୁଡ଼ି ପ୍ରଭାବରେ ଉତ୍ତର ଓଡିଶା ସମେତ ପାର୍ଶ୍ୱବର୍ତ୍ତୀ ଜିଲ୍ଲାଗୁଡିକରେ ଦିନ ତାପମାତ୍ରାରେ ଦୁଇ ଦିନ ହେବ ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ହୋଇଥିବା ପରିଲକ୍ଷିତ ହୋଇଛି। ଉତ୍ତର ଓଡ଼ିଶାର ଦିନ ତାପମାତ୍ରା ସ୍ୱାଭାବିକ ଠାରୁ ୬ ରୁ ୭ ଡିଗ୍ରୀ କମ ରହୁଥିବାରୁ ଦିନ ସମୟରେ ଅଧିକ ଥଣ୍ଡା ଅନୁଭୂତ ହେଉଛି। ବୁଧବାର ଭୁବନେଶ୍ୱରରେ ମଧ୍ୟ ଦିନ ପ୍ରାୟ ୧୧ ଟା ପର୍ଯ୍ୟନ୍ତ ଏପରି ସ୍ଥିତି ଲାଗି ରହିବା କାରଣରୁ ସକାଳୁ ପ୍ରବଳ ଶୀତ ଅନୁଭୂତ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଗୁରୁବାର ରାତିରୁ ଶୁକ୍ରବାର ସକାଳ ମଧ୍ୟରେଜଗତସିଂହପୁର, ପୁରୀ ଓ କେନ୍ଦ୍ରାପଡ଼ାରେଅତି ଘନ କୁହୁଡ଼ି ଆଶଙ୍କା ରହିଛି। ତେଣୁ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଗଜପତି, ଗଞ୍ଜାମ, କଟକ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ଢେଙ୍କାନାଳ, ଯାଜପୁର, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ଭଦ୍ରକ, ଅନୁଗୁଳ ଓ କନ୍ଧମାଳରେ ଘନ କୁହୁଡ଼ି ଆଶଙ୍କା କରି ଏହି ଜିଲ୍ଲାଗୁଡ଼ିକୁ ୟେଲୋ ଆଲର୍ଟ ଜାରି କରାଯାଇଛି।

ବର୍ତ୍ତମାନ ଉତ୍ତର ପାକିସ୍ତାନ ଏବଂ ପାର୍ଶ୍ୱବର୍ତ୍ତୀ ଆଫଗାନିସ୍ଥାନ ଅଞ୍ଚଳରେ ବାୟୁମଣ୍ଡଳର ନିମ୍ନ ଭାଗରେ ପଶ୍ଚିମା ଝଡ଼ ଏକ ଘୂର୍ଣ୍ଣିବଳୟ ରୂପରେ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟରେ ୨ ତାରିଖରୁ ଶୀତର ପ୍ରଭାବ କମିବା ସହ ୧ ଏବଂ ୨ ତାରିଖରେ ରାଜ୍ୟ ଉପରେ ବାଦଲ ଆଚ୍ଛାଦନ ବୃଦ୍ଧି ସମ୍ଭାବନା ରହିଛି। ଅନ୍ୟପଟେ ପୂର୍ବାପେକ୍ଷା ତାପମାତ୍ରାରେ ବୃଦ୍ଧି ଘଟିଥିଲେ ମଧ୍ୟରେ ବୁଧବାର ରାଜ୍ୟର ୧୭ ସହରରେ

**■ ଦୁଇ ଦିନ କୋହଲା ପାଗ ଆଶଙ୍କା**
**■ ତାପମାତ୍ରା ବଢ଼ିବ; କମିବନି ଶୀତ**

ତାମପାତ୍ରା ୧୦ ଡିଗ୍ରୀ ତଳେ ରେକର୍ଡ ହୋଇଛି। ୫.୬ ଡିଗ୍ରୀ ସହ ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ଫୁଲବାଣୀ ୬.୨, ଝାରସୁଗୁଡା ୬.୩, ଦାରିଙ୍ଗବାଡି ୭, ରାଉରକେଲା ଏବଂ ସେମିଳିଗୁଡା ୭.୧, ନବରଙ୍ଗପୁର ୭.୮, କିରେଇ ୮, ସୁନ୍ଦରଗଡ଼ ୮.୨, କୋରାପୁଟ ୮.୩, କେନ୍ଦୁଝର ୮.୮, ସୋନପୁର ୯.୪, ଭବାନୀପାଟଣା ୯.୫, ବୌଦ୍ଧ ୯.୮, ଚିପିଲିମା ୯.୯, ବାରିପଦା ଓ ବାଲେଶ୍ୱରରେ ପାରଦ ୧୦ ଡିଗ୍ରୀକୁ ଖସିଛି। ପାଣିପାଗ କେନ୍ଦ୍ର କହିଛି, ଆସନ୍ତା ୪ ଦିନ ମଧ୍ୟରେ ରାଜ୍ୟରେ ଆହୁରି ୩-୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି।


**AFFIDAVIT**

I, Aswini Rekha Sahu, aged about 34 years, W/o- Samir Kumar Senapati, resident of At/Po- Gangaram Nuasahi, Ps- Kumbharapada, Dist- Puri, Odisha, PIN- 752001, Odisha declared by this affidavit No. 2655, dtd- 31/12/2025 that now onwards I shall be known as **ASWINI SENAPATI** for all future purposes.

**AFFIDAVIT**

By virtue of an affidavit sworn before Notary Public **Bhubaneswar**, on dated **30.12.2025**, I **Mamina Sethi** resident **At/Po-Amrutamanohi, Sub Dist-Pattamundai, Dist-Kendrapara, Odisha, Pin-754218**, declare that I have changed the name of my Daughter from **Priya Darshinji Sethi** to **Priya Priyadarsini Sethi** . Henceforth, He shall be known as **Priya Priyadarsini** Sethi for all purposes.

**AFFIDAVIT**

By virtue of an affidavit sworn before Notary public **Bhubaneswar** on dated **30.12.2025**, I **Minu Sethi** resident of **At/Po-Amrutamanohi, Dist-Kendrapara, Odisha, Pin-754218** declare that I have changed my name from **Minu Malik** to **Minu Sethi**. Henceforth, I shall be known as **MINU SETHI** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, vide no 1135, dated 30.12.2025 I, GIRIJA MAJHI, W/o - Asamana Majhi , Residences of Village - Sindhigaon, Po- Sindhigaon, PS - Nabarangpur, Dist - Nabarangpur, Odisha, Pin - 764063, declare that I have changed the name of my Daughter from HINDU MAJHI to INDU MAJHI. Henceforth, She shall be known as **INDU MAJHI** for all purposes.

**Sd/- Girija Majhi**

**AFFIDAVIT**

By virtue of an affidavit before the Notary Public, Sambalpur, I, Sagarika Rath, W/o- Prakash Chandra Dash, resident of At - Laxminarayan Pur, Po – Mahajan Pur, Ps- Jagatpur, Dist- Cuttack, Pin – 754200 declare by this affidavit No – 22125, Dtd – 31/12/2025 that now onwards I shall be know as **Sagarika Dash** for all future purposes.

**NAME CORRECTION NOTICE**

I, GHANASHYAM HEMBRAM, S/O Late Phagu Hembram, resident of Village-Bahalda, P.O.- Bahalda, P.S.- Bahalda, Dist.- Mayurbhanj, hereby declare that my name is wrongly mentioned as GHANSHYAM HEMBRAM in my Aadhaar Card (No. 4600 1142 5409). Both names refer to one and the same person. I have applied for correction of my name to GHANASHYAM HEMBRAM.

**GHANASHYAM HEMBRAM**


## ମୁଖ୍ୟ ସଚିବ ଦାୟିତ୍ୱ ଗ୍ରହଣ କଲେ ଅନୁ ଗର୍ଗ



# ଅରବିନ୍ଦ ପାଢ଼ୀଙ୍କୁ ଅତିରିକ୍ତ ମୁଖ୍ୟ ସଚିବ ପାହ୍ୟାକୁ ପଦୋନ୍ନତି

ଭୁବନେଶ୍ୱର,୩୧।୧୨(ସମିସ): ୧୯୯୬ ବ୍ୟାଚର ବରିଷ୍ଠ ଆଇଏଏସ ତଥା ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀଙ୍କୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର। ତାଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ମିଳିଛି। ପରବର୍ତ୍ତୀ ନିର୍ଦ୍ଦେଶନାମା ଯାଏଁ ସେ ବର୍ତ୍ତମାନ ଥିବା ପଦରେ ଦାୟିତ୍ୱ ଜାରି ରଖିବେ ବୋଲି କୁହାଯାଇଛି। ସେହିପରି ୧୯୯୫ ବ୍ୟାଚର ବରିଷ୍ଠ ଆଇଏସ ସୁଶୀଲ କୁମାର ଲୋହାନୀଙ୍କୁ ମଧ୍ୟ ପେ ମାଟ୍ରିକ୍ସର ଲେଭୁଲ-୧୭କୁ ପଦୋନ୍ନତି ଦିଆଯାଇଛି।

## ଓଡ଼ିଶା ରାଜନୀତିରେ ନୂଆ ସମୀକରଣ

# ନୂତନ ଆଞ୍ଚଳିକ ଦଳ ଗଠନ କରିବେ ମୋକିମ!

କଟକ, ୩୧।୧୨(ସମିସ): ନୂଆବର୍ଷ ୨୦୨୬ ଓଡ଼ିଶା ରାଜନୀତିରେ ଅନେକ ନୂଆ କଥା ଦେଖିବାକୁ ମିଳିବ । ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍‌ଙ୍କ ଏହି ପୂର୍ବାନୁମାନକୁ ନେଇ କଳ୍ପନାଜଳ୍ପନା ଚାଲିଥିବାବେଳେ ଏହାକୁ ଅଧିକ ଉଷ୍ମ କରିଛି 'ହୋର୍ଡ଼ିଂ' ରାଜନୀତି । କଂଗ୍ରେସରୁ ବହିଷ୍କୃତ ହେବା ପରେ ବରିଷ୍ଠ ନେତା ମହମ୍ମଦ ମୋକିମ ନିଜର ଆଗାମୀ ରଣନୀତି ପ୍ରସ୍ତୁତ କରୁଥିବା ସୂଚନା ମିଳିଛି । ମୋକିମ ଏବେ ନୂତନ ଆଞ୍ଚଳିକ ଦଳ ଗଠନ ପାଇଁ ବିଭିନ୍ନ ଦଳର ପୁରୁଖା ନେତାଙ୍କୁ ଏକାଠି କରିବା ଆରମ୍ଭ କରିଛନ୍ତି। ବରିଷ୍ଠ ନେତା ବିଜୟ ମହାପାତ୍ର ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ ତ୍ରିପାଠୀଙ୍କ ଭଳି ତୁଙ୍ଗ ନେତାଙ୍କ ସହ ମୋକିମଙ୍କ ସାକ୍ଷାତ ଆଲୋଚନା ଏହି ସନ୍ଦେହକୁ ଦୃଢ଼ୀଭୂତ କରିଛି। ମୋକିମଙ୍କ ମତରେ ଓଡ଼ିଶାରେ ଏକ ଶକ୍ତିଶାଳୀ ଆଞ୍ଚଳିକ ଦଳ ପାଇଁ ବର୍ତ୍ତମାନ ପ୍ରକୃଷ୍ଟ ସମୟ ଆସିଛି। ବିଭିନ୍ନ ଦଳର ଅନେକ ଛାମୁଆ ନେତା ତାଙ୍କ ସହ ଯୋଗାଯୋଗରେ ଅଛନ୍ତି ବୋଲି ସେ କହିଛନ୍ତି । ଏହି ରାଜନୈତିକ ହଲଚଲ ମଧ୍ୟରେ କଟକ ବାରବାଟୀ ବିଧାୟିକା ତଥା ମୋକିମଙ୍କ କନ୍ୟା ସୋଫିଆ ଫିର୍ଦ୍ଦୋଶଙ୍କ ନୂଆବର୍ଷ ଶୁଭେଚ୍ଛା ପୋଷ୍ଟର ଏବେ ସବୁଠାରୁ ବଡ଼ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ସହରର ବିଭିନ୍ନ ସ୍ଥାନରେ ଦୁଇ ପ୍ରକାରର ପୋଷ୍ଟର ଦେଖିବାକୁ ମିଳୁଛି ଗୋଟିଏ ପୋଷ୍ଟରରେ କେବଳ ସୋଫିଆ ଓ ତାଙ୍କ ପିତା ମହମ୍ମଦ ମୋକିମଙ୍କ

**'ହୋର୍ଡିଂ ରାଜନୀତି'କୁ ନେଇ କଂଗ୍ରେସରେ ଦ୍ୱନ୍ଦ୍ୱ**

ଫଟୋ ରହିଛି, କିନ୍ତୁ କଂଗ୍ରେସର ଚିହ୍ନ କିମ୍ବା କୌଣସି ନେତାଙ୍କ ଫଟୋ ନାହିଁ। ଅନ୍ୟ ପୋଷ୍ଟରରେ ସୋଫିଆଙ୍କ ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଫଟୋ ରହିଛି, ମାତ୍ର ସେଥିରୁ ମୋକିମଙ୍କ ଫଟୋ ବାଦ୍ ଦିଆଯାଇଛି। ଏହି ପୋଷ୍ଟର କଂଗ୍ରେସ କର୍ମୀଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଏ ସମ୍ପର୍କରେ ମୋକିମ କହିଛନ୍ତି ଯେ, ଏହି ହୋର୍ଡିଂ କେଉଁ ସମର୍ଥକ ବା ପ୍ରଶଂସକ ଲଗାଇଛନ୍ତି ସେ ବିଷୟରେ ସେ ଅବଗତ ନାହାନ୍ତି। ସୋଫିଆଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି ଏବଂ ସବୁ ସ୍ଥାନରେ ଦଳୀୟ ଚିହ୍ନର ଆବଶ୍ୟକତା ନ ଥାଏ। ସହରବାସୀଙ୍କ ସମର୍ଥନ ତାଙ୍କ ସହ ରହିଛି ଏବଂ ଅଧିକାଂଶ ସ୍ଥାନରେ ଦଳୀୟ ନେତାଙ୍କ ସହ ସୋଫିଆଙ୍କ ବ୍ୟାନର ମଧ୍ୟ ରହିଛି ବୋଲି ସେ କହିଛନ୍ତି

ଗୋଟିଏ ପଟେ ସୋଫିଆ ଦଳୀୟ ଆନୁଗତ୍ୟ ଦେଖାଉଥିବା ବେଳେ ଅନ୍ୟପଟେ ପିତାଙ୍କ ନୂତନ ରାଜନୈତିକ ମଞ୍ଚକୁ ପରୋକ୍ଷ ସମର୍ଥନ କରୁଥିବା ମନେହେଉଛି। ସୋଫିଆଙ୍କ ସ୍ୱତନ୍ତ୍ର ପରିଚୟ ଓ ମୋକିମଙ୍କ ସାଂଗଠନିକ ଦକ୍ଷତା ମିଶିଲେ କଟକ ସହର ତଥା ଓଡ଼ିଶା ରାଜନୀତିରେ ଏକ ନୂଆ ବିକଳ୍ପ ସୃଷ୍ଟି ହୋଇପାରେ ବୋଲି ଚର୍ଚ୍ଚା ହେଉଛି। କଂଗ୍ରେସରେ ରହି ସୋଫିଆ ପିତାଙ୍କ ନୂଆ ଦଳକୁ ପରୋକ୍ଷ ସମର୍ଥନ ଦେବେ ନା ଦଳ ଛାଡ଼ି ମୋକିମଙ୍କ ମଞ୍ଚରେ ସାମିଲ ହେବେ, ତାହା ଉପରେ ଏବେ ରାଜନୈତିକ ବିଶେଷଜ୍ଞଙ୍କ ତୀକ୍ଷ୍ଣ ନଜର ରହିଛି।

## ଅବଶିଷ୍ଟାଂଶ...

### ପିୟୁସିସି କଟକଣା...

ମନ୍ତ୍ରୀ କହିଛନ୍ତି। ଆରଟିଓକୁ ଗ୍ରୀନ୍ ଷ୍ଟିକର୍ ଦିଆଯିବ, ଯେଉଁମାନେ ପିୟୁସିସି କରିଛନ୍ତି ସେମାନେ ଏହି ଷ୍ଟିକର ନେଇପାରିବେ ବୋଲି ବ୍ୟବସ୍ଥା କରାଯାଇଛି। ଅନ୍ୟପଟେ ଏହି କଟକଣା ଭିତରେ ଜାଲ୍ ପିୟୁସି ସାର୍ଟିଫିକେଟ୍ ଭଳି ଅନିୟମିତତା ମଧ୍ୟ ସାମନାକୁ ଆସିଛି। ଏହି ଘଟଣା ସାମନାକୁ ଆସିବା ପରେ ୪୨ଟି ଏପିଟି ସେଣ୍ଟର ଲାଇସେନ୍ସ ବାତିଲ କରାଯାଇଛି। ନୂଆ ସେଣ୍ଟର ପାଇଁ ଆବେଦନ ଆସିଲେ ୨୪ ଘଣ୍ଟାରେ ଅନୁମୋଦନ ମିଳିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ପିୟୁସିସି ପାଇଁ ସାରା ରାଜ୍ୟରେ ଲୋକଙ୍କ ପ୍ରବଳ ଭିଡ଼ ଜମୁଛି। ଅଳ୍ପ ସମୟ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବି ବଢ଼ି ଚାଲିଛି। ଲକ୍ଷ ଲକ୍ଷ ଗାଡ଼ିକୁ ନଗଣ୍ୟ ଟେଷ୍ଟିଂ ସେଣ୍ଟର ସହ ଯେଉଁମାନଙ୍କ ନାମରେ ପୂର୍ବରୁ ଚାଲାଣ ରହିଥିଲା, ସେମାନଙ୍କୁ ବର୍ତ୍ତମାନ ଏହା ପୈଠ କରିବା ବାଧ୍ୟତାମୂଳକ କରାଯାଇଛି।

### ଆର୍ଥିକ ଚାପ...

ବକେୟା ସୀମା ଅଧିକ ରହିଛି। ଏହା ପରିଶୋଧ କରିବା ପାଇଁ ଅଧିକ ଋଣର ଆବଶ୍ୟକତା ରହିଛି। ଏହା ବ୍ୟତୀତ ହରିୟାଣା ସରକାରଙ୍କୁ ମଧ୍ୟ ଋଣ ପରିଶୋଧ ପାଇଁ ଅଧିକ ଋଣ ନେବାକୁ ପଡ଼ିବ।

ମହାରାଷ୍ଟ୍ରର ବାର୍ଷିକ ଆୟ ୫.୬୩ ଲକ୍ଷ କୋଟି ଥିବାବେଳେ ୧୧.୫୦ ପ୍ରତିଶତ ରିଆତି ଏବଂ ଫ୍ରିବିଜରେ ଯାଉଛି। ୫୫,୪୦ ପ୍ରତିଶତ ଦରମା, ଭତ୍ତା ଏବଂ ସୁଧରେ, ଋଣ ସୁଝିବାରେ ୧୦.୨୦ ପ୍ରତିଶତ ଯାଉଥିବାବେଳେ ୩୧.୪୦ ପ୍ରତିଶତ ରାଶି ବଳକା ରହୁଛି। ସେହିପରି ରାଜସ୍ଥାନର ବାର୍ଷିକ ଆୟ ୨.୯୪ ଲକ୍ଷ କୋଟି ଟଙ୍କା ରହିଛି। ଏଥିରୁ ୯.୯୦ % ରିଆତି-ଫ୍ରିବିଜ, ୫୩.୫୦% ଦରମା, ଭତ୍ତା ଏବଂ ସୁଧ, ୫୩.୪୦% ଋଣ ପରିଶୋଧରେ ଯାଉଥିବାବେଳେ କୌଣସି ଅର୍ଥ ବଳକା ରହୁନାହିଁ। ଏହା ବିଯୁକ୍ତ ୧୬.୭୦ % ରହିଛି। ହରିୟାଣାର ଆୟ ୧.୩୩ ଲକ୍ଷ କୋଟି ଥିବାବେଳେ ରିଆତିରେ ୨୧%, ଦରମା ଆଦିରେ ୫୬.୧୦%, ଋଣ ପରିଶୋଧରେ ୫୩.୧୦% ଗଲା ପରେ ସଞ୍ଚୟ ବିଯୁକ୍ତ ୩୦.୨୦% ରହିଛି। ପଞ୍ଜାବର ଆୟ ୧.୧୨ ଲକ୍ଷ କୋଟି ରହିଛି। ମାତ୍ର ରିଆତି,ମାଗଣା ଯୋଜନାରେ ୨୦%, ଦରମା ଆଦିରେ ୭୩,୧୦%, ଋଣ ପରିଶୋଧରେ ୭୯.୬୦ ପ୍ରତିଶତ ଯିବା ପରେ ସଞ୍ଚୟ ବିଯୁକ୍ତ ୭୨.୭୦ ପ୍ରତିଶତ ଅଛି। ଏହା ବ୍ୟତୀତର ବିହାରର ବାର୍ଷିକ ଆୟ ୨.୬୧ ଲକ୍ଷ କୋଟି ଥିବାବେଳେ ମାଗଣା ଘୋଷଣା ଆଦିରେ ୧୦.୫୦%, ଦରମା ଭତ୍ତାରେ ୪୧.୩୦ %, ଋଣ ପରିଶୋଧରେ ୮.୭୦ ଯାଇ ୩୯.୪୦ ପ୍ରତିଶତ ରାଶି ସଞ୍ଚୟ ହେଉଛି।

ମଧ୍ୟପ୍ରଦେଶ, ରାଜସ୍ଥାନ, ପଞ୍ଜାବ, ବିହାର ଭଳି ରାଜ୍ୟରେ ଋଣ ଜିଡିପି ତୁଳନାରେ ଏକ ତୃତୀୟାଂଶ କିମ୍ବା ଅଧିକ ରହିଛି। ଏଭଳି ସ୍ଥିତିରେ ଆଗାମୀ ଦିନରେ ଋଣ ପରିଶୋଧ ପାଇଁ ରାଜ୍ୟଗୁଡ଼ିକ ଉପରେ ଚାପ ବଢ଼ିବ। ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତି ପୂରଣ ପାଇଁ ବିହାର ସରକାରଙ୍କ ପୁଞ୍ଜି ବ୍ୟୟ ୨୫ ଗୁଣ ବଢ଼ିପାରେ। ଏହା ଦ୍ୱାରା ରାଜ୍ୟ ଦେବାଳିଆ ହୋଇଯିବ। ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ଆଦି ବଡ଼ ରାଜ୍ୟରେ ବିକାଶ ପାଇଁ ବହୁତ କମ ରାଶି ବଳୁଛି। ରାଜସ୍ଥାନ ସମେତ ଅନେକ ରାଜ୍ୟରେ ୪୫ ଗିଗାୱାଟର ସୌର, ପବନ ଶକ୍ତି କେନ୍ଦ୍ର ଅଟକି ରହିଛି। କାରଣ ସରକାର ବିଦ୍ୟୁତ କ୍ରୟ ପାଇଁ ଚୁକ୍ତି ସ୍ୱାକ୍ଷର କରିପାରୁ ନାହାନ୍ତି।

ପଶ୍ଚିମବଙ୍ଗରେ ଆୟର ୨୧.୨% ସୁଧ ପରିଶୋଧ କରିବାରେ ଖର୍ଚ୍ଚ ହେଉଛି। ଏଠାରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ୧୮.୭ ପ୍ରତିଶତ ବଜେଟ ରହିଛି। ରାଜସ୍ଥାନରେ ବ୍ୟୟ ବଢୁଥିବାରୁ ସ୍ୱାସ୍ଥ୍ୟ ବଜେଟ ଉପରେ ଖର୍ଚ୍ଚ ସ୍ଥିର ରହିଛି। ମଧ୍ୟପ୍ରଦେଶରେ ଲାଡଲି ବହନା ଭଳି ଯୋଜନା ପାଇଁ ଋଣ ବୋଝ ବଢ଼ିବାରେ ଲାଗିଛି। କର୍ଣ୍ଣାଟକରେ ଗ୍ୟାରେଣ୍ଟି ଯୋଜନା ପାଇଁ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଋଣ ଅଧିକ ନିଆଯାଇଛି। ଜୁନ୍‌ରେ ମହାରାଷ୍ଟ୍ରରେ ୯୦୩ ପ୍ରକଳ୍ପର ମଞ୍ଜୁରି ରଦ୍ଦ କରିଦିଆଯାଇଛି। ଏଥିରୁ ଅଧିକାଂଶ ଜଳସେଚନ ଏବଂ ବନ୍ଧ ନିର୍ମାଣ ସହ ଜଡ଼ିତ ଥିଲା। ଯଦି ପୁରୁଣା ସରକାର କରିଥିବା ଯୋଜନା ବନ୍ଦ ନ କରାଯାଏ ତେବେ ନୂଆ ଯୋଜନା ପାଇଁ ଅଧିକ ବୋଝ ବଢ଼ିବ ବୋଲି ବିଶେଷଜ୍ଞମାନେ କହୁଛନ୍ତି। କିନ୍ତୁ ପୁରୁଣା ଯୋଜନା ବନ୍ଦ ହୋଇଗଲେ ଲୋକେ କ୍ଷୁବ୍ଧ ହୋଇଯିବେ ବୋଲି ସରକାର ଭୟ କରୁଛନ୍ତି। ଆସାମ ଏବେକାର ସରକାର ଏଥିରୁ ବର୍ତ୍ତିବା ଲାଗି ପୂର୍ବ ସରକାରଙ୍କ ଯୋଜନା ବନ୍ଦ କରିଦେଇଥିଲେ। ଅନ୍ୟ ସରକାରମାନେ ଏଭଳି କଲେ ସାମାନ୍ୟ ଆଶ୍ୱସ୍ତି ମିଳିପାରେ।

### ଇ-କେୱାଇସି ଅବଧି...

ନିଜ ଇ-କେୱାଇସି କରିସାରିଛନ୍ତି। ଆହୁରି ୧୩ ଲକ୍ଷ ୪୨ ହଜାର ୪୫୩ ଜଣଙ୍କ ଏହି ପ୍ରକ୍ରିୟା ବାକି ରହିଛି ବୋଲି ଗତ କିଛି ଦିନ ତେଳ ବିଭାଗ ପକ୍ଷରୁ କୁହାଯାଇଥିଲା। ରାଜ୍ୟ ବାହାରେ ରହୁଥିବା ୧ଲକ୍ଷ ୪୫ହଜାର ୪୪୬ ଜଣଙ୍କ ଇ-କେୱାଇସି କରାଯାଇଛି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧ଲକ୍ଷ ୪୨ହଜାର ୩୫୭ ଜଣ, କଳାହାଣ୍ଡି ୭୧ ହଜାର, ବଲାଙ୍ଗୀର ୬୮ ହଜାର, ବାଲେଶ୍ୱର ୬୪ ହଜାର, ମୟୂରଭଞ୍ଜ ୬୧ ହଜାର, ପୁରୀ ୬୨ ହଜାର, ଯାଜପୁରରେ ୬୦ ହଜାର ଲୋକ ଏହି ପ୍ରକ୍ରିୟାରେ ସାମିଲ ହୋଇନାହାନ୍ତି। ଦେବଗଡ଼ ଜିଲ୍ଲାରେ ସର୍ବନିମ୍ନ ୬୪୫୩ ଜଣଙ୍କ ଇ-କେୱାଇସି ହୋଇନଥିବା ଜଣାପଡ଼ିଛି।

### ଦୁଇଟି 'ପ୍ରଳୟ'ର...

ଉତ୍କ୍ଷେପଣ ହୋଇଥିଲା। ଏହି ପରୀକ୍ଷଣ ମିଶନର ସମସ୍ତ ଉଦ୍ଦେଶ୍ୟ ପୂରଣ ହୋଇଛି ବୋଲି ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର) ପକ୍ଷରୁ ନିୟୋଜିତ ବିଭିନ୍ନ ଟ୍ରାକିଂ ସେନ୍ସର ଦ୍ୱାରା ପ୍ରାପ୍ତ ପରୀକ୍ଷଣ ତଥ୍ୟ ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ଅବସ୍ଥିତ ଜାହାଜରେ ନିୟୋଜିତ ଉପକରଣରୁ ତଥ୍ୟ ବିଶ୍ଳେଷଣରୁ ଏହା ପ୍ରମାଣିତ ହୋଇଥିବା କୁହାଯାଇଛି। ଏହି କ୍ଷେପଣାସ୍ତ୍ର କଠିନ ପ୍ରୋପେଲାଂଟ ରକେଟ୍ ମୋଟର ସହିତ ଚାଳିତ ଏବଂ ଏଥିରେ ଅନେକ ନୂତନ ଟେକ୍ନୋଲୋଜି ରହିଛି। ପ୍ରାୟ ୫ଶହରୁ ଏକ ହଜାର କିଲୋଗ୍ରାମର ଯୁଦ୍ଧାସ୍ତ୍ର ଧାରଣ କରି ଏହା ୩୫୦-୫୦୦ କିଲୋମିଟର ପର୍ଯ୍ୟନ୍ତ ଟାର୍ଗେଟକୁ ଲକ୍ଷ୍ୟଭେଦ କରିପାରିବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରଳୟର ସଫଳ ପରୀକ୍ଷଣ ପାଇଁ ଡିଆରଡିଓ, ଭାରତୀୟ ବାୟୁ ସେନା ଓ ସ୍ଥଳ ସେନା, ପ୍ରତିରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ରାଷ୍ଟ୍ରାୟତ ଉଦ୍ୟୋଗ ଏବଂ ଅନ୍ୟ ସହଯୋଗୀ ସଂସ୍ଥାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଭାରତ ସରକାରଙ୍କ ପ୍ରତିରକ୍ଷା ଗବେଷଣା ବିଭାଗ ସଚିବ ତଥା ଡିଆରଡିଓର ଅଧ୍ୟକ୍ଷ ଡ. ସମୀର ଭି କାମତ ବୈଜ୍ଞାନିକଙ୍କ ସମେତ ସଫଳ ପରୀକ୍ଷଣରେ ଜଡିତ ସମସ୍ତ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଶ୍ରୀମନ୍ଦିର କ୍ୟାଲେଣ୍ଡରରେ...

କେମିତି? ନା ମନ୍ଦିର ପ୍ରଶାସନ କାହାକୁ ନ ପଚାରି କାହାର ମତାମତ ନ ନେଇ ମନଇଚ୍ଛା ଏହାକୁ ଛାପିଛି? ଗତ ୧୮ ତାରିଖରେ ଭୁବନେଶ୍ୱରରେ ଖୋଦ୍ ମୁଖ୍ୟମନ୍ତ୍ରୀ ଏହି କ୍ୟାଲେଣ୍ଡର ଲୋକାର୍ପଣ କରିଥିଲେ। ସେଠାରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ପବିତ୍ର ମୋହନ ସାମଲ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ପୁରୀ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଏସ୍‌ପି ପ୍ରତୀକ ସିଂଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ଉନ୍ମୋଚନ ପରେ କ'ଣ କାହାରି ନଜରରେ ଏହି ତ୍ରୁଟି ଆସି ନ ଥିଲା? ଏମିତି ଅନେକ ପ୍ରଶ୍ନ ଏବେ ଭକ୍ତଙ୍କ ମନରେ ଉଙ୍କି ମାରୁଛି।

ଅନ୍ୟପକ୍ଷରେ ଏଭଳି ତ୍ରୁଟିକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। 'ଶହ ବର୍ଷ ତଳର ଏହା ଜଣେ ଚିତ୍ରକରଙ୍କର କଳାକୃତି। ଏହି ତାଳପତ୍ରରେ ଅଙ୍କିତ ଫଟୋ ଚିତ୍ରକୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରୁ ସଂଗ୍ରହ କରାଯାଇ ଇଂରାଜୀ ନବବର୍ଷ କ୍ୟାଲେଣ୍ଡରରେ ସ୍ଥାନିତ କରାଯାଇଛି। କିନ୍ତୁ ଏହା ସାମ୍ପ୍ରତିକ ସ୍ଥିତି ନୁହେଁ। ଏହା ସେତେବେଳର ଜଣେ ଚିତ୍ରଶିଳ୍ପୀର ଚିତ୍ରକଳା। ଏହାକୁ ଜଗନ୍ନାଥପ୍ରେମୀ ଭୁଲ୍ ବୁଝିବେ ନାହିଁ ବୋଲି ଆଶା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ କ୍ଷମା ପ୍ରାର୍ଥନା ସହ କ୍ୟାଲେଣ୍ଡର୍ ଗୁଡିକର ବିକ୍ରି ସ୍ଥଗିତ ରଖିବା ଲାଗି ମୁଖ୍ୟ ପ୍ରଶାସକ ଘୋଷଣା କରିଛନ୍ତି'। ତେବେ ଏଠାରେ ପ୍ରଶ୍ନଉଠୁଛି ପୁରୁଣା ଚିତ୍ରକଳାକୁ ସ୍ଥାନ ଦେବାବେଳେ କେହି କ'ଣ ଦେଖି ନ ଥିଲେ? ତା' ହେଲେ ମହାପ୍ରଭୁଙ୍କ କାମରେ ଏତେ ଖାମଖିଆଲି କ'ଣ ପାଇଁ ବୋଲି ପ୍ରଶ୍ନ ଉଠିଛି। ଯଦି ଠାକୁରଙ୍କ ସମ୍ମାନ ପାଇଁ ଏସବୁ ନଷ୍ଟ କରାଯାଇ ନୂତନ ଛପା ଯାଏ ତେବେ ସେ ବାବଦ ଆର୍ôଥକ କ୍ଷତି କାହାଠାରୁ ଭରଣା ହେବ? ଶ୍ରୀଜଗନ୍ନାଥ ସଂସ୍କୃତିକୁ ବିକୃତ କରିଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କି' କାର୍ଯ୍ୟାନୁଷ୍ଠାନ ହେବ? ଏ ସବୁର ପର୍ଦ୍ଦାଫାଶ ପାଇଁ ଜଗନ୍ନାଥଙ୍କ ନାମର ଦ୍ୱାହି ଦେଇ ଆସିଥିବା ସରକାର ତୁରନ୍ତ ଏହାରର ଉପଯୁକ୍ତ ତଦନ୍ତ କରି ଯେଉଁମାନଙ୍କ ଦାୟିତ୍ୱହୀନତା ପାଇଁ ଆଜି ଏଭଳି ତ୍ରୁଟି ହୋଇଛି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଜଗନ୍ନାଥପ୍ରେମୀ ଭକ୍ତ ଓ ସେବାୟତ ଦାବି କରିଛନ୍ତି।

### ଗ୍ୟାରେଜରେ ୨ ଯୁବକଙ୍କୁ...

ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଥିବା ଦଉଡି, ପାଣି ବାଲଟି, ହାତୁଡି ଜବତ କରିଛି। ଅନ୍ୟପକ୍ଷରେ ୨ ମୃତଦେହକୁ ପୁଲିସ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ଯଦିଓ ହତ୍ୟାକାଣ୍ଡର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ, ତଥାପି ଏହା ପଛରେ କୌଣସି ଅନୈତିକ କାର୍ଯ୍ୟକଳାପ ବା ଚୋରା କାରବାର ରହିଥିବା ସନ୍ଦେହ କରାଯାଉଛି। ହତ୍ୟାକାଣ୍ଡର ଶିକାର ହୋଇଥିବା ଦୁଇ ଯୁବକଙ୍କ ମଧ୍ୟରୁ ଜଣଙ୍କ ଘର ସ୍ଥାନୀୟ ଅଞ୍ଚଳରେ ହୋଇଥିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ସେଠାରେ ଉତ୍ୟକ୍ତ ପରିବାର ଲୋକଙ୍କୁ ବୁଝାସୁଝା କରିବା ସହ ପରିସ୍ଥିତି ନିୟନ୍ତ୍ରଣ କରିଛି। ଏଥି ସହ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବାକୁ ପ୍ରୟାସ ଜାରି ରହିଛି। ବର୍ଷ ଶେଷରେ ଏଭଳି ହତ୍ୟାକାଣ୍ଡ ଉଭୟ ପରିବାର ଓ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି।


**OFFICE OF THE HEADMISTRESS,**
**KASTURABA GANDHI BALIKA VIDYALAYA, PURUNAKATAK**
**At/Po- Purunakatak, Dist-Boudh, Pin-762013**
n-222
ସମଗ୍ର ଶିକ୍ଷା समग्र शिक्षा Samagra Shiksha

**Letter No. 27/25** **Dated 30.12.2025**

**TENDER CALL NOTICE**

Sealed tenders are invited from the registered / reputed firms who having valid PAN, GST registration for supply of consumable items (Grocery) to Kasturaba Gandhi Balika Vidyalaya, Purunakatak Dist- Boudh (Odisha). Bids should be submitted in the envelope duly marked on the top **"Tender supply of Grocery items for Purunakatak KGBV"** Office of the Headmistress, KGBV Purunakatak Post- Purunakatak Block- Boudh, Dist: -Boudh, Pin- 762013 during office hours by 5.00 pm of Dt. **27.01.2026** through Speed Post /Registry Post/ Courier only. No other mode of submission should be accepted. The bid document shall be opened at 11.00AM on Dtd. **28.01.2026** in the office of the Headmistress, KGBV Purunakatak/District Project Coordinator, Samagra Shiksha, Boudh in the presence of the bidders or their authorized representatives and KGBV Procurement Committee. The terms and conditions for the tender can be downloaded from the official website **http.//www.osepa.odisha.gov.in** and **www.boudh.nic.in**.

**By the Order of DEO-cum-DPC**
**Headmistress**
**KGBV, Purunakatak**

**OIPR-**

C-1942 ପୌରପରିଷଦ କାର୍ଯ୍ୟାଳୟ,ପାରଳାଖେମୁଣ୍ଡି, ଗଜପତି

**OFFICE OF THE MUNICIPAL COUNCIL PARALAKHEMUNDI GAJAPATI**
Phone No.: 06815-222052 e-Mail: parala.mply@gmail.com

Letter No.4603 Date 30.12.2025

**QUOTATION CALL NOTICE**

Sealed quotations are invited from agency having relevant certificates and past experience for the work "Ward level wall painting on IEC activities relating to sanitation theme for wide awareness of ward habitants". The tender paper will be available on payment of Rs.3000/- (Rupees Three Thousand) only (which is non refundable) in shape of Demand Draft in any Nationalized Bank payable at Paralakhemundi in favour of Executive Officer, Paralakhemundi Municipality or payment of cash. The prescribed bid documents & related terms conditions can be downloaded from www.gajapati.odisha.gov.in or purchased from office from dated 01.01.2026. The Quotations with double cover must comprise with technical bid & the Financial bid. The quotations should reach this office on or before 09.01.2026 by 01.00 PM through Speed Post / Register Post only and the technical bid will be opened on 12.01.2026 at 11.00 AM and financial bid will be open on 16.01.2026 at 11.00 A.M. in presence of the agency or their authorized representative if any.

Quotation incomplete in any respect / received after due date & time will be summarily rejected. The undersigned reserves the right to accept or reject any or all quotations without assigning any reason thereof.

**Executive Officer**
**Paralakhemundi Municipality**

**OIPR-**

## ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି

**ଝାରବନ୍ଧ, ୩୧।୧୨(ସମିସ):** ପଞ୍ଚାୟତ ସମିତି ଡିଗ୍ରୀ କଲେଜ ଏନଏସଏସ ୟୁନିଟ ଏବଂ ମାରୱାଡ଼ି ଯୁବା ମଞ୍ଚ ଝାରବନ୍ଧର ମିଳିତ ଆନୁକୂଲ୍ୟରେ ମୁରଲୀ କ୍ରିଷ୍ଣା ଫାଉଣ୍ଡେସନ କ୍ରିଷ୍ଣା ବିକାଶ ହସ୍ପିଟାଲ ବରଗଡ଼ର ସହଯୋଗରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆସନ୍ତା ଜାନୁଆରୀ ୮ ତାରିଖ ଅନୁଷ୍ଠିତ ହେବ। ଏଥିପାଇଁ ଝାରବନ୍ଧ ଡିଗ୍ରୀ କଲେଜ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ବେହେରାଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମିଳନୀ ଝାରବନ୍ଧ ଶାଖାର ସଭାପତି ନନ୍ଦକିଶୋର ଅଗ୍ରୱାଲ, ଜର୍ଣ୍ଣାଲିଷ୍ଟ ଆସୋସିଏସନ ଝାରବନ୍ଧର ସଭାପତି ସାମ୍ବାଦିକ ମୋତିଲାଲ ବାଗ, ଅଧ୍ୟାପକ ସାର୍ତ୍ତିକ ସାହୁ, ନବୀନ ମେହେର, ସାମ୍ବାଦିକ କୁଞ୍ଜବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଡ.ଖ୍ୟାତିମୟ ତ୍ରିପାଠୀ, ଅଧ୍ୟାପିକା ରଶ୍ମି ମହାଲିଙ୍ଗ, ରିତାଞ୍ଜଳୀ ଗୁରୁ, ମିନପ୍ରଭା ପ୍ରଧାନ, ଅଧ୍ୟାପକ ମୁକେଶ ବାଗ, ଅଧ୍ୟାପକ ଚନ୍ଦ୍ରମଣି ବାଗ, କୁନି ସାହା, ଅଶୋକ ହାତୀ, ବଲ୍ଲଭ ମିର୍ଦ୍ଧା, ଅଞ୍ଜନ ବରିହା, ଦୁର୍ଯ୍ୟୋଧନ ପାଣ୍ଡେ, ପ୍ରକାଶ ପ୍ରଧାନ, ରୁକ୍ମିଣୀ ସାହୁ, ମଦନ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଏହି ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିରରେ ମେଡିସିନ ବିଭାଗ ଡାକ୍ତର ସୌରଭ ରାଠି, ଡାକ୍ତର ଡିଲୀନ ସାଇବାମ୍, ଡାକ୍ତର ଯଶବନ୍ତ ଧନବଲ, ଡାକ୍ତର ଅଙ୍କିତା ସାହୁ, ଡାକ୍ତର ଲିଜା ବିଶ୍ୱାଳ, ଡାକ୍ତର ଡାକ୍ତର ଅମନ ଦାଶ ପ୍ରମୁଖ ଯୋଗ ଦେବାର ସୂଚନା ରହିଛି।

## ନୃସିଂହନାଥରେ ଶାମ୍ବ ଦଶମୀ ପୂଜା

**ପାଇକମାଲ, ୩୧।୧୨(ସମିସ):** ଶ୍ରୀଶ୍ରୀ ନୃସିଂହନାଥ ସ୍ଥିତ ବଡ ଦେଓ ମଣ୍ଡପ ଠାରେ ବାର୍ଷିକ ଶାମ୍ବ ଦଶମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବଡ ଦେଓ ମଣ୍ଡପରୁ ପଞ୍ଚ ବାଦ୍ୟ ସହ ଘଣ୍ଟ, ଶଙ୍ଖ, ହୁଳହୁଳି ବଡ ଦେଓଙ୍କ ଜୟ ଧ୍ୱନିରେ ଖଣ୍ଡା ଧରି ନୃସିଂହନାଥ ଝରଣାକୁ ଯାଇ ଖଣ୍ଡା ଧୋଇ ୨୧ଟି କଳସ ପୂର୍ଣ୍ଣ କରି ଖଣ୍ଡା ସ୍ଥାପନ କରି ପୂଜା ହୋଇଥିଲା। ପୂଝାରୀ ଆନନ୍ଦ ଧରୁଆ ପୂଜାକାର୍ଯ୍ୟ ତୁଲାଇ ଥିଲେ। ଏଥିରେ ଝାରବନ୍ଧ, ପଦ୍ମପୁର, ପାଇକମାଲ ବ୍ଲକରେ ଥିବା ଗୋଣ୍ଡ ସମାଜ କର୍ମକର୍ତ୍ତା ଯୋଗ ଦେଇଥିଲେ। ମଣ୍ଡପ ସଭାପତି ଗଜରାଜ ସିଂ ପୁଟା, ଚିତ୍ତରଞ୍ଜନ ପୋରେ, ଶୋଭାରାମ ଧରୁଆ, ଜଗଦେବ ଧରୁଆ, ତ୍ରିନାଥ ଧରୁଆ, ଅମୃତ ଧରୁଆ, ଜୟ ସିଂଦାଉ, ଲକ୍ଷ୍ମୀଚନ ସିଦାର, ସତାର ମାଝୀ, ଲୋକନାଥ ଧରୁଆ, ଦୁର୍ଯ୍ୟୋଧନ ପୁଟା, ଧନୁ ମାଝୀ, ଶୁଭାଧର ମାଝୀ, ଗୌରସନ ଧରୁଆ, ପବିତ୍ର ସିଦାର, ଅଜୟ ଧରୁଆ, ରାମେଶ୍ୱର ସିଦାର ବିରାଲାଲ ଧରୁଆ, ଶ୍ୟାମ ଧରୁଆ, ଖଗେଶ୍ୱର ଧରୁଆ, ହରିହର ଧରୁଆ, ଦିଲ୍ଲୀପ ଧରୁଆ, ସନ୍ତୋଷ ପୂଝାରୀ, ଚଇତୁ ଧରୁଆ, ପିରବାଇ ସିଦାର, ଶୁକମତି ଧରୁଆ, କୁନ୍ତଳା ଧରୁଆଙ୍କ ସମେତ ବହୁ ସମାଜର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

## ସୋଢ଼ାପାଲି କ୍ରିକେଟ୍ ପ୍ରିମିୟର ଲିଗ୍

**ଅତାବିରା, ୩୧।୧୨(ସମିସ):** ଅତାବିରା ବ୍ଲକ ସୋଢ଼ାପାଲି ଗାଁରେ ଗତ ୧୪ ତାରିଖରୁ ଚାଲିଥିବା କ୍ରିକେଟ୍ ପ୍ରିମିୟମ ଲିଗ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୭ଟି ଦଳ ଭାଗ ନେଇଥିଲେ। ଫାଇନାଲରେ ସାୟାରା ୧୧ ଏବଂ ୟଙ୍ଗ କମାଣ୍ଡୋ ୧୧ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ସାୟାରା ୧୧ ଦଳ ୧୧୨ ରନରେ ବିଜୟୀ ହେଇଥିଲା। ମ୍ୟାନ୍ ଅଫ ଦ ମ୍ୟାଚ୍ ଶୁଭାଶିଷ ସାହୁ ଏବଂ ମ୍ୟାନ୍ ଅଫ ଦ ସିରିଜ ବୁଲୁ ମହାପାତ୍ର ହୋଇଥିଲେ। ଦେବେନ୍ଦ୍ର ସାହୁ, ଦୀନବନ୍ଧୁ ଖମାରୀ, ମନୋଜ ପ୍ରଦାନ, ରମାକାନ୍ତ ପ୍ରଧାନ, ରାଜାରାମ ସାହୁ ଖେଳ ପରିଚାଳନା କରୁଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ କୁଶକୁମ୍ଭାର, ସମ୍ମାନିତ ଅତିଥି ଭାବେ ଜଙ୍ଗେଡ ସରପଞ୍ଚ ଭାଗବତିଆ ସିଂହ, କାର୍ତ୍ତିକ ମହାରଣା ଯୋଗ ଦେଇଥିଲେ। ପ୍ରସନ୍ନ ଭୋଇ ମଞ୍ଚ ପରିଚାଳନା କରିଥିଲେ। ଲମ୍ବୋଦର ପ୍ରଧାନ, ଛଲୁ ବୁଡେକ୍, ଅଶୋକ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ସ୍ନାତକ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ

**ପାଇକମାଲ, ୩୧।୧୨ (ସମିସ):** ପାଇକମାଲ ବ୍ଲକ ମାଣ୍ଡୋସିଲ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ବିନୟରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା, ମୁଖ୍ୟ ବକ୍ତା ସନ୍ତୋଷ ସିଂ ଠାକୁର, ଏନଏସଏସ ଅଧିକାରୀ ସୁମିତାବ ନାୟକ ନାରୀ ସୁରକ୍ଷା ଉପରେ ମତ ରଖିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟାପକ ପୁଷ୍ପକାନ୍ତ ସାହୁ, ଦେବକାନ୍ତ ନାୟକ, ଅମରେଶ ଠାକୁର, ଅଧ୍ୟାପିକା ସସ୍ମିତା ସରିଆ, ରୋହିତ ପ୍ରଧାନ, ଗୁରୁପ୍ରସାଦ ବଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ବବିତା ମଲ୍ଲିକ ଧନ୍ୟବାଦ ଦେଇଥିଲେ।






## ତବଲା ବାଦକ କୀର୍ତ୍ତନ ଗୁରୁ ଲକ୍ଷ୍ମୀ ମହନ୍ତମଙ୍କ ପରଲୋକ

**ବରପାଲି, ୩୧।୧୨(ସମିସ):** ବରପାଲିର ବିଶିଷ୍ଟ କଳାକାର, ତବଲା ବାଦକ, ଗାୟକ ଓ ସଙ୍କୀର୍ତ୍ତନ ଗୁରୁ ଲକ୍ଷ୍ମୀପ୍ରସାଦ ମହନ୍ତମଙ୍କ ହୃଦଘାତରେ ପରଲୋକ ଘଟିଛି। ଖବର ପ୍ରସାରିତ ହେଲାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶେଷ ଦର୍ଶନ ପାଇଁ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅନେକ କଳାକାର ଓ ବିଶିଷ୍ଟ ବ୍ୟକ୍ତି ମାନେ ପହଞ୍ଚି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ତିମ ସମୟରେ ପରିବାର ଲୋକଙ୍କ ସହ ତିନି ଭାଇ, ନବ କିଶୋର, ରାଜ କିଶୋର, ବ୍ରଜ କିଶୋର ଓ ଭଉଣୀ ଗୀତା ଉପସ୍ଥିତ ଥିଲେ। ପୁତ୍ର ସଚିନ ମହନ୍ତମ ତାଙ୍କୁ ମୁଖାଗ୍ନି ଦେଇଥିଲେ।





























































# ଗୁଡଭେଲି ପଦର ମଣ୍ଡି ଉଦ୍‌ଘାଟିତ

**ଶଗଡ଼ା, ୩୧।୧୨(ସମିସ):** କଣ୍ଟାମାଳ ବ୍ଲକ ଗୁଡଭେଲି ପଦରଠାରେ ବିଳାସପୁର ପ୍ୟାକ୍ସ ପକ୍ଷରୁ ପ୍ରଥମ ଥର ପାଇଁ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ବିଳାସପୁର ପ୍ୟାକ୍ସ ସମ୍ପାଦକ ପ୍ରଦୋଷ ଦନ୍ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ସଚିନ ମିଶ୍ର, ବିଳାସପୁର ସରପଞ୍ଚ ପ୍ରତିନିଧି ପୁରୋହିତ ସୁନା, ପ୍ୟାକ୍ସ ସଭ୍ୟ, ଆରଏମସି କର୍ମଚାରୀ, ମିଲର ପ୍ରତିନିଧି, ବିଳାସପୁର ପ୍ୟାକ୍ସ କର୍ମଚାରୀ, ଯୋଗୀନ୍ଦ୍ରପୁର ପ୍ୟାକ୍ସ ସମ୍ପାଦକ ସୌମ୍ୟ ରଞ୍ଜନ କଳତାଙ୍କ ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ। ପାରମ୍ପରିକ ରୀତି ନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ଧାନ କ୍ରୟ ଶୁଭାରମ୍ଭ କରାଯାଇଥିଲା। ପ୍ରଥମ ଦିନରେ ଶିବ ନାଏକ, କାର୍ତ୍ତିକ ମେହେର, ବିପିନ ମହଲା, ସନ୍ତୋଷ ମହଲା, ମହେଶ୍ୱର ପ୍ରଧାନ, ସୁବାଷ ଯାନୀ ଆଦି ୬ଜଣ ଚାଷୀଙ୍କ ନିକଟରୁ ଧାନ କ୍ରୟ କରାଯାଇଥିଲା।

### ଜରି ବସ୍ତାରେ ଧାନକ୍ରୟ ନେଇ କେଁ

# ହରଭଙ୍ଗା ପ୍ୟାକ୍ସରେ ଧାନକ୍ରୟ ବନ୍ଦ

**ହରଭଙ୍ଗା, ୩୧।୧୨(ସମିସ):** ହରଭଙ୍ଗା ପ୍ୟାକ୍ସରେ ଧାନକ୍ରୟ ଆରମ୍ଭରୁ ବିଭ୍ରାଟ ଦେଖା ଦେଇଛି। ଚାଷୀମାନେ ଜରିବସ୍ତାରେ ଧାନକ୍ରୟ କରିବାକୁ ଦାବି କରିଛନ୍ତି। ଏହି ବିବାଦ ଯୋଗୁଁ ହରଭଙ୍ଗା ପ୍ୟାକ୍ସରେ ଧାନକ୍ରୟ ଆରମ୍ଭରୁ ବନ୍ଦ ହୋଇଯାଇଛି। ଟୋକନ ପାଇଥିବା ୧୦ଜଣ ଚାଷୀ ହରଭଙ୍ଗା ପ୍ୟାକ୍ସକୁ ବିକ୍ରି ପାଇଁ ୩୭୦ କ୍ୱିଣ୍ଟାଲ ଧାନ ଆଣି ଗଦା କରିଥିଲେ। କେତେଜଣ ଚାଷୀ ଆସି ଜରିବସ୍ତାରେ ଧାନକ୍ରୟ ପାଇଁ ଦାବି କରିଥିଲେ। ଏ ସମ୍ପର୍କରେ ପ୍ୟାକ୍ସ ଅଧିକାରୀଙ୍କ ସହ ବୌଦ୍ଧ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଯାଇଥିଲା; ମାତ୍ର ଜରି ବସ୍ତାରେ ଧାନକ୍ରୟ କରା ନ ଯିବା ସମ୍ପର୍କରେ ଚାଷୀଙ୍କୁ ଆଗୁଆ ସୂଚନା ଦିଆ ନ ଯିବା ଏବଂ ଚାଷୀ ଜରିବସ୍ତାରେ ଧାନ ଭର୍ତ୍ତି କରିସାରିଥିବାବେଳେ ନୂଆ ଝୋଟବସ୍ତାରେ ଧାନ ଭର୍ତ୍ତି ଖର୍ଚ୍ଚ କିଏ ଦେବ ତାକୁ ନେଇ ବିବାଦ ଉପୁଜିଥିଲା। ଏହାଫଳରେ ଆରମ୍ଭରୁ ଧାନକ୍ରୟ ହୋଇ ପାରି ନ ଥିଲା। ଏଣୁ ମିଲ୍ଲର୍ସ ଗାଡି ଫେରିଥିଲା। ହରଭଙ୍ଗା ପ୍ୟାକ୍ସରେ ଧାନକ୍ରୟ ଶୁଭାରମ୍ଭରୁ ବିଭ୍ରାଟ ଯୋଗୁଁ ୧୦ ଜଣ ଚାଷୀଙ୍କ ଧାନ ମଣ୍ଡିରେ ପଡ଼ି ରହିଛି।

**୩ ଦିନହେଲା ୩୭୦କ୍ୱିଣ୍ଟାଲ ଧାନ ପଡ଼ିଛି**

# ଗଛକୁ ଧକ୍କାଦେଇ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ

**ବୌଦ୍ଧ, ୩୧।୧୨(ସମିସ):** ୫୭ ନମ୍ବର ଜାତୀୟ ରାଜପଥ ତଥା ବୌଦ୍ଧ ଥାନା ରଇଠାଣୀ ନିକଟରେ ବୁଧବାର ଦୁର୍ଘଟଣା ଘଟିଛି। ସମଲେଶ୍ୱରୀ ଦର୍ଶନ ପାଇଁ ତୀର୍ଥ ଯାତ୍ରୀ ନେଇ ଯାଉଥିବା ଏକ ବସ୍ ଗୋଟିଏ ଗଛକୁ ଧକ୍କା ଦେଇ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଖୋର୍ଦ୍ଧା ଜିଲ୍ଲା ବାଣପୁର ଅଞ୍ଚଳରୁ ପ୍ରାୟ ୪୦ ଜଣ ଯାତ୍ରୀ ନେଇ ଯାଉଥିବା ଏକ ଘରୋଇ ବସ୍ ରାତି ୩ଟାରେ ରଇଠାଣୀ ନିକଟରେ ରାସ୍ତା କଡର ଏକ ଗଛକୁ ଧକ୍କା ଦେଇଥିଲା। ଏହା ଫଳରେ ଗାଡିରେ ଥିବା ୧୮ ଜଣ ଯାତ୍ରୀ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ବୌଦ୍ଧ ଡାକ୍ତର ଖାନାରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ଅନ୍ୟ ଏକ ବସ୍‌ରେ ଘରକୁ ପଠାଇ ଦିଆଯାଇଛି। ବସଟି ଦୁର୍ଘଟଣା ଗ୍ରସ୍ତ ହେବା ପରେ ଚାଳକ ଘଟଣା ସ୍ଥଳରୁ ଫେରାର ମାରିଥିବା ସୂଚନା ମିଳିଛି। ଖବର ପାଇ ବୌଦ୍ଧ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି।

**୧୮ ଆହତ**







## ଧାନକ୍ରୟ ଆରମ୍ଭରୁ ବିଭ୍ରାଟ

# ଜରିବସ୍ତାରେ ଧାନକିଣାକୁ ନା ପରେ ତାତିଲେ ଚାଷୀ

**ହରଭଙ୍ଗା, ୩୧।୧୨(ସମିସ)**

ବୌଦ୍ଧଜିଲ୍ଲାରେ ଧାନକ୍ରୟ ଆରମ୍ଭରୁ ବିଭ୍ରାଟ ଦେଖା ଦେଇଛି। ଜରି ବସ୍ତାରେ ଧାନକ୍ରୟକୁ ପ୍ୟାକ୍ସର ବାରଣ ଯୋଗୁଁ ଏହାର ପ୍ରତିବାଦରେ ଚାଷୀ ରାସ୍ତାରେ ଧାନବସ୍ତା ରଖି ରାଜରାସ୍ତାକୁ ଓହ୍ଲାଇଛନ୍ତି। ଦୀର୍ଘ ୬ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଚାଷୀଙ୍କ ଏଭଳି ରାସ୍ତାରୋକ ଯୋଗୁଁ ଚାରିଛକ-ଛତ୍ରଙ୍ଗ ରାସ୍ତାରେ ଯାତାୟତ ବନ୍ଦ ହୋଇଯାଇଥିଲା। ଉଭୟ ପାର୍ଶ୍ୱରେ ଅନେକ ଯାତ୍ରୀବାହୀ ବସ୍‌ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଯାନବାହାନ ଘଣ୍ଟା ଘଣ୍ଟା ଧରି ଅଟକି ରହିଥିଲା। ଘଟଣାସ୍ଥଳରେ ହରଭଙ୍ଗା ତହସିଲଦାର ବଳଦେବ ବେହେରା, ବୌଦ୍ଧ ଡିଆରସିଏସ ଫକୀରମୋହନ ବାଘ, ହରଭଙ୍ଗା ବିଡିଓ ବିଜୟ ପ୍ରଧାନ, ପୁରୁଣାକଟକ ଥାନା ଅଧିକାରୀ ଅରୁଣ ସିଂ ପ୍ରମୁଖ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିଥିଲେ।

ହରଭଙ୍ଗା ବ୍ଲକର କରଞ୍ଜକଟାସ୍ଥିତ ବାଣୀଭୂଷଣପୁର ପ୍ୟାକ୍ସରୁ ବୁଧବାର ଧାନକ୍ରୟ ଶୁଭାରମ୍ଭ କରାଯାଇଥିଲା। ପ୍ୟାକ୍ସକୁ ଧାନ ବିକ୍ରି ପାଇଁ ଜରି ବସ୍ତାରେ ଧାନ ଆଣିଥିବା ଚାଷୀ ଖଗେଶ୍ୱର ଦାସ, ସନ୍ତୋଷ ଦେହୁରୀ, ସରୋଜ ବାରିକ, ଦୁର୍ଯ୍ୟୋଧନ କହଁର, ସହିଦ୍ ରାଜହଂସଙ୍କୁ ବାରଣ କରାଯାଇଥିଲା। ଏହି



ଘଟଣାପରେ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଜରି ବସ୍ତାରେ ଧାନକ୍ରୟ କରା ନ ଯିବା ସମ୍ପର୍କରେ ଆଗୁଆ ସୂଚନା ଦିଆଯାଇ ନ ଥିବା ଚାଷୀ ଅଭିଯୋଗ ଉଠାଇଥିଲେ। ଏପରିକି ମିଲ୍ଲର୍ସ ତରଫରୁ ଗନି ବ୍ୟାଗ ମଧ୍ୟ ଯୋଗାଇଦିଆ ନ ଯିବା ଚାଷୀ ଅଭିଯୋଗ ଉଠାଇଥିଲେ। ଏହା ସହ ପୂର୍ବବର୍ଷ ଭଳି ଆଗରୁ ଯେଭଳି ଜରିବସ୍ତାରେ ଧାନକ୍ରୟ କରାଯାଉଥିଲା ସେଭଳି ଧାନକ୍ରୟ କରାଯିବା ଦାବିରେ ବୁଧବାର ଅପରାହ୍ନ ୧ଟାବେଳେ ଚାଷୀ ଚାରିଛକ-ଛତ୍ରଙ୍ଗ ରାସ୍ତାରେ ଧାନବସ୍ତା ରଖି ଏହାର ପ୍ରତିବାଦରେ ରାସ୍ତାରୋକ କରିଥିଲେ। ଖବରପାଇ ଘଟଣାସ୍ଥଳରେ ହରଭଙ୍ଗା ତହସିଲଦାର, ପୁରୁଣାକଟକ ଥାନା ଆଇଆଇସିଙ୍କ ସହିତ ପୁଲିସ ଟିମ୍ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିଥିଲେ। କେତେକ ଚାଷୀ ଜରିବସ୍ତାରେ ଆଣିଥିବା ଧାନକୁ କ୍ରୟ କରାଯିବା ପାଇଁ ତହସିଲଦାର ପ୍ରତିଶ୍ରୁତି ଦେବା ପରେ ବି ଚାଷୀ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଏହା ଫଳରେ ଆନ୍ଦୋଳନ ଜାରି ରହିଥିଲା। ଅନ୍ୟପଟେ ଖବର ପାଇ ଘଟଣାସ୍ଥଳରେ ବିଜେଡି ନେତା ଅବକାଶ ସାହୁ, ବୌଦ୍ଧ ଉନ୍ନୟନ ମଞ୍ଚ ସଭାପତି ଇଂ ବିକାଶ ମହାକୁଡ ପ୍ରମୁଖ ପହଞ୍ଚି ଚାଷୀଙ୍କ ସ୍ୱରରେ ସ୍ୱର ମିଶାଇଥିଲେ। ଜରିବସ୍ତାରେ ଧାନକ୍ରୟ ଦାବି କରିବା ସହିତ କଟନୀ ଛଟନୀ ବନ୍ଦ ନାରା ଦେଇଥିଲେ। ଏହା ସହ ଚାଷୀଙ୍କ ରାସ୍ତାରୋକ ଆନ୍ଦୋଳନରେ ସାମିଲ ହୋଇ ସେମାନଙ୍କ ଦାବିକୁ ଦୃଢସମର୍ଥନ ଜଣାଇଥିଲେ। ଦୀର୍ଘ ସମୟ ଧରି ଆଲୋଚନା ପରେ ମଣ୍ଡିକୁ ଚାଷୀ ଯେକୌଣସି ବସ୍ତାରେ ଧାନ ଆଣି ପାରିବେ। ମିଲ୍ଲର୍ସ ତାକୁ ସରକାରୀ ନୀତି ନିୟମ ଅନୁସାରେ ଝୋଟ ବ୍ୟାଗରେ ଭର୍ତ୍ତି କରିବେ। ଏହିଭଳି ଭାବେ ଧାନକ୍ରୟ କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିବା ବୌଦ୍ଧ ଏସଆରସିଏସ ଗଙ୍ଗାଧର କହଁର କହିଛନ୍ତି।

# ପରିବାରକୁ ନ୍ୟାୟ ପାଇଁ ଏସ୍‌ସି ଏସ୍‌ଟି ମିଳିତ ସଂଘର ଦାବିପତ୍ର

**ଡୁଙ୍ଗୁରିପାଲି, ୩୧।୧୨ (ସମିସ):** ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମନ୍ୱୟ ସମିତି ପକ୍ଷରୁ ଚାରଭଟା ମହାବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ ଛାତ୍ର ଆର୍ଯ୍ୟନ ସୁନାଙ୍କ ମୃତ୍ୟୁ ଘଟଣାରେ ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରି ବୁଧବାର ଡୁଙ୍ଗୁରିପାଲି ବ୍ଲକର ଏବିଡିଓ ମହେଶ୍ୱର ପଧାନଙ୍କ ମାଧ୍ୟମରେ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ମୁତାବକ ମହାବିଦ୍ୟାଳୟର ପରିଚାଳନା କମିଟି ଥାଇ ମଧ୍ୟ କମିଟିର ଅବହେଳା ହେତୁ ଜଣେ ମେଧାବୀ ଛାତ୍ରର ମୃତ୍ୟୁ ଘଟିଛି। ତେଣୁ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସହ ପରିଚାଳନା କମିଟିକୁ ନିଲମ୍ବିତ କରାଯିବା, ଏହାରି ଉପରେ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଦାୟିତ୍ୱ ଦିଆଯିବା, ମହାବିଦ୍ୟାଳୟଟି ଏସସି ଓ ଏସଟି ମାନଙ୍କର ବିଦ୍ୟାଳୟ ହୋଇଥିବାରୁ ଏସସି ଓ ଏସଟି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା, ମୃତ ଛାତ୍ରର ପରିବାରରୁ ଜଣକୁ ଚାକିରି ଦିଆଯିବା, ଉଭୟ ଓଡ଼ିଶା ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରଙ୍କୁ ୨୦ ଲକ୍ଷ ଟଙ୍କା ଅନୁକମ୍ପା ଦିଆଯିବା, ଉକ୍ତ ଦାବିଗୁଡିକ ଦଶଦିନ ଭିତରେ ପୂରଣ ନ ହେଲେ ଆମ ସମାଜ ପକ୍ଷରୁ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି। ଏଥିରେ ସଂଘ ସଭାପତି ଶ୍ୟାମ ସୁନ୍ଦର ଭୋଇ, ଉପସଭାପତି ଖଗେଶ୍ୱର କୁମ୍ଭାର, ସହ ସମ୍ପାଦକ ସାନନ୍ଦ ତାଣ୍ଡି, କୋଷାଧ୍ୟକ୍ଷ ଯୁବରାଜ ସିଂ ବରିହା, ଡୁଙ୍ଗୁରିପାଲି ବ୍ଲକ ଲକ୍ଷେ ଘର ଗଣ୍ଡା ସମାଜର କାର୍ଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ବାଗ, ଆଇନଜୀବୀ ଲକ୍ଷ୍ମଣ ଭାରାସାଗର, କଳାହାର ସମାଜ ସେବା ସମିତିର ଓଡ଼ିଶା ରାଜ୍ୟ ସାଧାରଣ ସମ୍ପାଦକ ବାଳକୃଷ୍ଣ ଦଣ୍ଡସେନା, ବିରଞ୍ଚି ବରିହା, ଯଦୁମଣି ମେହେର, ଖଗେଶ୍ୱର ଦୀପ, ଲଇତୁରା ଦୀପ, ସୁରଥ ବିଭାର ଉପସ୍ଥିତ ଥିଲେ।

# ଗୋଶାଳାରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

**ବୌଦ୍ଧ, ୩୧।୧୨(ସମିସ):** ବୌଦ୍ଧ ସହର ଉପକଣ୍ଠ ଜଳେଶ୍ୱର ମନ୍ଦିର ନିକଟ ଗୌରୀ ଗୋପାଳ ବେଦ ପାଠଶାଳାର ଗୋଶାଳାରେ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ହୋଇଛି। ରାତିରେ କିଛି ଦୁର୍ବୃତ୍ତ ଗୋଶାଳାରେ ରଖା ଯାଇଥିବା ନଡ଼ା ଓ ପାଳରେ ନିଆଁ ଲଗାଇ ଦେଇଥିଲେ। ଅନ୍ତେବାସୀ ନିଆଁ ଲାଗିଥିବା ଦେଖି ସେଠାରେ ଥିବା ଗାଈଙ୍କୁ ଖୋଲି ଦେବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଆୟତ୍ତ କରିଥିଲେ।


# ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

**ତରଭା, ୩୧।୧୨(ସମିସ)**

ସୁବର୍ଣ୍ଣପୁର ଜିଲ୍ଲାରେ ଜିଲ୍ଲାପାଳଙ୍କ ମିନି ସମ୍ମିଳନୀ କକ୍ଷରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଆୟୋଜିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଅଞ୍ଜଳୀନା ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବୈଠକରେ ୨୦୨୪ ଓ ୨୦୨୫ ମସିହାର ଜାନୁଆରୀରୁ ନଭେମ୍ବର ମାସ ପର୍ଯ୍ୟନ୍ତ ଘଟିଥିବା ଦୁର୍ଘଟଣାର ତଥ୍ୟ, ଦୁର୍ଘଟଣାର କାରଣ ମୋଟର ଯାନ ଆଇନର କଡାକଡି ଭାବେ କାର୍ଯ୍ୟକାରୀ କରିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ୨୦୨୪ ଜାନୁଆରୀରୁ ନଭେମ୍ବର ମଧ୍ୟରେ ଜିଲ୍ଲାରେ ସଂଗଠିତ ୪୨ଟି ସଡକ ଦୁର୍ଘଟଣାରେ ୪୩ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୨୫ ଜାନୁଆରୀରୁ ନଭେମ୍ବର ମଧ୍ୟରେ ଦୁର୍ଘଟଣା ସଂଖ୍ୟା କମି ୨୮ ରେ ପହଞ୍ଚିଛି। ଯେଉଁଥିରେ ମୋଟ ୨୮ ଜଣଙ୍କ ମୃତ୍ୟୁ ହୋଇଛି। ଏତଦବ୍ୟତୀତ ଜିଲ୍ଲା ସଡ଼କ ଏବଂ ପରିବହନ ବିଭାଗ ୧୦ ଟି ବ୍ଲାକ ସ୍ପଟ ଚିହ୍ନଟ କରିଛନ୍ତି। ସେଗୁଡ଼ିକ ହେଲା ୫୭ ନମ୍ବର ଜାତୀୟ ରାଜପଥ କୁଳିପାଲି ଛକ, ଅର୍ଜୁନପୁର ଛକ, ସିଆଳଝୁଲି ଓ ଘାଟକଇଁନ୍ତରା ପୋଲ, ଏନଏଚ ୧୨୬ର ବିଶାଳପାଲି ଛକ ଓ ସିଂହିଯୁବା ମାର୍କେଟ, ଏନଏଚ ୨୬ର ଡୁଙ୍ଗୁରିପାଲି, ଏମଡିଆର ୩୯ ର ବାଙ୍କିପାଲି ଛକ, ଏଏସଏଚ ର ବିଦୁରପାଲି ଛକ ଓ ଉଲୁଣ୍ଡାର ଦକ୍ଷିଣପାଲି ଛକକୁ ଦୁର୍ଘଟଣା ପ୍ରବଣ ରାସ୍ତା ଭାବେ ଚିହ୍ନଟ କରାଯାଇଛି। ତେବେ ସଚେତନତା ଅଭିଯାନ, ସଡକ ସୁରକ୍ଷା ନିୟମ ପାଳନ ଓ ଏହାକୁ କଡାକଡ଼ି ଭାବେ କାର୍ଯ୍ୟକାରୀ କରିବା ଯୋଗୁଁ ୨୦୨୪ ତୁଳନାରେ ୨୦୨୫ରେ ଜିଲ୍ଲାରେ ଦୁର୍ଘଟଣା ସଂଖ୍ୟାରେ ହ୍ରାସ ପାଇଥିବା ପ୍ରଶାସନ ତରଫରୁ କୁହାଯାଇଛି।



ବୈଠକରେ ପ୍ରଦୂଷଣ ସାର୍ଟିଫିକେଟ ଯାଞ୍ଚ, ଉଭୟ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥର ମରାମତି, ପାର୍କିଂ ସମସ୍ୟା, ଉପଯୁକ୍ତ ସଙ୍କେତର ବ୍ୟବହାର, ସର୍ଭିସ୍ ରୋଡ୍‌ରେ ପାର୍କିଂ, ଡାକ୍ତରଖାନା ରାସ୍ତା ଜାମ ସମସ୍ୟା, ସଡ଼କ ସୁରକ୍ଷା ନିୟମ ବିଷୟରେ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ପ୍ରଧାନ ଏହି ସବୁ ସମସ୍ୟାର ମୁକାବିଲା ପାଇଁ ଅଧିକ ସଂଖ୍ୟାର ଦୁର୍ଘଟଣା ପ୍ରବଣ ସ୍ଥାନ ଚିହ୍ନଟ କରି ସେଠାରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯିବା ପାଇଁ ଗୁରୁତ୍ୱ ଆରୋପ କରିଥିଲେ। ରୋଡ୍ ସାଇନେଜ୍ ଲଗାଇବା, ଧୂଳି ହଟାଇବା ପାଇଁ ଫଗ୍ ସ୍ପ୍ରେ ଠିକ୍ ଭାବରେ କରିବା, ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା କରିବା, ଡାକ୍ତରଖାନା ଓ ସ୍କୁଲ ନିକଟସ୍ଥ ସଡ଼କରେ ସ୍ପିଡ଼ ବ୍ରେକରର ବ୍ୟବସ୍ଥା, ସଡ଼କ ସୁରକ୍ଷା ନିୟମ ଅନୁସରଣ କରିବା ପାଇଁ ଦାୟିତ୍ୱ ଗ୍ରହଣ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଆସନ୍ତା ଜାନୁଆରୀରେ ପାଳିତ ହେବାକୁ ଥିବା ସଡ଼କ ସୁରକ୍ଷା ମାସ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଆସନ୍ତା ମାସ ପ୍ରଥମ ସପ୍ତାହରେ ଏହା ଆରମ୍ଭ ହେବ ଯେଉଁଥିରେ ମାସର ପ୍ରତ୍ୟେକ ଦିନ ସଡ଼କ ଏବଂ ପରିବହନ ବିଭାଗ ପକ୍ଷରୁ ଯାନବାହାନ ଚାଳକ ଏବଂ ପଥିକମାନଙ୍କ ପାଇଁ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମରେ ସ୍କୁଲ ଏବଂ କଲେଜ ପିଲାଙ୍କୁ ନେଇ ଏକ ବିଶାଳ ରାଲିର ଆୟୋଜନ ହେବ, ପଥ ପ୍ରାନ୍ତ ନାଟକ, ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା ଏବଂ ସଡ଼କ ସୁରକ୍ଷା ନିୟମ ଭଙ୍ଗ କରୁଥିବା ଲୋକଙ୍କ ଠାରୁ କଡାକଡି ଭାବେ ଜୋରିମାନା ଆଦାୟ କରାଯିବ ବୋଲି ସୂଚାଯାଇଥିଲା। ସୁବର୍ଣ୍ଣପୁରର ଆଞ୍ଚଳିକ ସଡ଼କ ଓ ପରିବହନ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକତ୍ସା ଅଧିକାରୀ, ଟ୍ରକ ଓ ବସ ଆସୋସିଏସନର ପ୍ରେସିଡେଣ୍ଟ ଏବଂ ଗଣମାଧ୍ୟମ ପ୍ରତିଦିଧି, ଜିଲ୍ଲା ସଡ଼କ ସୁରକ୍ଷା କମିଟିର ସଦସ୍ୟମାନେ ଏଥିରେ ଉପସ୍ଥିତ ଥିଲେ।




# ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ଶଗଡ଼ା, ୩୧।୧୨(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଗୋହିପିଟା ସୋଲାର ପ୍ଲାଣ୍ଟ ନିକଟ ବୁଲାଣିରେ ବୁଧବାର ରାତିରେ ଦୁର୍ଘଟଣା ଘଟିଛି। ଭାରସାମ୍ୟ ହରାଇ ଏକ ବାଇକ୍ (ଓଡି ୩୧ଏଫ ୩୧୧୮) ଦୁର୍ଘଟଣାଗ୍ରସ୍ତ ହୋଇଛି। ବାଇକ୍‌ଚାଳକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହେବାରୁ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଛି। ତେବେ ମୃତକଙ୍କ ପରିଚୟ ମିଳି ପାରିନି। ଖବର ପାଇ ମନମୁଣ୍ଡା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲା। ଶବ ଉଦ୍ଧାର କରାଯାଇ ମନମୁଣ୍ଡା ଡାକ୍ତରଖାନାକୁ ବ୍ୟବଚ୍ଛେଦ ଲାଗି ନିଆଯାଇଛି। ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ ହୋଇଛି। ଅନ୍ୟପଟେ ସେଠାରେ ଅନେକ ସମୟରେ ଡକାୟତି ହୋଇଥାଏ। ଏଣୁ ସେ ନେଇ ମଧ୍ୟ ପୁଲିସ ସନ୍ଦେହ କରିଛି।

### ବସ୍‌ଷ୍ଟାଣ୍ଡ ସମ୍ପ୍ରସାରଣ ପାଇଁ ଷ୍ଟଲ୍ ଭାଙ୍ଗିଲା ଏନ୍‌ଏସି

# ଉଜୁଡିଗଲା ୩୦ ପରିବାର

**ବୌଦ୍ଧ, ୩୧।୧୨(ସମିସ):** ବୌଦ୍ଧ ବସଷ୍ଟାଣ୍ଡରେ ଥିବା ୩୦ଟି ଷ୍ଟଲକୁ ପ୍ରଶାସନର ନିର୍ଦ୍ଦେଶ କ୍ରମେ ବୌଦ୍ଧ ଏନଏସି ପକ୍ଷରୁ ଭାଙ୍ଗି ଦିଆଯାଇଛି। ଏହାଫଳରେ ଏନଏସିରୁ ଭଡାରେ ନେଇ ପରିବାର ପ୍ରତିପୋଷଣ କରୁଥିବା ୩୦ଟି ପରିବାର ଭାଙ୍ଗି ପଡ଼ିଛି। ନବନିର୍ମିତ ବୌଦ୍ଧ ବସଷ୍ଟାଣ୍ଡ ଓ ବର୍ତ୍ତମାନ କାର୍ଯ୍ୟକ୍ଷମ ଥିବା ବସ୍‌ଷ୍ଟାଣ୍ଡ ମଧ୍ୟରେ ସଂଯୋଗ ପାଇଁ ଉଭୟ ବସ୍ ଷ୍ଟାଣ୍ଡମଧ୍ୟରେ ଥିବା ଜନ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟାଳୟ ପାଚେରୀକୁ ଲାଗି ରହିଥିବା ଛୋଟ ଛୋଟ ୩୦ଟି ଷ୍ଟଲକୁ ଜେସିବି ଲଗାଇ ଭାଙ୍ଗି ଦିଆଯାଇଛି। ଏନଏସିକୁ ସିକ୍ୟୁରିଟି ଜମା ଦେଇଥିବା ଓ ମାସିକ ଭଡା ଦେଇ ପରିବାର ପ୍ରତିପୋଷଣ କରୁଥିବା ଲୋକେ ଏବେ ଚିନ୍ତାରେ ପଡ଼ିଛନ୍ତି। ସେମାନଙ୍କ ପାଇଁ ନୂତନ ଦୋକାନ ନିର୍ମାଣ ନ କରି କିମ୍ବା ସେମାନଙ୍କ ଥଇଥାନ କରା ନ ଯାଇ ପ୍ରଶାସନ ଏଭଳି ନିଷ୍ପତ୍ତି ନେବା ଦ୍ୱାରା ସେମାନଙ୍କ ସଂସାର ଉଜାଡି ଦେଇଛି ବୋଲି ବେସାହାରା ହୋଇଥିବା ଏହି ଦୋକାନୀମାନେ କ୍ଷୋଭ ପ୍ରକାଶ କରି କହିଛନ୍ତି।

ସକାଳ THE SAKALA



## ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

**କେସିଙ୍ଗା, ୩୧।୧୨(ସମିସ):** ସକାଳ ପାହିଲେ ନୂଆବର୍ଷ ଗାଁ ଠାରୁ ସହର ନୂଆବର୍ଷ ପାଳନ ପାଇଁ ଚାଲିଛି ସଜ ବାଜ କାହାର ପୂଷ ମାସ ତ କାହାର ସର୍ବନାଶ।ଏମିତି ଏକ ଭୟାଭୟ ଦୁର୍ଘଟଣା ଘଟିଛି କେସିଙ୍ଗା ଥାନା ଯୋଲକୋ ଛକରେ। ବୁଧବାର ପ୍ରାୟ ରାତ୍ର ୮ ଘଣ୍ଟା ସମୟରେ କେସିଙ୍ଗା ପଟୁ ସପ୍ନା ସୁନ୍ଦର କୁମ୍ଭାର(୪୦) ନିଜ ଗ୍ରାମ ଉତ୍କେଲାକୁ ଯାଉଥିବା ସମୟରେ ଯୋଲକୋ ଛକ ନିକଟରେ ଏକ ବୋଲେରୋ ସହିତ ପିଟି ହୋଇ ଗୁରୁତର ହୋଇଛନ୍ତି। ଧକ୍କା ଦେଇଥିବା ବୋଲେରୋ ସାଇଡରେ ଯାଉଥିବା ଏକ ଧାନ ବୋଝେଇ ଟ୍ରକ୍ ସହିତ ପିଟି ହୋଇଥିଲା। ବୋଲେରୋରେ ଟିଟଲାଗଡ଼ ପାଖ ବିନେକେଲା ଗ୍ରାମର ୧୦ ଜଣ ଝିଅ ଓ ଦୁଇରୁ ତିନି ଜଣ ପୁଅ ଭବାନୀପାଟଣାରୁ ବଣଭୋଜି ସାରି ଫେରୁଥିଲେ। ହେଲେ ବିଲେରୋରେ ବସିଥିବା ୧୩ ଜଣ ଓ ଡ୍ରାଇଭର ସୁରକ୍ଷିତ ରହିଛନ୍ତି। ଭୟଭୀତ ହୋଇ ଧାନ ବୋଝେଇ ଟ୍ରକ୍ ଡ୍ରାଇଭର ଓ ବୋଲେରୋ ଡ୍ରାଇଭର କୁଆଡେ ଫେରାର ମାରିଥିବା ଜଣାପଡ଼ିଛି। କେସିଙ୍ଗା ପୁଲିସକୁ ଖବର ଦେବାପରେ କେସିଙ୍ଗା ପୁଲିସ ନିଜ ଗାଡ଼ିର ଆହତ ବାଇକ୍ ଚାଳକଙ୍କୁ କେସିଙ୍ଗା ମେଡିକାଲକୁ ନେଇ ଆସିଥିଲେ।ଆହତଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ମେଡିକାଲକୁ ରେଫର୍ କରାଯାଇଛି। ଡାକ୍ତର କହିବା ଅନୁଯାୟୀ ଆହତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି।

## ଚନ୍ଦ୍ରଚୁଡ଼ ବୌଦ୍ଧ ଜିଲ୍ଲା ବାରିକ ସଂଘର ନୂତନ କର୍ମକର୍ତ୍ତା

**ବୌଦ୍ଧ, ୩୧।୧୨(ସମିସ):** ଶ୍ରୀ ଶ୍ରୀ ଚନ୍ଦ୍ରଚୂଡ଼ ବୌଦ୍ଧ ଜିଲ୍ଲା ବାରିକ ସଂଘ, ବୌଦ୍ଧର ନୂତନ କର୍ମକର୍ତ୍ତା ଚୟନ ହୋଇଛି। କାର୍ଯ୍ୟକାରୀ ସଭାପତି ସନ୍ତୋଷ ବାରିକ ଅଧ୍ୟକ୍ଷତା କରିଥିଲେ। ସଭାପତି ଭାବେ ବେଣୁଧର ସାମଲ, ଉପଦେଷ୍ଟା ଭାବେ ତପନ ବାରିକ, ବନମାଳି ବେହେରା, ସମ୍ପାଦକ ଭାବେ ତନୁଜ ବାରିକ, କୋଷାଧ୍ୟକ୍ଷ ଭାବେ ଶ୍ରବଣ ବାରିକଙ୍କୁ ଚୟନ କରାଯାଇଛି। କାର୍ଯ୍ୟକାରୀ ସଭ୍ୟ ଭାବେ ଶ୍ରବଣ ବାରିକ, ଅଶୋକ ବାରିକ, ଭୁଲାନାଥ ବାରିକ, ସୁଶୀଲ ବାରିକ, ଶଙ୍କର ବାରିକ, ଶ୍ରୀଧର ବାରିକ, ସୁଶାନ୍ତ ବାରିକ, ରଞ୍ଜିତ ବାରିକ, ବ୍ରଜ ବାରିକଙ୍କୁ ଦାୟିତ୍ୱ ମିଳିଛି। ବୈଠକରେ ଆଇନଜୀବୀ ବିଶ୍ୱଜିତ ମିଶ୍ର ଉପସ୍ଥିତ ଥିଲେ।

## ମଣ୍ଟୁ ଓ ମନୀନ୍ଦ୍ର ରାଜ୍ୟ ଯୁବ ବିଜେଡି ଉପସଭାପତି

**ଭବାନୀପାଟଣା, ୩୧।୧୨(ସମିସ):** ନିକଟରେ ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ କଳାହାଣ୍ଡି ଜିଲ୍ଲାର ଦୁଇ ବିଜେଡି ଯୁବ ନେତା ମଣ୍ଟୁ ନାଏକ ଓ ମନୀନ୍ଦ୍ର ମହାନ୍ତି ରାଜ୍ୟ ଯୁବ ବିଜେଡି ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ପୂର୍ବରୁ ଏହି ଦୁଇନେତା ଛାତ୍ର ଓ ଯୁବ ବିଜେଡିର ବିଭିନ୍ନ ପଦରେ ରହି ନିଜ ନିଜ କାର୍ଯ୍ୟ ସୁଚାରୁ ରୂପେ ତୁଲାଉ ଥିବାରୁ ବିଜେଡି ସୁପ୍ରିମୋ ସେମାନଙ୍କ ଉପରେ ଭରସା ରଖି ଏହି ପଦନ୍ନତି ଦେଇଥିବା ଜଣାପଡ଼ିଛି। ମନୀନ୍ଦ୍ର ମହାନ୍ତି ପୂର୍ବରୁ ବଲାଙ୍ଗିର ପ୍ରଭାରୀ ଭାବେ ଦାୟିତ୍ୱ ତୁଲାଇଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା

**ଗୋଲାମୁଣ୍ଡା, ୩୧।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ସର୍ବମଙ୍ଗଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଚତୁର୍ଥଶ୍ରେଣୀ କର୍ମଚାରୀ ଜାନକୀ ସିପକା ଦୀର୍ଘ ୩୫ବର୍ଷ କାର୍ଯ୍ୟ ନିର୍ବାହ କରି ଆଜି ତାଙ୍କର ସେବା ଜୀବନର ଶେଷ ଦୃଶ୍ୟ ସମାପନ କରିଛନ୍ତି। ଶ୍ରୀମତୀ ସିପକା ଚାକିରି ସମୟର ସମସ୍ତ କାର୍ଯ୍ୟଦିବସକୁ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରାଇବାରେ ପ୍ରମୁଖ ଭୂମିକା ନେଇଥିଲେ। ୨୦୨୬ ନୂତନ ବର୍ଷା ଆରମ୍ଭରୁ ତାଙ୍କର ଅନୁପସ୍ଥିତି ଅନୁଷ୍ଠାନର ଦୈନନ୍ଦିନ କାର୍ଯ୍ୟକ୍ରମରେ ବିଶେଷ ପ୍ରଭାବ ପରିଲକ୍ଷିତ ହେବ ବୋଲି ଅଧ୍ୟକ୍ଷ ପ୍ରାଧ୍ୟାପକ ସରୋଜ କାନ୍ତ ରଥ ସମ୍ବର୍ଦ୍ଧନା ସଭାରେ ଭାବାବେଗରେ ପ୍ରକାଶ କରିଥିଲେ। ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସଭାରେ ଉପସ୍ଥିତ ଥିଲେ।

## ମେଗା ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି

**ଭବାନୀପାଟଣା, ୩୧।୧୨(ସମିସ):** ଆସନ୍ତା ଜାନୁଆରୀ ୨୬ତାରିଖ ଦିନ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ସେଥିପାଇଁ ଶ୍ରୀବାଲୁଙ୍କେଶ୍ୱର ମନ୍ଦିର କମିଟି ପୁରୁଣାପଡ଼ା, ଓ ରାଜ୍ୟ ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି କଳାହାଣ୍ଡି ଶାଖା ପକ୍ଷରୁ ପ୍ରସ୍ତୁତି ବୈଠକ ବସି ଅଧିକରୁ ଅଧିକ ରକ୍ତଦାତା କିପରି ସାମିଲ ହେବା ପାଇଁ ନିଷ୍ପତ୍ତି ନିଆଯାଇଛି। ରକ୍ତଦାନ ଭଳି ପୂଣ୍ୟ କାର୍ଯ୍ୟରେ ଅମଳା ସଂଘ ସଭାପତି ସୁକାନ୍ତ ମହାପାତ୍ର, ମନ୍ଦିର କମିଟି ସଭାପତି ସିଦ୍ଧାର୍ଥ କୁମାର ନାୟକ, ଓଏନଜିଓସିସି ଉପସଭାପତି ଭାବଗ୍ରାହୀ ନାୟକ ମନ୍ଦିର କମିଟି ସମ୍ପାଦକ ଇନ୍ଦ୍ରଜିତ ମହାକୁଡ଼, ବିଶ୍ୱନାଥ ବାଗ, ୪ର୍ଥ ଶ୍ରେଣୀ କର୍ମଚାରୀ ଉପସଭାପତି, ଡମ୍ବରୁଧର ଗଉଡ ସନ୍ତୋଷ କୁମାର ଜାନି, ପ୍ରଦିପ କୁମାର ଠାକୁର, ମନମୋହନ ପ୍ରଧାନ ବରିଷ୍ଠ ସାମ୍ବାଦିକ ସୁନିଲ କୁମାର ଶତପଥି ମୁଖ୍ୟଉପଦେଷ୍ଟା, ସୁଶାନ୍ତ ମହାରଣା, ପ୍ରମୋଦ କୁମାର ଖୀଲୋ, ପ୍ରଶାନ୍ତ କୁମାର ପ୍ରଧାନ ଉପସ୍ଥିତ ରହି ନିଜ ନିଜ ମୂଲ୍ୟବାନ ମତ ଉପସ୍ଥାନ କରିଥିଲେ।

## ବାଜପେୟୀଙ୍କ ଜନ୍ମଶତ ବାର୍ଷିକୀ

**ବୀରମହାରାଜପୁର, ୩୧।୧୨ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଂଘଠାରେ ଜିଲ୍ଲା ଅଟଳ ବିହାରୀ ସ୍ମୃତି କମିଟି ପକ୍ଷରୁ ଶତ ବାର୍ଷିକୀ ପାଳିତ ହୋଇଯାଇଛି। ଅଟଳବିହାରୀ ବାଜପେୟୀ ସ୍ମୃତି କମିଟି ଅଧ୍ୟକ୍ଷ ବେଣୁଧର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଙ୍ଘର ସମ୍ପାଦକ ସନ୍ତୋଷ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ କବି ଡ. ଦ୍ୱିତୀକୃଷ୍ଣ ପଣ୍ଡା ସଂଯୋଜନା କରିଥିବା ବେଳେ ଏକ ମନୋଜ୍ଞ କବିତା ପାଠ ଅନୁଷ୍ଠିତ ହୋଇଥିଲା। କବି କିଶୋର କୁମାର ହୋତା, ଅକ୍ଷୟ ରାଏ, ଯୁଗଳ କିଶୋର ମିଶ୍ର, ବାସୁଦେବ ରଥ, ରାଧେଶ୍ୟାମ ପୁରୋହିତ, ଦ୍ୱିତୀକୃଷ୍ଣ ପଣ୍ଡା ପ୍ରମୁଖ ବାଜପେୟୀଙ୍କ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରୋହିତ ହୋତା, ବିପିନ ବିହାରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରମେଶ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋପାଳଜୀ ମଠ ପକ୍ଷରୁ ମହାମନ୍ତ୍ର ଗାନ ଓ ସହର ପରିକ୍ରମା

**ବୀରମହାରାଜପୁର, ୩୧।୧୨ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସୁବଳୟା ଗୋପାଳଜୀ ମଠ ପକ୍ଷରୁ ଗତବର୍ଷ ଠାରୁ ପ୍ରତ୍ୟେକ ବୁଧବାର ଦିନ ମଠର ମଠାଧୀଶ ଅଭିରାମ ଦାସଜି ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ହେରେକୃଷ୍ଣ ହରେ ରାମ ମହାମନ୍ତ୍ର ଗାନକରି ସୁବଳୟା ସହର ପରିକ୍ରମା କରି ଆସୁଥିଲେ। ଏହି କାର୍ଯ୍ୟକ୍ରମକୁ ଆଜି ଏକ ବର୍ଷ ପୂର୍ତ୍ତି ହୋଇଥିବା ବେଳେ ତାର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି କ୍ରମରେ ଶହ ଶହ ଭକ୍ତ ଓ ଶ୍ରଦ୍ଧାଳୁ ସୁସଜ୍ଜିତ ତୋରଣରେ ପ୍ରଭୁ ରାଧାକୃଷ୍ଣଙ୍କୁ ଉପବେଶନ କରାଇ, ଏକ ସାଂସ୍କୃତିକ ଶୋଭାଯାତ୍ରାରେ ବାହାରି ସୁବଳୟା ସହର ପରିକ୍ରମା କରିଥିବା ଦେଖିବାକୁ ମିଳିଛି। ଅପରାହ୍ନ ୧ ଟାରୁ ୩ ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ସମଗ୍ର ସହରର ପରିବେଶ ହରେକୃଷ୍ଣ ହରେରାମ ମହାମନ୍ତ୍ରରେ ପ୍ରକମ୍ପିତ ହୋଇ ଉଠିଥିଲା। କାର୍ଯ୍ୟକ୍ରମ ଶେଷରେ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ଆନନ୍ଦ ବଜାରରେ ଅନ୍ନ ପ୍ରସାଦ ସେବନ ପୂର୍ବକ ପ୍ରତ୍ୟାବର୍ତ୍ତନ କରିଥିବା ସୂଚନା ମିଳିଛି।

# ୨୬ ନଂ ଜାତୀୟ ରାଜପଥରେ ମୃତ୍ୟୁର ତାଣ୍ଡବ

**କୋକସରା, ୩୧।୧୨(ସମିସ)**

### ଡିସେମ୍ବରରେ ୩ ମୃତ



ବିଦାୟ ନେବାକୁ ବସିଛି ପୁରୁଣା ବର୍ଷ, ନୂତନ ବର୍ଷକୁ ସ୍ୱାଗତ ଜଣାଇବା ପାଇଁ ସବୁଆଡେ ଉତ୍ସବର ମାହୋଲ। ଏପଟେ ୨୦୨୫ ଆମପାଣି, କୋକସରା ୨୬ ନମ୍ବର ଜାତୀୟ ରାଜପଥରେ ଛାଡ଼ି ଯାଇଛି ମୃତ୍ୟୁର ବିଭିଷିକା। ପୁରୁଣା ବର୍ଷ ତମାମ୍ ରାସ୍ତାରେ ଘଟି ଚାଲିଥିଲା ଦୁର୍ଘଟଣା ଉପରେ ଦୁର୍ଘଟଣା। ସତେଅବା ରାଜପଥରେ ଛକି ରହିଥିଲେ ଜମ ଦେବତା। ଏହି ଦୁର୍ଘଟଣାରେ ଅନେକ ଜନଜୀବନ ହାନି ହୋଇଥିଲା। କଳାହାଣ୍ଡି ଜିଲ୍ଲାର ଶେଷ ସୀମା ଆମପାଣି ଘାଟି ଠାରୁ କୋକସରା ବ୍ଲକର ମୋଟେର ପର୍ଯ୍ୟନ୍ତ ପ୍ରାୟ ୩୬ କିଲୋମିଟର ରାସ୍ତା ଉପରେ କେତେ ଯେ' ସଡ଼କ ଦୁର୍ଘଟଣା ଘଟିଛି, ତାହାର ହିସାବ କାହାରି ପାଖରେ ନାହିଁ। ୨୦୨୫ ବର୍ଷ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏହି ରାଜପଥରେ ହୋଇଥିବା ସଡ଼କ ଦୁର୍ଘଟଣାରେ ଅନେକ ଲୋକଙ୍କ ଜୀବନ ଚାଲି ଯାଇଛି। ବେପରୁଆ ଗାଡ଼ି ଚାଳନା, ମଦ୍ୟପାନ କରି ଗାଡ଼ି ଚାଳନା ଓ ଦ୍ରୁତ ଗତିରେ ଗାଡି ଚାଳନା ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ପାଲଟିଛି। ଏହି ଦୁର୍ଘଟଣା ସମୂହ ଅନେକ ମା'ଙ୍କ କୋଳ ଖାଲି କରିଦେଇଥିବା ବେଳେ ଅନେକ ନାରୀଙ୍କ ମଥାରୁ ସିନ୍ଦୂର ପୋଛି ନେଇଛି। ବର୍ଷର ଶେଷ ଡିସେମ୍ବର ମାସରେ ଏହି ରାଜପଥରେ ହୋଇଥିବା ସିରିଜ ଦୁର୍ଘଟଣାରେ ୩ ଜଣଙ୍କ ଅମୂଲ୍ୟ ଜୀବନ ଚାଲିଯାଇଛି। ଅନ୍ୟ ପକ୍ଷରେ ବର୍ଷର ନିର୍ଦ୍ଦିଷ୍ଟ ସମୟରେ ସରକାରଙ୍କ ପକ୍ଷରୁ 'ସଡ଼କ ସୁରକ୍ଷା, ଜୀବନ ରକ୍ଷା ସଚେତନତା'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଏହାର ପ୍ରଭାବ ଗାଡ଼ି ଚାଳକମାନଙ୍କ ଉପରେ ପଡ଼ି ନଥିବା ମନେ ହେଉଛି। ତେଣୁ ବର୍ଷ ତମାମ୍ ସଡ଼କ ସୁରକ୍ଷା ଉପରେ ଜନ ସଚେତନତା କରାଇବା ଦିଗରେ ସରକାର ପଦକ୍ଷେପ ନେବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରୁ ମତ ପ୍ରକାଶ ପାଇଛି।

## ଅତ୍ୟାଧୁନିକ ଷ୍ଟାଡିୟମ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**ଭବାନୀପାଟଣା, ୩୧।୧୨(ସମିସ):** କଳାହାଣ୍ଡି ଜିଲ୍ଲା ମୁଖ୍ୟାଳୟରେ ରାଜ୍ୟର ଦ୍ୱିତୀୟ ସର୍ବ ବୃହତ ଆୟତନ ବିଶିଷ୍ଟ ଷ୍ଟାଡିୟମ ଭାବେ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ରହିଛି। ତେବେ ବର୍ଷ ତମାମ ଏଠାରେ ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟକ୍ରମ, ପର୍ବ, ଉତ୍ସବ ପାଳିତ ହେଉଥିବାବେଳେ ଏହି ଷ୍ଟାଡିୟମ ନିର୍ମାଣର ପ୍ରକୃତ ଉଦ୍ଦେଶ୍ୟ ଆଜିଯାଏଁ ସଫଳ ହୋଇପାରୁନାହିଁ। ସେହିପରି ସହର ମଧ୍ୟସ୍ଥଳରେ ଏହି ଷ୍ଟାଡିୟମ ଥିବାବେଳେ ଅନେକ ସମୟରେ ଏହାର ଭିତ୍ତିଭୂମି ବିକାଶ ସମ୍ଭବ ହୋଇପାରୁନାହିଁ। ଏଣୁ ପଶ୍ଚିମ ଓଡ଼ିଶାର ପ୍ରମୁଖ ସ୍ଥାନ କଳାହାଣ୍ଡିରେ ଏକ ସର୍ବ ସୁବିଧା ସମ୍ପନ୍ନ ଓ ଅତ୍ୟାଧୁନିକ ଷ୍ଟାଡିୟମ ନିର୍ମାଣ ପାଇଁ ପ୍ରାୟ ୨୫ ଏକର ଜମି ଯୋଗାଇଦେବା ସହିତ ଏଥିପାଇଁ ପାଞ୍ଚଶହ କୋଟି ଟଙ୍କା ବ୍ୟୟ ବରାଦ ଓ ରାଜ୍ୟ କ୍ରୀ? ସଚିବଙ୍କ ଅଧ୍ୟକ୍ଷତାରେ ଜାଗା ଚିହ୍ନଟ ଏବଂ ଅନୁଦାନ ଯୋଗାଇଦେବାକୁ ଦାବି କରିଛନ୍ତି ବିଶିଷ୍ଟ କବି ଡ. ଭବାନୀଶଙ୍କର ନିଆଲ। ବର୍ଷର ଶେଷଦିନରେ ସେ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏନେଇ ଚିଠି ଲେଖି ଦାବି କରିଛନ୍ତି। କଳାହାଣ୍ଡି ଜିଲ୍ଲାପାଳଙ୍କ ଜରିଆରେ ସେ ଏହି ଦାବି କରିଥିବା ଜଣାପଡ଼ିଛି। ସେହିପରି ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର ପ୍ରମୁଖଙ୍କୁ ଦାବି ସମ୍ପର୍କରେ ଅବଗତ କରାଇଥିବା ଜଣାପଡ଼ିଛି।

## ଜିଲ୍ଲାପାଳଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ସମୀକ୍ଷା ବୈଠକ

**ନୂଆପଡ଼ା, ୩୧।୧୨ (ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଠାରେ ପିଏମଶ୍ରୀ ବିଦ୍ୟାଳୟ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆଦି କାର୍ଯ୍ୟକ୍ରମର ସମୀକ୍ଷା ହୋଇଥିଲା। ଜିଲ୍ଲାପାଳ ସବୁ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଏସଏସଡି ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଆଦିରେ ପୁରାତନ ଛାତ୍ରଙ୍କ ମିଳନ, ଯୋଗଦାନ ଓ ବିଦ୍ୟାଳୟର ଉନ୍ନତି ପାଇଁ ଅର୍ଥ ସଂଗ୍ରହ ଉପରେ ଗୁରୁତ୍ୱ ଦେଇଥିଲେ। ଏହା ସହିତ ସମସ୍ତ ସିଆରସିସିଙ୍କୁ ଶ୍ରେଣୀରେ ପାଠ ପଢ଼େଇବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲାର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସମର୍ପିତ ଭାବରେ ଶିକ୍ଷାଦାନ କରି ଜିଲ୍ଲାକୁ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଜିଲ୍ଲା ଭାବରେ ଗଢ଼ି ତୋଳିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ।ସଭାରେ ଜିଲ୍ଲା ଶିକ୍ଷାଧିକାରୀ ଡକ୍ଟର ପ୍ରଶାନ୍ତ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରେଶମଲାଲ ନାୟକ, ସମସ୍ତ ବ୍ଲକ ଶିକ୍ଷାଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

### ଦୁଇପୁଅ ଦାଦନ, ମାଲିକଙ୍କ ଜୁଲୁମ

## ବାପାଙ୍କ ମୁଖାଗ୍ନିରୁ ବଞ୍ଚିତ ପୁଅ

### ଦାହ ସଂସ୍କାର କଲେ ବିଶ୍ୱ ହିନ୍ଦୁ ପରିଷଦ କର୍ମକର୍ତ୍ତା

**ନୂଆପଡ଼ା, ୩୧।୧୨(ସମିସ):** ନୂଆପଡ଼ା ଜିଲ୍ଲା ଧରମବନ୍ଧା ଗାଁରେ ହଜାରୀ ବିଶ୍ୱକର୍ମା(୬୦) ନାମକ ଜନୈକ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ଦୁଇ ପୁଅ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇ ସେଠାରୁ ଫେରି ପାରିନାହାନ୍ତି। ଦୁଇ ଦିନ ଜଗିବାପରେ ସ୍ଥାନୀୟ ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ସମ୍ପାଦକ ଭାନୁ ଦଣ୍ଡସେନାଙ୍କ ନେତୃତ୍ୱରେ ସହଯୋଗୀମାନେ ଦାହସଂସ୍କାର କରି ମଣିଷ ପଣିଆ ଦେଖାଇଛନ୍ତି। ପ୍ରକାଶ ଯେ ହଜାରୀଙ୍କ ଦୁଇ ପୁଅ ନନ୍ଦକୁମାର ଏବଂ ଘାସିରାମ ଆଜିକୁ ଦୁଇ ମାସ ତଳେ ରାଜ୍ୟ ବାହାରକୁ ସ୍ଥାନୀୟ ଜନୈକ ସର୍ଦ୍ଦାରଙ୍କ ସହାୟତାରେ ଦାଦନ ଖଟିବାକୁ ଯାଇଛନ୍ତି। ସୋମବାର ରାତିରେ ବାର୍ଦ୍ଧକ୍ୟ ହେତୁ ହଜାରୀଙ୍କ ମୃତ୍ୟୁ ଘଟିଥିଲା। ପଡୋଶୀ ଲୋକ ଦୁଇ ପୁଅଙ୍କୁ ଫୋନ ଯୋଗେ ଖବର ଦେଇଥିଲେ। ହେଲେ ସେଠାରୁ ଇଟାଭାଟି ମାଲିକ କୁଆଡେ ତାଙ୍କୁ ଛୁଟି ଦେଲେନି ବୋଲି ବାପାଙ୍କ ମଲାମୁହଁ ଟିକକ ଦେଖିପାରିଲେ ନାହିଁ କି ମୁଖାଗ୍ନି ଟିକେ ଦେବାରୁ ବଞ୍ଚିତ ହୋଇଗଲେ। ଏପଟେ ସାମାଜିକ କର୍ମୀ



ଭାନୁ ଦଣ୍ଡସେନା ନିଜର ସହଯୋଗୀଙ୍କୁ ନେଇ ମର ଶରୀରକୁ ସମ୍ମାନ ଜଣାଇ ଦାହ ସଂସ୍କାର ପାଇଁ ଖଟିଆରେ ବୋହି ନେଇଥିଲେ।ଜିଲ୍ଲାପ୍ରଶାସନ ଗୁରୁତ୍ୱର ସହ ବିଚାରକୁ ନେଇ ସମ୍ପୃକ୍ତ ଇଟାଭାଟି ମାଲିକ ଏବଂ ଶ୍ରମିକ ସର୍ଦ୍ଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ହେଉଛି।

## ୬ରୁ ପାଣି ପଞ୍ଚାୟତ ପକ୍ଷ

**ବଲାଙ୍ଗିର, ୩୧।୧୨(ସମିସ):** ବଲାଙ୍ଗିର ଜଳ ସମ୍ପଦ ବିଭାଗ ତରଫରୁ ୬ରୁ ୨୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯିବ। ଜିଲ୍ଲାପାଳ ଗୌରଓ ଶିଓାଜୀ ଇସଲଓାରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜଳସେଚନ ବିଭାଗର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଦେବଦତ୍ତ ରାୟ ମହାପାତ୍ର ସଭା ପରିଚାଳନା କରିଥିଲେ। ଜଳ ପରିଚାଳନା କ୍ଷେତ୍ରରେ ପାଣି ପଞ୍ଚାୟତଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା, ସହଭାଗୀ ଜଳସେଚନ ମାଧ୍ୟମରେ ତୃଣମୂଳସ୍ତରରେ ଜଳର ଉପଲବ୍ଧତାରେ ଗୁଣାତ୍ମକ ମାନ ବୃଦ୍ଧି ଆଦି ପରିପ୍ରେକ୍ଷୀରେ ଏହି ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି। ୬ ତାରିଖରେ ସମସ୍ତ ଡିଭିଜନସ୍ତରରେ ପାଣି ପଞ୍ଚାୟତ ପକ୍ଷ ପାଳିତ ହେବ। ୧୩ରେ ଜିଲ୍ଲାସ୍ତରରେ ପାଳନ କରାଯିବ। ପାଣି ପଞ୍ଚାୟତର ଭୂମିକା ସମ୍ପର୍କରେ ବାର୍ତ୍ତା ନେଇ ସଚେତନତା ରଥ ପରିକ୍ରମା କରିବ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଡିଭିଜନସ୍ତର ବିଦ୍ୟାଳୟଗୁଡିକରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଲିଖନ, ପେଣ୍ଟିଂ ଓ କୁଇଜ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଭିନ୍ନ ସ୍ତରରେ ପ୍ରଦର୍ଶନୀ ଓ ପାଣି ପଞ୍ଚାୟତ ସମାବେଶମାନ ଆୟୋଜନ କରାଯିବ।ଏହା ସହ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ, ପ୍ରଦର୍ଶନୀ ମାଧ୍ୟମରେ ଜଳର ଉପଯୁକ୍ତ ବିନିଯୋଗ ନେଇ ସାମାଜିକ-ବ୍ୟବହାରିକ ପରିବର୍ତ୍ତନର ଆବଶ୍ୟକତା ସମ୍ପର୍କରେ ସଚେତନ କରାଯିବ। ପାଣି ପଞ୍ଚାୟତ ପୁନର୍ଗଠନ କରାଯାଇଛି। ଭୂତଳେ ପାଇପ୍ ଯୋଗେ ଜଳ ଯୋଗାଣ, ପାଣି ପଞ୍ଚାୟତଗୁଡ଼ିକର ଉନ୍ନତିକରଣ, ପାଣି ପଞ୍ଚାୟତ କର୍ମୀମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ପଦକ୍ଷେପ ନିଆଯାଇଛି। ଲୋକଙ୍କ ମଧ୍ୟରେ ପାଣି ପଞ୍ଚାୟତର ଗୁରୁତ୍ୱ, ପାଣି ପଞ୍ଚାୟତ ସଦସ୍ୟ/ସଦସ୍ୟାମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି, ଜଳ ସମ୍ପଦର ସୁରକ୍ଷା ଓ ପାଣି ପଞ୍ଚାୟତଗୁଡିକର କାର୍ଯ୍ୟକୁ ସହାୟତା କରୁଥିବା ସମସ୍ତ ସହଭାଗୀ ଅନୁଷ୍ଠାନର ସହଯୋଗରେ ଏହି ବାର୍ଷିକ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯିବ। ଏହି ବୈଠକରେ ଜଳସମ୍ପଦର ବିଭାଗୀୟ ଅଧିକାରୀଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

## ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବନ୍ଧୁମିଳନ



**ଧର୍ମଗଡ଼, ୩୧।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ସନ୍ଦିକୁଲିହାରି ଗ୍ରାମରେ ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଆଲୋଚନାଚକ୍ର ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ଼ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି କବିରାଜ ଦୁର୍ଗାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ସାଧାରଣ ସମ୍ପାଦକ ରାଜେନ୍ଦ୍ର ଭୋଇ, ସହସମ୍ପାଦକ ଧରଣୀ ଧର ଧଙ୍ଗଡ଼ା ମାଝୀ, କୋଷାଧ୍ୟକ୍ଷ ପ୍ରତାପ କିଶୋର ଆଚାର୍ଯ୍ୟ, ଅବସରପ୍ରାପ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ କିଶୋର କୁମାର ଖମାରୀ, ହରି ସୁନ୍ଦର ପଣ୍ଡା, ଫୁଲେଶ୍ୱର୍ ସେନାପତି, ଜବାହର ଲାଲ ବାଗ, ତ୍ରିଲୋଚନ ବାଗ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ୮୦ବର୍ଷ ବୟସରେ ପାଦ ଦେଇଥିବା ସଂଘର ବରିଷ୍ଠ ସଦସ୍ୟ ଧନେଶ୍ୱର ଗୋପାଳ, ହେତୁରାମ ମେହେର, ହୃଷିକେଶ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରୁଣାବର୍ଷକୁ ସ୍ମୃତିକୁ ଆଧାର କରି ଆଗାମୀ ନୂତନ ବର୍ଷ ୨୦୨୬ରେ ସଂଘର ନୂତନ ଭବନ ନିର୍ମାଣ କରାଯିବା ପାଇଁ ଉଦ୍ୟମ କରାଯିବା ସହ ସଂଘର ସଦସ୍ୟଙ୍କ ଲାଗି ବହୁବିଧ ଉନ୍ନତି ପାଇଁ ବଦ୍ଧ ପରିକର ହେବା ପାଇଁ ଆହ୍ୱାନ ଦିଆଯାଇଥିଲା। ଅବସରପ୍ରାପ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଲୋକନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା ଓ ଅଧିକାର ସଚେତନତା କାର୍ଯ୍ୟକ୍ରମ

**ଗୋଲାମୁଣ୍ଡା, ୩୧।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡାଠାରେ ଜିଲ୍ଲାସ୍ତରୀୟ ଶିଶୁ ଅଧିକାର ଓ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆରସିଡିସି ପ୍ରକଳ୍ପ ସଂଯୋଜକ ରଥୁରାମ ବାଗ ଅଭିନନ୍ଦନ ଜଣାଇଥିଲେ। ଆରସିଡିସିର ସିନିଅର ମ୍ୟାନେଜର ପ୍ରଦୀପ କୁମାର ପାତ୍ର ଗୋଲାମୁଣ୍ଡା ଅଞ୍ଚଳରେ ବିଏମଯେଡ୍ ସହାୟତାରେ ହେଉଥିବା କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ମହାନ୍ତି, ସମ୍ମାନିତ ଅତିଥି ଭାବେ ଗୋଲାମୁଣ୍ଡା ଏବିଡିଓ ବିଜୟ ନାଏକ, ବିଇଓ ରାଜେଶ କୁମାର ନାୟକ, ଶାନ୍ତି ମଙ୍ଗରାଜ ମହିଳା ଓ ଶିଶୁ ପରିଦର୍ଶିକା, ସୁଧାଂଶୁ ଶେଖର ମହାପାତ୍ର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ରାମ ନାରାୟନ ରଥ ସଦସ୍ୟ ଜିଲ୍ଲା ଶିଶୁ ମଙ୍ଗଳ ସମିତି, ନାରାୟନ ଅଘରିଆ ସରପଞ୍ଚ ଉଦେଶ୍ୱରୁ ଓ ଜଗଜିବନ ଅଘରିଆ ସରପଞ୍ଚ ମାନଝରି ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ ଶିକ୍ଷା କେନ୍ଦ୍ରରେ ଭଲପ୍ରଦର୍ଶନ କରିଥିବା ଶିଶୁମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୋଷ୍ଠୀ ପ୍ରବର୍ତ୍ତକ ସଞ୍ଜୀବ ନାଏକ, ସରିତା ମଙ୍ଗରାଜ ଯାଜ୍ଞସେନୀ, କପିଳାସ, ଲଚମନି, ପିଙ୍କି ଓ ପ୍ରଦ୍ୟୁମ୍ନ ପ୍ରମୁଖ ସହଯୋଗ କରିଥିଲେ।

## ନବମ ଚାନ୍ଦିଲି ପାହାଡ଼ ମହୋତ୍ସବ ପାଇଁ କଳସ ଶୋଭାଯାତ୍ରା

**ଦେଓଗାଁ, ୩୧।୧୨(ସମିସ):** ଦେଷଣ୍ଡ ପଞ୍ଚାୟତ ଦେଷଣ୍ଡ ନିକଟସ୍ଥ ପର୍ଯ୍ୟଟନସ୍ଥଳ ଚାନ୍ଦିଲି ପାହାଡ ପାଦଦେଶରେ ୫ଦିନ ଧରି ନବମ ଚାନ୍ଦିଲି ପାହାଡ ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଅପରାହ୍ନରେ କଳସ ଓ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ପୁରୁଷ ସ୍ଥାନୀୟ ମେହେରକଟାରୁ ପୂର୍ଣ୍ଣକଳସ ଧାରଣ କରି ଶୋଭାଯାତ୍ରାରେ ଯଜ୍ଞ ଓ ପ୍ରହର ମଣ୍ଡପକୁ ପହଞ୍ଚିଥିଲେ। ଏହାପରେ ସେଠାରେ ଅଧିବାସ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଗୁରୁବାରଠାରୁ ମହୋତ୍ସବ ଆରମ୍ଭ ହେବ। ବ୍ରହ୍ମଧ୍ୱନୀ ସ୍ଥାପନ ଓ ୨୪ ପ୍ରହର ନାମ ଆରମ୍ଭ ହେବ। ସନ୍ଧ୍ୟାରେ ପୂଜା ପରେ ରାବଣ ଦରବାର ଆରମ୍ଭ ହେବ। ଏଥିରେ ଯଜ୍ଞକର୍ତ୍ତା ଭାବେ ଘାସିରାମ ରଣା ଓ ଦମୟନ୍ତୀ ରଣା, ପ୍ରହରୀ କର୍ତ୍ତା ଭାବେ ଯୋଗେଶ୍ୱର ନାଏକ ଓ ପଦ୍ମିନୀ ନାଏକ ରହିଛନ୍ତି। ଯଜ୍ଞରେ ଯୋଗୀମୁଣ୍ଡାର ଅବଧୂତ ଦେବରାଜ ବାବା ଓ ଭକ୍ତିବାବା ରାଜରତ୍ନପାଲ ଯୋଗ ଦେଇଛନ୍ତି। ମହୋତ୍ସବକୁ ମୁଖ୍ୟ ଉପଦେଷ୍ଟା ଲକ୍ଷ୍ମଣ ମେହେର, କମିଟି ସଭାପତି ରାଧେଶ୍ୟାମ ମେହେର, ସମ୍ପାଦକ ସ୍ୱୟମ୍ବର ମେହେର, ଉପସଭାପତି ଇନ୍ଦ୍ରଜିତ ରାଉତ, ସରପଞ୍ଚ ଯଶୋଦା ମେହେର, ପିଙ୍କୁ ଷଡଙ୍ଗି, ସତ୍ୟନାରାୟଣ ଷଡଙ୍ଗୀ, ମାଧବଚନ୍ଦ୍ର ପାଣିଗ୍ରାହୀ, ବିରଞ୍ଚି ଷଡଙ୍ଗୀ, ଦିନବନ୍ଧୁ ମେହେର, ରଘୁମଣି ରଣା, ଗୁରୁଦେବ ମେହେର, ମନୋରଞ୍ଜନ ନାଏକ, ବନମାଳୀ ମେହେର, ରାଜିନ୍ଦ୍ର ସାଏ, ବିଦ୍ୟାଧର ନାଏକ, ତ୍ରିଲୋଚନ ରଣା ତଥା ଗ୍ରାମବାସୀ ସହଯୋଗ କରୁଛନ୍ତି।

### ଫାଇଲେରିଆ ନିରାକରଣକୁ ଗୁରୁତ୍ୱ

## ଫେବୃଆରୀ ୧୦ରୁ ସାମୂହିକ ଔଷଧ ସେବନ

**ବଲାଙ୍ଗିର, ୩୧।୧୨ (ସମିସ):** ଫାଇଲେରିଆ ନିରାକରଣ ଅଭିଯାନ ଅବସରରେ ଫେବୃୟାରୀ ୧୦ରୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏ ନେଇ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠିଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନରେ ବଲାଙ୍ଗିର ଜିଲ୍ଲାର ପ୍ରଭାବିତ ପୌରପରିଷଦ ଓ ବ୍ଲକକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ରୋଗ ଦ୍ୱାରା ପ୍ରଭାବିତ ପ୍ରତ୍ୟେକ ବ୍ୟକ୍ତି ଯେପରି ନିର୍ଦ୍ଧାରିତ ଔଷଧ ସେବନ କରନ୍ତି ତାହା ସୁନିଶ୍ଚିତ କରିବା ପାଇଁ ଘରକୁ ଘର ବୁଲି ଆଣ୍ଟି-ଫାଇଲେରିଆଲ ଔଷଧ ବଣ୍ଟନ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଜିଲ୍ଲାରେ ହେଉଥିବା ଏହି ଅଭିଯାନରେ ଯେପରି କେହି ବାଦ୍ ନ ପଡ଼ିବେ ସେଥିପ୍ରତି ଧ୍ୟାନ ଦେବାକୁ ଅତିରିକ୍ତ ଜିଲ୍ଲାପାଳ କହିଥିଲେ। ଏହି ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ଆଶାକର୍ମୀ ଓ ତାଲିମ୍ ପ୍ରାପ୍ତ ସ୍ୱେଚ୍ଛାସେବୀମାନେ ପ୍ରତି ଘର, ସ୍କୁଲ, କଲେଜ ଓ ଅନ୍ୟ ଅନୁଷ୍ଠାନକୁ ଯାଇ ସମସ୍ତ ଚିହ୍ନଟ ବ୍ୟକ୍ତିଙ୍କୁ ଫାଇଲେରିଆ ବଟିକା ଖୁଆଇବା, ଔଷଧ ସେବନ ସୁନିଶ୍ଚିତ କରିବା, ତୃଣମୂଳ ସ୍ତରରୁ ଲକ୍ଷ୍ୟଭିତ୍ତିକ ଭାବେ କାର୍ଯ୍ୟ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ପରିବାର କଲ୍ୟାଣ ଅଧିକାରୀ ଡା. ରମେଶ ଚନ୍ଦ୍ର ସାହୁ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ନମିତା ମିଶ୍ର, ସୁରେଶ ସ୍ୱାଇଁ, ବିଶ୍ୱ ସ୍ୱାସ୍ଥ୍ୟ ସଂଘଠନ ଜୋନାଲ ମୁଖ୍ୟ ଡ. ଶ୍ୟାମବନ୍ଧୁ ରଥ ପ୍ରମୁଖ ଯୋଗ ଦେଇଥିଲେ।

### ରାଜ୍ୟ ପାରା ବ୍ୟାଡମିଣ୍ଟନ ଚାମ୍ପିଅନ୍‌ସିପ୍

## ସ୍ୱର୍ଣ୍ଣ ପଦକ ଜିତିଲେ ଆକାଶ

**ଭବାନୀପାଟଣା, ୩୧।୧୨ (ସମିସ):** ଭୁବନେଶ୍ୱର ଓଲଡ଼ ଡିଏସୱାଇଏସ୍ ଇଣ୍ଡୋର ଷ୍ଟାଡିୟମରେ ଗତ ୩ ଦିନ ଧରି ଚାଲିଥିବା ରାଜ୍ୟ ପାରା ବ୍ୟାଡମିଣ୍ଟନ ଚାମ୍ପିଅନ୍‌ସିପ୍ ମଙ୍ଗଳବାର



ଉଦ୍‌ଯାପିତ ହୋଇଛି। କଳାହାଣ୍ଡିର ଯୁବ ପାରା ବ୍ୟାଡମିଣ୍ଟନ ଖେଳାଳି ଆକାଶ ମୁଣ୍ଡ ସ୍ୱର୍ଣ୍ଣ ପଦକ ଜିତି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗିତାକୁ ଓଡ଼ିଶା କ୍ରୀଡା ଓ ଯୁବସେବା ବିଭାଗ (ଡିଏସୱାଇ ଏସ) ପକ୍ଷରୁ ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାକୁ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ ସୋନାଲି ଚାନ୍ଦ ଯୋଗଦେଇ ଉଦଘାଟନ କରିଥିଲେ। ସେହିପରି ପ୍ରତିଯୋଗିତାରେ ଅତିଥି ଭାବେ ଅନ୍ତର୍ଜାତୀୟ ପାରା ବ୍ୟାଡମିଣ୍ଟନ ଖେଳାଳି ତଥା କୋଚ୍ ଅମରେନ୍ଦ୍ର ବେହେରା ଓ ବିଜୁ ପଟ୍ଟନାୟକ ପୁରସ୍କାରପ୍ରାପ୍ତ ପ୍ରଶିକ୍ଷକ ଶିବପ୍ରସାଦ ଦାସ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

### କଳାହାଣ୍ଡି ଉତ୍ସବ 'ଘୁମୁରା'

## ୯ରେ ନୌଚାଳନା ଓ ତୀର ଚାଳନା ପ୍ରତିଯୋଗିତା

**ଥୁଆମୂଳରାମପୁର, ୩୧।୧୨(ସମିସ)**

କଳାହାଣ୍ଡି ଉତ୍ସବ 'ଘୁମୁରା' ୨୦୨୬ ପାଳନ ଅବସରରେ ଇନ୍ଦ୍ରାବତୀ ଜଳଭଣ୍ଡାର ତଟ ମହୁଲପାଟଣା ନିକଟ କେନ୍ଦୁଗୁଡା ଘାଟରେ ନୌଚାଳନା ଓ ତୀର ଚାଳନା ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ତାରିଖ ଓ ଦିନ ଧାର୍ଯ୍ୟ ହୋଇଛି। ମଙ୍ଗଳବାର ଥୁଆମୂଳରାମପୁର ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଭା ଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଥୁଆମୂଳରାମପୁର ବିଡ଼ିଓ ଧ୍ରୁବ ଚରଣ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଥୁଆମୂଳ ରାମପୁରର ପ୍ରକଳ୍ପ ପ୍ରଶାସକ ପ୍ରଦ୍ୟୁମ୍ନ କୁମାର ଦାଶଙ୍କ ଉପସ୍ଥିତିରେ ବରିଷ୍ଠ ବିଜେପି ନେତା ତଥା ଲୋକସଭା ସାଂସଦଙ୍କ ପ୍ରତିନିଧି ପବିତ୍ର



ନାଏକ, ସହକାରୀ ନିର୍ବାହୀଯନ୍ତ୍ରୀ ସାଲଖୁ ହେମ୍ବ୍ରମ, ବିଜେପି ନେତା ବିଷ୍ଣୁ ନାଏକ, ଆଇଟିଡିଏର ପ୍ରକଳ୍ପ ମ୍ୟାନେଜର ଅବିନାଶ ମହାନ୍ତି, ବ୍ଲକର ଉଭୟ ବିଜେପି ମଣ୍ଡଳର ସଭାପତି ଦୟାନିଧି ଭୋଇ, ପୁଷ୍ପ ନାଏକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଯେହେତୁ ବ୍ଲକ ସ୍ତରରେ ହେବାକୁ ଥିବା କଳାହାଣ୍ଡି ଉତ୍ସବ୬ ଏବଂ୭ ତାରିଖରେ ପାଳନ ପାଇଁ ନିଶ୍ଚିତ ହୋଇସାରିଛି। ଏହାକୁ ଦୃଷ୍ଟିରେ ରଖି ୯ ତାରିଖରେ ନୌଚାଳନା ଓ ତୀର ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇପାରିବେ।

# ଅକ୍ସିଡାଇଜ୍ ନେକ୍‌ଲେସ୍



**ସାଧାରଣତଃ ମହିଳାମାନେ ଆଉଟ୍‌ଫିଟ୍ ଅନୁସାରେ ଅଳଙ୍କାର ପିନ୍ଧିବାକୁ ପସନ୍ଦ କରନ୍ତି। ସେହିପରି ସିମ୍ପଲ ଆଉଟ୍‌ଫିଟ୍ ପିନ୍ଧୁଥିଲେ, ଏଥିରେ ଅକ୍ସିଡାଇଜ୍ ଚୋକର ପିନ୍ଧିପାରିବେ। ଜାଣିବା ସେ ବିଷୟରେ...**



### ହସ୍‌ଲି ଡିଜାଇନ୍

ସିମ୍ପଲ ଡିଜାଇନ୍ ସୁଟ୍ ପିନ୍ଧୁଥିଲେ, ଏଥିରେ ହସ୍‌ଲି ଚୋକର ନେକ୍‌ଲେସ୍ ପିନ୍ଧିପାରିବେ। ଏହା ଆଧୁନିକ ସମେତ ଏକ ପାରମ୍ପରିକ ଲୁକ୍ ଦେଇଥାଏ। ଏ ପ୍ରକାର ନେକ୍‌ଲେସ୍‌ରେ ସିମ୍ପଲ କାମ ରହିଥାଏ। ତେଣୁ ଏହାକୁ ଆଉଟଫିଟ୍ ଅନୁସାରେ ମ୍ୟାଚିଙ୍ଗ୍ କରି ପିନ୍ଧିପାରିବେ।

### ଏଣ୍ଟିକ୍

ଆକର୍ଷଣୀୟ ଲୁକ୍ ଚାହୁଁଥିଲେ, ଏଣ୍ଟିକ୍ ଅକ୍ସିଡାଇଜ୍ ଚୋକର ସେଟ୍ ପିନ୍ଧିପାରିବେ। ଏଥିରେ ଏଣ୍ଟିକ୍ ଡିଜାଇନର ଲକେଟ୍ ଥାଏ। ଏହାକୁ ଯେ କୌଣସି ପ୍ଲେନ୍ ଆଉଟ୍‌ଫିଟ୍‌ରେ ପିନ୍ଧିପାରିବେ। ଏଥିସହ ଚାହିଁଲେ ଏହାକୁ ଉପହାର ସଦୃଶ ଅନ୍ୟକୁ ଦେଇପାରିବେ।

### ଫ୍ଲୋରାଲ୍

ସେହିପରି ଆଉଟଫିଟ୍ ଅନୁସାରେ ପିନ୍ଧିବାକୁ ଚାହୁଁଥିଲେ, ଫ୍ଲୋରାଲ୍ ଡିଜାଇନ ଅଳଙ୍କାର ପିନ୍ଧିପାରିବେ। ଏ ପ୍ରକାର ଚୋକର ସେଟ୍ ବଜାରରେ ଉପଲବ୍ଧ। ଏହା ଏଥ୍‌ନିକ୍‌ରୁ ନେଇ ୱେଷ୍ଟର୍ଣ୍ଣ ଆଉଟଫିଟରେ ପିନ୍ଧିପାରିବେ।

### ଲେୟାର୍ଡ

ଏ ପ୍ରକାର ନେକଲେସ ବେକକୁ ଖୁବ୍ ସୁନ୍ଦର ଦେଖାଯାଏ। ଏହା ବିଶେଷ କରି ସାହାସିଧା ଆଉଟ୍‌ଫିଟ୍‌ରେ ସୁନ୍ଦର ମାନିଥାଏ। ଏଥିରୁ ଏକ ଷ୍ଟାଇଲିଶ୍ ଏବଂ ଆଧୁନିକ ଲୁକ୍ ମିଳିଥାଏ।

# ଆତ୍ମନିର୍ଭର, ସଶକ୍ତ ପାଇଁ ନୂଆ ସଂକଳ୍ପ



**ନୂଆବର୍ଷ ସଭିଁଙ୍କ ମନରେ ନୂତନ ଉତ୍ସାହ, ଉଦ୍ଦୀପନା ଭରିଦିଏ। ବିଶେଷ କରି ମହିଳାମାନେ ନିଜକୁ ପୁନଃପରିଭାଷିତ କରିବାର ଏହା ଏକ ସୁଯୋଗ। ଅଧିକାଂଶ ମହିଳା ପରିବାର, ସମାଜ ଏବଂ ସମ୍ପର୍କକୁ ପ୍ରାଧାନ୍ୟ ଦେଇ ନିଜକୁ ଭୁଲିଯାଆନ୍ତି; କିନ୍ତୁ ନିଜକୁ ଅଣଦେଖା ନ କରି ଦୈନନ୍ଦିନ ଜୀବନରେ କିଛି ଛୋଟମୋଟ, ସାହସପୂର୍ଣ୍ଣ ପଦକ୍ଷେପ ନେବା ଜରୁରୀ। ଏହା ଦ୍ୱାରା ସେମାନଙ୍କର ବ୍ୟକ୍ତିତ୍ୱ ବିକାଶ ହେବା ସହ ସେମାନେ ସଶକ୍ତ ହୋଇଥାନ୍ତି। ନୂଆ ବର୍ଷରେ ମହିଳାମାନେ ନିଜକୁ କିଭଳି ଆତ୍ମନିର୍ଭର କରିବେ, ଦୃଢ଼ ସଂକଳ୍ପ ନେବେ ଏବଂ ପ୍ରତିଶ୍ରୁତିବଦ୍ଧ ହେବେ, ତାହାକୁ ନେଇ ଏହି ବିଶେଷ ଉପସ୍ଥାପନା।**

### ପରିଚୟ ସହ ସାଲିସ୍ କରନ୍ତୁ ନାହିଁ

ନିଜର ପରିଚୟ ତଥା ବ୍ୟକ୍ତିତ୍ୱକୁ ବଜାୟ ରଖନ୍ତୁ। ଜଣେ ସ୍ତ୍ରୀ, ଭଉଣୀ ଏବଂ ମାଆ ହେବା ସହ ପ୍ରତି ମହିଳାଙ୍କର ନିଜସ୍ୱ ଅସ୍ତିତ୍ୱ ରହିଛି। ତେଣୁ ଅନ୍ୟକୁ ଖୁସି କରିବା, ପରିବାର ତଥା ସମାଜ ଦାୟିତ୍ୱ ପାଇଁ ନିଜର ଇଚ୍ଛା ବା ସ୍ୱପ୍ନକୁ ତ୍ୟାଗ କରନ୍ତୁ ନାହିଁ। କ୍ୟାରିୟର, ଶିକ୍ଷା ଏବଂ ଜୀବନର ଯେ କୌଣସି ନିଷ୍ପତ୍ତି ପାଇଁ ନିଜେ ସ୍ୱର ଉତ୍ତୋଳନ କରନ୍ତୁ।

### ଆର୍ଥିକ କ୍ଷେତ୍ରରେ ଆତ୍ମନିର୍ଭର

ଟଙ୍କାରୁ ଖୁସି ମିଳେନି ସତ, କିନ୍ତୁ ଏହା ଆତ୍ମସମ୍ମାନ ରକ୍ଷା କରିଥାଏ। ତେଣୁ ନୂଆ ବର୍ଷରେ ନିଜ ଆୟ, ସଞ୍ଚୟ, ଏବଂ ନିବେଶ ଉପରେ ନିୟନ୍ତ୍ରଣ ରଖିବା ଆବଶ୍ୟକ। ଆର୍ଥିକ ସାକ୍ଷରତା ଶିଖନ୍ତୁ। ଅନ୍ୟକୁ ପଚାରିକି ଖର୍ଚ୍ଚ କରିବା ଅଭ୍ୟାସକୁ ଛାଡ଼ନ୍ତୁ। ଆର୍ଥିକ ସ୍ୱାଧୀନତା ହେଉଛି ପ୍ରକୃତ ସ୍ୱାଧୀନତା।

### ଶାରୀରିକ, ମାନସିକ ସ୍ୱାସ୍ଥ୍ୟକୁ ପ୍ରାଥମିକତା

ମହିଳାମାନେ ଘରେ ଏବଂ ପରିବାରରେ ସମସ୍ତଙ୍କ ଧ୍ୟାନ ରଖିଥାନ୍ତି; କିନ୍ତୁ ନିଜ ପ୍ରତି ଅନେକ ସମୟରେ ଅବହେଳା କରନ୍ତି। ଏହି ଅଭ୍ୟାସକୁ ଛାଡ଼ନ୍ତୁ। ଜଣେ ସୁସ୍ଥ ରହିଲେ ହିଁ ସଶକ୍ତ ହୋଇପାରିବ। ତେଣୁ ନିଜ କ୍ଳାନ୍ତିକୁ ଦୁର୍ବଳତାରେ ପରିଣତ ନ କରିବା ପାଇଁ ପ୍ରତିଶ୍ରୁତି କରନ୍ତୁ। ଖାଦ୍ୟପେୟର ଧ୍ୟାନ ଦେବା ରଖିବା ସହ ସୁସ୍ଥ ଜୀବନଶୈଳୀ ଆପଣାଇବା ଭଲ। ମାନସିକ ଚାପରେ ନ ରହି ଏ ସମ୍ବନ୍ଧରେ ଅନ୍ୟକୁ ପଚାରି ସମାଧାନ କରିବା ପାଇଁ ସଂକଳ୍ପ କରନ୍ତୁ।

### 'ନା' କହିବା ଶିଖନ୍ତୁ

ସବୁବେଳେ ଅନ୍ୟକୁ 'ହଁ' କହିବା ସଂସ୍କାର ନୁହେଁ, ଏହାକୁ ଆତ୍ମ-ଉପେକ୍ଷା କୁହାଯାଏ। ତେଣୁ ନିଜ ସୀମା ନିର୍ଦ୍ଧାରଣ କରିବା କୌଣସି ସ୍ୱାର୍ଥପର କାର୍ଯ୍ୟ ନୁହେଁ। ପ୍ରଥମେ ନିଜକୁ ପ୍ରାଥମିକତା ଦେବା ଆବଶ୍ୟକ। ଏହାଦ୍ୱାରା ମାନସିକ ଶାନ୍ତି ମିଳିବା ସହ ସମୟ ସଞ୍ଚୟ ହୋଇଥାଏ। 'ନା' କହିବା ଆତ୍ମସମ୍ମାନର ପ୍ରଥମ ପାହାଚ।

### ପ୍ରେରଣା ସାଜନ୍ତୁ ପ୍ରତିଦ୍ୱନ୍ଦ୍ୱୀ ନୁହେଁ

ମହିଳା ହୋଇ ଅନ୍ୟ ଜଣେ ମହିଳାଙ୍କ କାର୍ଯ୍ୟରେ ବାଧା ଦିଅନ୍ତୁନି। ଏପରି କରିବା ଦ୍ୱାରା ମହିଳା ସଶକ୍ତିକରଣ ଅଧୁରା ରହିଯାଏ। ତେଣୁ ଅନ୍ୟର କାର୍ଯ୍ୟ ଦେଖି ଈର୍ଷା ନ କରି ସହଯୋଗ କରିବା ପାଇଁ ନୂଆବର୍ଷରେ ସଂକଳ୍ପ ନିଅନ୍ତୁ। ପରସ୍ପରର ସଫଳତାର ଉତ୍ସବ ମନାନ୍ତୁ। ସମସ୍ୟାରେ ନିରବ ନ ରହି ସ୍ୱରଉତ୍ତୋଳନ କରିବା ଶିଖନ୍ତୁ। ମହିଳାମାନେ ଏକତ୍ର ହୋଇ କାର୍ଯ୍ୟ କଲେ ସୁଫଳ ମିଳିଥାଏ।

# କେଶ ପାଇଁ ଅଁଳା ସିରମ୍

**ମହିଳାମାନେ ଘନ, ସୁନ୍ଦର ଏବଂ ଲମ୍ବା କେଶ ଚାହାଁନ୍ତି। ଏଥିପାଇଁ କିଛି ମହିଳା ବଜାରରେ ମିଳୁଥିବା ଅନେକେ ଦାମୀ ପ୍ରସାଧନ ବ୍ୟବହାର କରିଥାନ୍ତି। ଆଉ କେହି ଘରୋଇ ଉପଚାର କରନ୍ତି। ତେଣୁ କେଶଝଡ଼ା କିମ୍ବା ରୂପି ସମସ୍ୟାର ସମ୍ମୁଖୀନ ହେଉଥିଲେ, ଏଥିପାଇଁ ଅଁଳା ସିରମ୍ ଲଗାଇପାରିବେ। ଏହା କେଶରୁ ରୂପି ଦୂର କରିବାରେ ସହାୟକ ହୋଇଥାଏ।**



### ସିରମ୍ ପ୍ରସ୍ତୁତି

ଏଥିପାଇଁ ପ୍ରଥମେ ଗୋଟିଏ ପାତ୍ରରେ ଅଁଳା ଜୁସ୍ ନିଅନ୍ତୁ। ଏଥିରେ ଏକ ଚାମଚ ନିମ୍ବ ତେଲ ବା ନିମ୍ବ ପାଣି ମିଶାଇ ଘାଣ୍ଟନ୍ତୁ। ଏହାପରେ ଏଥିରେ ବାଦାମ ତେଲ, ନଡ଼ିଆ ତେଲ ଏବଂ ଭିଟାମିନ୍ ଇ-କ୍ୟାପ୍‌ସୁଲ୍ ମିଶାନ୍ତୁ। ଏହାକୁ ଭଲଭାବରେ ଘାଣ୍ଟି ଦିଅନ୍ତୁ। ଏହାକୁ ଏକ ସ୍ପ୍ରେ ବୋତଲ କିମ୍ବା ବାୟୁରୁଦ୍ଧ ବୋତଲରେ ରଖି ଦିଅନ୍ତୁ। ପରେ ଏହି ସିରମ୍‌କୁ କେଶରେ ଲଗାଇପାରିବେ।

### ଲଗାଇବା ବିଧି

କେଶ ସଫା କରିବା ପରେ ସିରମକୁ ହାଲୁକା ଓଦାକେଶରେ ଲଗାନ୍ତୁ। ଏହାକୁ କେଶମୂଳରେ ସ୍ପ୍ରେ କରି ଅଙ୍ଗୁଳି ସାହାର୍ଯ୍ୟରେ ହାଲୁକା ହାତରେ ମସାଜ୍ କରନ୍ତୁ। ଏହାକୁ ସପ୍ତାହରେ ଦୁଇରୁ ତିନିଥର ଲଗାଇଲେ ସୁଫଳ ମିଳିଥାଏ। ରାତିରେ ଲଗାଇ ସକାଳେ କେଶ ଧୋଇଲେ ଏଥିରୁ ବେଶ୍ ସୁଫଳ ମିଳିଥାଏ।

### ଫାଇଦା

ଏହା କେଶରୁ ରୂପି ଦୂର କରିଥାଏ। ଏଥିସହ କେଶକୁ ଘନକଳା ମଜଭୁତ କରିଥାଏ। ସେହିପରି ଏହା କେଶକୁ କଳା କରିବାର ଏକ ପ୍ରାକୃତିକ ଉପଚାର ଭାବେ ଜଣାଯାଏ। ସେହିପରି ଭିଟାମିନ୍ ଇ – କେଶକୁ ରୁକ୍ଷ ହେବାରୁ ସୁରକ୍ଷା ଦେଇଥାଏ। ଏବଂ କେଶଫଟା ସମସ୍ୟା ଦୂର କରିଥାଏ।

# ମୋ ହାଣ୍ଡିଶାଳରୁ...

# ଗ୍ରୀନ୍ ମଟର କଚୋଡ଼ି



### ଆବଶ୍ୟକ ସାମଗ୍ରୀ

ଅଟା – ଏକ କପ୍, ମଇଦା – ଏକ କପ୍, ଗ୍ରୀନ ମଟର – ଏକ କପ୍, ଜିରା – ଏକ ଚାମଚ, ରସୁଣ - ଚାରି ପାଞ୍ଚକୋଲା, କଞ୍ଚାଲଙ୍କା – ଦୁଇ, ତିନୋଟି, ଗରମ ମସଲା- ଅଧା ଚାମଚ, ଆମ୍‌ଚୁର୍ ପାଉଡର – ଅଧା ଚାମଚ, ଲେମ୍ବୁରସ – ଅଧା ଚାମଚ, ଚାଟ୍ ମଶଲା – ଅଧା ଚାମଚ, ଲୁଣ–ସ୍ୱାଦ ଅନୁସାରେ, ଘିଅ – ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳୀ

ଗୋଟିଏ ବାଉଲ୍‌ରେ ଅଟା, ମଇଦା ସହ ଲୁଣ ନେଇ ପ୍ରଥମେ ଗୋଳାଇ ଦିଅନ୍ତୁ। ଏହାପରେ ପାଣିଦେଇ ଅଟା ଭଳି ଚକଟନ୍ତୁ। ଏହାକୁ ୧୦ ମିନିଟ୍ ଘୋଡ଼ାଇ ରଖନ୍ତୁ। ପରେ ଗ୍ୟାସ ଲଗାଇ ପ୍ୟାନ୍ ବସାଇ ତେଲ ଦିଅନ୍ତୁ। ଏଥିରେ ଜିରା, ରସୁଣ ସମେତ କଞ୍ଚାଲଙ୍କା ମିଶାଇ ହାଲୁକା ଭାଜନ୍ତୁ। ଏହାପରେ ଛଡ଼ାଇ ରଖିଥିବା ମଟର ପକାଇ ସେଥିରେ ଗରମ ମସଲା, ଆମଚୁର ପାଉଡର ଦେଇ ପିଠା ଖଡ଼ିକାରେ ଏପାଖସେପାଖ କରନ୍ତୁ। ମଟର ନରମ ହୋଇ ଆସିଲେ ଗ୍ୟାସ ବନ୍ଦ କରି ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ଏହାକୁ ଗ୍ରାଇଣ୍ଡିଂ ଜାରରେ ଦେଇ ଦରବଟା କରନ୍ତୁ। ଶେଷରେ ଏଥିରେ ଲେମ୍ବୁ ରସ, ଚାଟ୍ ମସଲା ଦେଇ ଗୋଳାନ୍ତୁ। ଏହାପରେ ଅଟାରେ ଛୋଟ ଗୁଳା ପ୍ରସ୍ତୁତ କରନ୍ତୁ। ଏହାକୁ ପୁରୀ ଭଳି ବେଲି ସେଥିରେ ମଟର ପୂର ଦିଅନ୍ତୁ। ଏହାପରେ କଡ଼େଇରେ ତେଲ ଦେଇ ଧୀମା ଆଞ୍ଚରେ ଏହାକୁ ସୁନେଲି ରଙ୍ଗ ହେବା ଯାଏ ଛାଣନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମଟର କଚୋଡ଼ି'।

# ବ୍ଲେଜର୍‌ରୁ ସ୍ମାର୍ଟଲୁକ୍

**ଅଧିକାଂଶ ମହିଳା ଶୀତଦିନେ ଜିନ୍ସ ସହ ସ୍ୱେଟର୍ ଏବଂ ଜ୍ୟାକେଟ୍ ପିନ୍ଧିବାକୁ ପସନ୍ଦ କରନ୍ତି। ଷ୍ଟାଇଲ୍‌ରେ ସାମାନ୍ୟ ପରିବର୍ତ୍ତନ ଚାହୁଁଥିଲେ ଜିନ୍ସ ସହ ଲମ୍ବା ବ୍ଲେଜର୍ ପିନ୍ଧିପାରିବେ। ଏଥିରୁ ଷ୍ଟାଇଲିଶ୍ ସହ ଏକ ସ୍ମାର୍ଟ ଲୁକ୍ ମିଳିଥାଏ। ଜାଣିବା ସେ ବିଷୟରେ...**

### ଲୁଜ୍ ବ୍ଲେଜର୍

ଏହା ଢିଲା ହୋଇଥିବାରୁ ପିନ୍ଧିବାକୁ ଖୁବ୍ ଆରାମଦାୟକ ଲାଗିଥାଏ। ଏହାକୁ ଜିନ୍ସ, ସ୍କର୍ଟ୍ ଏବଂ ପ୍ଲାଜୋ ସହ ସହଜରେ ପିନ୍ଧିପାରିବେ। ଏହା ଉଭୟ ଅଫିସ୍ ଏବଂ କାଜୁଆଲ୍ ଆଉଟ୍‌ଫିଟ୍‌କୁ ମାନିଥାଏ।

### ହାଲୁକା ରଙ୍ଗ

କ୍ରିମ୍ ବ୍ରାଉନ୍ ଏବଂ ଗ୍ରେ ଭଳି ହାଲୁକା ରଙ୍ଗର ବ୍ଲେଜର ଚଳିତ ବର୍ଷ ଟ୍ରେଣ୍ଡରେ ରହିଛି। ଏହାକୁ ପିନ୍ଧି ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ପାଇପାରିବେ। ସେହିପରି ଏଥିରୁ ଏକ ଫର୍ମାଲ ଲୁକ୍ ମିଳିଥାଏ।

### ଷ୍ଟ୍ରାଇପ୍ ଡିଜାଇନ୍

ଜିନ୍ସରେ ନିଜକୁ ଏକ ଷ୍ଟାଇଲିଶ୍ ଲୁକ୍ ଦେବାକୁ ଚାହୁଁଥିଲେ ଏହି ଷ୍ଟ୍ରାଇପ୍ ଡିଜାଇନର ବ୍ଲେଜର ପିନ୍ଧିପାରିବେ। ଏ ପ୍ରକାର ବ୍ଲେଜର୍ ବଜାରରେ ସୁବିଧାରେ ଉପଲବ୍ଧ। ଏହାକୁ ପ୍ଲେନ୍ ଟପ୍‌ସରେ ମଧ ପିନ୍ଧିପାରିବେ। ସେହିପରି ଚାହିଁଲେ ଏହାକୁ ପିନ୍ଧି ପାର୍ଟି ଫଙ୍କସନ୍‌କୁ ଯାଇପାରିବେ।

### ଓପନ୍ ବ୍ଲେଜର୍

ଆକର୍ଷଣୀୟ ପାର୍ଟି ଲୁକ୍ ଚାହୁଁଥିଲେ ଓପନ ବ୍ଲେଜର୍ ପିନ୍ଧିପାରିବେ। ଏ ପ୍ରକାର ବ୍ଲେଜର୍ ବଜାରରେ ସୁବିଧାରେ ଉପଲବ୍ଧ। ଏଥିସହ ସ୍କର୍ଟ୍, ବେଲ୍ଟ, ଏବଂ ବ୍ୟାଗ୍ ମଧ ପକାଇପାରିବେ। ଏବେ ଏ ପ୍ରକାର ବ୍ଲେଜର ଖୁବ୍ ଲୋକପ୍ରିୟ ରହିଛି।



# ଲିପ୍ ଗ୍ଲସ୍ କିଣୁଥିଲେ...



**ଲିପ୍ ଗ୍ଲସ୍ ଓଠକୁ ସୁସ୍ଥ, ସୁନ୍ଦର, ଏବଂ ହାଇଡ୍ରେଟ୍ ରଖିଥାଏ। ତେଣୁ ଲିପ୍‌ଗ୍ଲସ୍ କିଣୁଥିଲେ କେବଳ ରଙ୍ଗ ଏବଂ ବ୍ରାଣ୍ଡ ଦେଖି କିଣିବା ଯଥେଷ୍ଟ ହୋଇ ନଥାଏ। ଏହାର ଗୁଣବତ୍ତା ପ୍ରତି ମଧ ଧ୍ୟାନ ଦେବାକୁ ପଡ଼ିଥାଏ। ଜାଣିବା ସେ ବିଷୟରେ...**

- ଠିକ୍ ଗ୍ଲସ୍ ଚୟନ ଓଠକୁ ସୁରକ୍ଷା ଦେବା ସହ ଓଠରେ ଆର୍ଦ୍ରତା ବଜାୟ ରଖିଥାଏ।
- ବଜାରରେ ବିଭିନ୍ନ ପ୍ରକାର ଗ୍ଲସ୍ ଯଥା – ମ୍ୟାଟ୍, ସାଇନି, ଟିଣ୍ଟେଡ୍ ବା ନନ୍ ଟିଣ୍ଟେଡ୍ ଗ୍ଲସ୍ ଉପଲବ୍ଧ।
- ତେଣୁ ଏହାକୁ କିଣୁଥିବା ସମୟରେ ଏହାର ଆବଶ୍ୟକତାକୁ ଧ୍ୟାନରେ ରଖିବା ଜରୁରୀ।
- ସ୍କିନ୍ ଟୋନ୍ ଅନୁସାରେ ରଙ୍ଗ ଚୟନ କରନ୍ତୁ। ଠିକ୍ ରଙ୍ଗ ତ୍ୱଚାରେ ଚମକ ଆଣିଥାଏ।
- ସେହିପରି ନୂଆ ପ୍ରଡକ୍ଟ ଲଗାଉଥିଲେ ପ୍ରଥମେ ପ୍ୟାଚ୍ ଟେଷ୍ଟ କରନ୍ତୁ।

# ଯାତ୍ରା ସମୟରେ ଦିଶିବେ ସୁନ୍ଦର

**ଶୀତଦିନେ ଭ୍ରମଣ କରିବାକୁ ସମସ୍ତେ ପସନ୍ଦ କରନ୍ତି; କିନ୍ତୁ ଏହି ଯାତ୍ରା ସମୟରେ ତ୍ୱଚାର ଯତ୍ନ ନେବା ମହିଳାଙ୍କ ପାଇଁ ଖୁବ୍ କଠିନ ହୋଇଥାଏ। ଜଳବାୟୁ ପରିବର୍ତ୍ତନ, ଧୂଳି ଆଦି ତ୍ୱଚା ଏବଂ କେଶକୁ କ୍ଷତି ପହଞ୍ଚାଏ। ଏପରିସ୍ଥଳେ କୌଣସି ସ୍ଥାନକୁ ଭ୍ରମଣରେ ଯାଉଥିଲେ କେତୋଟି ଜରୁରି ଜିନିଷ ସାଥିରେ ନେବା ଉଚିତ୍। ଏହାଦ୍ୱାରା ତ୍ୱଚା ସୁନ୍ଦର, ସତେଜ ରହିଥାଏ।**



### ଟ୍ରାଭେଲ୍ କିଟ୍

ମେକ୍‌ଅପ୍ କିଟ୍ ସାଥିରେ ନେବାର କୌଣସି ଆବଶ୍ୟକତା ନାହିଁ। ଏଥିପାଇଁ କିଛି ଆବଶ୍ୟକୀୟ ଜିନିଷ ଏକ ମେକ୍‌ଅପ୍ କିଟ୍‌ରେ ରଖନ୍ତୁ। ଏଥିରେ କ୍ରିମ୍, କନ୍‌ସିଲର୍, କମ୍ପାକ୍ଟ, କ୍ଲିଞ୍ଜର୍ ସମେତ ସନ୍‌ସ୍କିନ୍ ରଖିପାରିବେ।

### ତ୍ୱଚାର ଥକ୍କାପଣ ଦୂର

କନ୍‌ସିଲର୍ ଏବଂ ନ୍ୟୁଡ୍ ଆଇଲାଇନର ଲଗାଇଲେ ଏହା ଆଖିକୁ ଏକ ଫ୍ରେଶ୍ ଲୁକ୍ ଦେଇଥାଏ। ଏଥିସହ ଇନ୍‌ଷ୍ଟାଣ୍ଟ ଗ୍ଲୋ ଚାହୁଁଥିଲେ, କ୍ରିମ୍ ବ୍ଲଶ୍‌କୁ ଗାଲ ଏବଂ ଓଠରେ ଲଗାଇପରିବେ। ମ୍ୟାଟ୍ ଲିପ୍‌ଷ୍ଟିକ୍ ଏବଂ ମସ୍କାର ଲଗାଇ ନିଜକୁ ସୁନ୍ଦର କରିପାରିବେ।

### କେଶ ପାଇଁ ଟିପ୍ସ

ଯାତ୍ରା ସମୟରେ ରୁକ୍ଷ, ତଥା ଚିପ୍‌ଚିପା କେଶକୁ ଡ୍ରାଏ ସାମ୍ପୁରେ ସଫା କରିକେଶକୁ ଏକ ଭଲ୍ୟୁମ୍ ଦେଇପାରିବେ। ଏଥିସହ କେଶକୁ ସୁରକ୍ଷା ଦେବା ପାଇଁ ସ୍କାର୍ଫ୍ କିମ୍ବା ହେୟାର ବ୍ୟାଣ୍ଡରେ କେଶ ଘୋଡ଼ାନ୍ତୁ।

### ହାଇଡ୍ରେଟ୍ ରୁହନ୍ତୁ

ସାଧାରଣତଃ ଯାତ୍ରା ସମୟରେ ତ୍ୱଚା ଶୁଖିଲା ଦେଖାଯାଏ। ତେଣୁ ନିଜକୁ ହାଇଡ୍ରେଟ୍ ରଖିବା ଆବଶ୍ୟକ। ଏଥିପାଇଁ ପର୍ଯ୍ୟାପ୍ତ ପାଣି, ପଇଡ଼ପାଣି ଆଦି ପିଇପାରିବେ।

## ବିଜୟ ହଜାରେ ଟ୍ରଫି: ନୂଆବର୍ଷରେ ବଡ଼ ଭେଟି

# ଦିଲ୍ଲୀକୁ ହରାଇ ଗ୍ରୁପ୍ ଶୀର୍ଷରେ ଓଡ଼ିଶା

କଟକ,୩୧।୧୨(ସମିସ):

ନୂଆବର୍ଷ ପୂର୍ବରୁ ରାଜ୍ୟ କ୍ରିକେଟକୁ ବଡ଼ ଭେଟି ଦେଇଛି ଓଡ଼ିଶା ସିନିଅର ପୁରୁଷ ଦଳ। ବିଜୟ ହଜାରେ ଟ୍ରଫିରେ ବୁଧବାର ଓଡ଼ିଶା ୭୯ ରନରେ ଶକ୍ତିଶାଳୀ ଦିଲ୍ଲୀକୁ ପରାସ୍ତ କରି ଏଲିଟ ଗ୍ରୁପ-ଡି'ର ଶୀର୍ଷ ସ୍ଥାନକୁ ଉଠିଛି। ୮ ବର୍ଷ ପରେ ଓଡ଼ିଶା ଦଳ ବିଜୟ ହଜାରେ ଟ୍ରଫିରେ ତାରକା ଖଚିତ ଦିଲ୍ଲୀ ବିପକ୍ଷରେ ବିଜୟର ସ୍ୱାଦ ଚାଖିଛି। ଚଳିତ ସିଜନରେ ଓଡ଼ିଶାର ଏହା ହ୍ୟାଟ୍ରିକ ବିଜୟ। ଅପରପକ୍ଷରେ ଦିଲ୍ଲୀର ହ୍ୟାଟ୍ରିକ ବିଜୟରେ ବ୍ରେକ୍ ଦେଇଛି ଓଡ଼ିଶା। ଆସନ୍ତା ୩ରେ ଓଡ଼ିଶା ପରବର୍ତ୍ତୀ ମୁକାବିଲାରେ ହରିୟାଣାକୁ ଭେଟିବ।


ବିପ୍ଳବ ସାମନ୍ତରାୟ


ଦେବବ୍ରତ ପ୍ରଧାନ

ଅଲୁର କ୍ରିକେଟ ଗ୍ରାଉଣ୍ଡରେ ଦିଲ୍ଲୀ ଅଧିନାୟକ ରିଷଭ ପନ୍ତ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ନବଦୀପ ସଇନି, ପ୍ରିନ୍ସ ଯାଦବଙ୍କ ଭଳି ଘାତକ ପେସ୍ ବୋଲରଙ୍କୁ ସହଜରେ ୱିକେଟ ନଦେଇ ଓଡ଼ିଶା ଓପନିଂ ଭାଗିଦାରୀରେ ୫୮ ରନ ସଂଗ୍ରହ କରିଥିଲା। ଦୁଇ ଓପନର ଓମ ଟି ମୁଣ୍ଡେ(୨୬ରନ) ଏବଂ ସ୍ୱସ୍ତିକ ସାମଲ(୨୮ ରନ) କ୍ରିଜରେ ତିଷ୍ଠି ଆସୁଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଆଇପିଏଲ ଖେଳୁଥିବା ସ୍ପିନର ହ୍ରିତିକ ଶୋକିନ୍ ଗୋଟିଏ ଓଭର ବ୍ୟବଧାନରେ ଉଭୟଙ୍କୁ ଆଉଟ କରି ଓଡ଼ିଶାକୁ ଡବଲ୍ ଝଟକା ଦେଇଥିଲେ। ପରେ ସନ୍ଦୀପ ପଟ୍ଟନାୟକ ୧୩ ରନରେ ପ୍ୟାଭିଲିୟନ ଫେରିଥିଲେ। ଗୋବିନ୍ଦ ପୋଦ୍ଦାର ୩୫, ପ୍ରୟାସ ସିଂହ ୮, ଆଶୀର୍ବାଦ ସ୍ୱାଇଁ ୧୩ ରନରେ ଆଉଟ ହେବା ଯୋଗୁଁ ଓଡ଼ିଶାର ଦଳୀୟ ସ୍କୋର ୧୯୭/୬ରେ ପହଞ୍ଚିଥିଲା। ତେବେ ଗୋଟିଏ ପାର୍ଶ୍ୱରୁ ଅପରାଜିତ ରହିଥିବା ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କ ଉପରେ ଓଡ଼ିଶା ଶିବିର ଭରସା କରିଥିଲା। ନିମ୍ନକ୍ରମର ବ୍ୟାଟରଙ୍କୁ ସାଥୀ କରି ବିପ୍ଳବ ସ୍କୋରବୋର୍ଡରେ ରନ୍ ସଂଖ୍ୟା ବଢ଼ାଇ ଚାଲିଥିଲେ। ବିପ୍ଳବ ୭୪ବଲରୁ ୩ଟି ଚୌକା ଏବଂ ୪ଟି ଛକା ବଳରେ ୭୨ ରନ କରି ଆଉଟ ହୋଇଥିଲେ। ଅପରପଟେ ସମ୍ବିତ ବରାଳ ଏବଂ ରାଜେଶ ମହାନ୍ତି ଉଭୟେ ୧୭ ରନ ଲେଖାଏ ସଂଗ୍ରହ କରିଥିଲେ। ଦେବବ୍ରତ ପ୍ରଧାନ ୯ବଲରୁ ୨୧ରନର ଦ୍ରୁତ ଅପରାଜିତ ପାଳି ଖେଳିବା ସହ ଓଡ଼ିଶା ୮ ୱିକେଟ ହରାଇ ୨୭୨ରନ କରିବାକୁ ସମର୍ଥ ହୋଇଥିଲା। ହ୍ରିତିକ ସର୍ବାଧିକ ୪ଟି ଏବଂ ପ୍ରିନ୍ସ ୨ଟି ୱିକେଟ ଅକ୍ତିଆର କରିଥିଲେ।

ଜବାବରେ ହ୍ୟାଟ୍ରିକ ବିଜୟ ଲାଭ କରିଥିବା ଦିଲ୍ଲୀ ଏହି ଲକ୍ଷ୍ୟକୁ ସହଜରେ ହାସଲ କରିନେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଓଡ଼ିଶା ଦ୍ରୁତ ବୋଲରମାନେ ୧୯ ଓଭର ମଧ୍ୟରେ ଦିଲ୍ଲୀର ଅଧିନାୟକ ରଷଭ ପନ୍ତ (୨୪ ରନ)ଙ୍କ ସମେତ ୬ଜଣ ବ୍ୟାଟରଙ୍କୁ ଆଉଟ୍ କରି ମ୍ୟାଚକୁ ଏକପାଖିଆ କରିଦେଇଥିଲେ। ତେବେ ନିମ୍ନକ୍ରମରେ ହର୍ଶ ତ୍ୟାଗୀ ୪୩, ହ୍ରିତିକ ୩୨, ଦିଭିଜ ମେହେର ୨୭ ରନ କରି କିଛିଟା ଲଢ଼େଇ କରିଥିଲେ ମଧ୍ୟ ଦିଲ୍ଲୀ ୪୨.୩ ଓଭରରେ ୧୯୩ ରନରେ ଅଲ୍ଆଉଟ୍ ହୋଇଥିଲା। ଓଡ଼ିଶା ପକ୍ଷରୁ ଦେବବ୍ରତ ଓ ସମ୍ବିତ ବରାଳ ୩ଟି ଲେଖାଏ ଏବଂ ରାଜେଶ ମହାନ୍ତିଙ୍କୁ ୨ଟି ୱିକେଟ୍ ମିଳିଥିଲା। ବିପ୍ଳବଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

## କୋମାରେ ଅଷ୍ଟ୍ରେଲୀୟ କ୍ରିକେଟର ମାର୍ଟିନ

ବ୍ରିସବେନ,୩୧।୧୨(ଏଜେନ୍ସି): ନୂଆବର୍ଷ ଅବ୍ୟବହିତ ପୂର୍ବରୁ କ୍ରିକେଟପ୍ରେମୀଙ୍କ ପାଇଁ ଏକ ଦୁଃସମ୍ବାଦ ଆସିଛି। ଅଷ୍ଟ୍ରେଲିଆ ପୂର୍ବତନ ଅଧିନାୟକ ଡାମିଏନ ମାର୍ଟିନ କୋମା ଅବସ୍ଥାକୁ ଚାଲିଯାଇଛନ୍ତି। ୫୪ ବର୍ଷୀୟ ମାର୍ଟିନଙ୍କୁ ମେନିଞ୍ଜାଇଟିସ୍ (ମସ୍ତିଷ୍କ ପରଦା ପ୍ରଦାହ) କାରଣରୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେଣୁ ସେ କୋମା ଅବସ୍ଥାକୁ ଚାଲି ଚାଇଛନ୍ତି ବୋଲି ହସ୍ପିଟାଲ ତରଫରୁ କୁହାଯାଇଛି। ତାଙ୍କୁ ବ୍ରିସ୍‌ବେନ୍‌ର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ବକ୍ସିଂ ଡେ'ରେ ଅର୍ଥାତ ଡିସେମ୍ବର ୨୬ରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ ବିଗିଡ଼ି ଯାଇଥିଲା। ପୂର୍ବତନ କ୍ରିକେଟର ଆଡାମ ଗୀଲଖ୍ରୀଷ୍ଟ ତାଙ୍କ ଅସୁସ୍ଥତା ନେଇ ସୂଚନା



ଦେଇଥିଲେ। ମାର୍ଟିନ ତାଙ୍କ ସମୟରେ ବିଶ୍ୱର ଜଣେ ଶ୍ରେଷ୍ଠ ଟପ୍ ଅର୍ଡରେ ବ୍ୟାଟର ଥିଲେ। ସେ ୧୯୯୯ ଓ ୨୦୦୩ ଦିନିକିଆ ବିଶ୍ୱକପ୍ ବିଜୟ ଅଷ୍ଟ୍ରେଲିଆ ଦଳର ସଦସ୍ୟ ଥିଲେ। ଅଷ୍ଟ୍ରେଲିଆ ପାଇଁ ସେ ୬୭ ଟେଷ୍ଟ, ୨୦୮ଟି ଦିନିକିଆ ମ୍ୟାଚ୍ ଖେଳି ଯଥାକ୍ରମେ ୪୪୬୦ ଓ ୫୩୪୬ ରନ ସଂଗ୍ରହ କରିଛନ୍ତି।

## ବିୟର ଧରି ଗୋଆ ରାସ୍ତାରେ ସାରା ତେନ୍ଦୁଲକର

ପଣଜୀ, ୩୧।୧୨ (ଏଜେନ୍ସି): ମହାନ କ୍ରିକେଟର୍ ସଚିନ ତେନ୍ଦୁଲକରଙ୍କ ଝିଅ ସାରା ତେନ୍ଦୁଲକରଙ୍କ ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ୍ ହେଉଛି। ଯେଉଁଥିରେ ୨୮ ବର୍ଷୀୟା ସାରା ଗୋଆର ଆରୋସିମ ବିଚ୍ ରାସ୍ତାରେ ହାତରେ ବିୟର ବୋତଲ ଧରି ବୁଲୁଥିବାର ଦେଖିବାକୁ ମିଳିଛି। ରିପୋର୍ଟ ଅନୁସାରେ ସାରା ତାଙ୍କ ବନ୍ଧୁମାନଙ୍କ ସହ ନୂଆ ବର୍ଷ ପାଳନ କରିବାକୁ ଗୋଆ ଯାଇଛନ୍ତି। ସାରାଙ୍କ ସହ ଏହି ଭିଡିଓରେ ଅଭିନେତା ସିଦ୍ଧାର୍ଥ କେଲକର ଓ ସଚିନଙ୍କ ବୋହୂ ହେବାକୁ ଯାଉଥିବା ସାନିଆ ଚାନ୍ଦୋକଙ୍କୁ ମଧ୍ୟ ଦେଖିବାକୁ ମିଳିଛି। ସାମାଜିକ ଗଣମାଧ୍ୟମରେ ସର୍ବଦା ଚର୍ଚ୍ଚାରେ ରହୁଥିବା



ସାରାଙ୍କ ଏହି ଭିଡିଓକୁ ନେଇ ୟୁଜରମାନେ ମିଶ୍ରିତ ମନ୍ତବ୍ୟ ଦେଇଛନ୍ତି। କିଛି ୟୁଜର ଟ୍ରୋଲ କରି ଲେଖିଛନ୍ତି ଯେ 'ସଚିନ ତାଙ୍କ କ୍ୟାରିୟରରେ କେବେ କୌଣସି ଧୂମପାନ କିମ୍ବା ଆଲ୍‌କହଲ୍‌ର ପ୍ରଚାରପ୍ରସାର କରିନାହାନ୍ତି। କିନ୍ତୁ ତାଙ୍କ ଝିଅ ସାରା ମଦ ବୋତଲ ଧରି ଗୋଆ ରାସ୍ତାରେ ବୁଲୁଛନ୍ତି।' ଆଉ କିଛି ୟୁଜର ସାରାଙ୍କ ସମର୍ଥନରେ ବାହାରିଛନ୍ତି। ସେମାନେ ଲେଖିଛନ୍ତି ଯେ ସେ ତାଙ୍କ ଇଚ୍ଛା ଅନୁସାରେ ଛୁଟି ଉପଭୋଗ କରିପାରିବେ।

## ଟି-୨୦ ବିଶ୍ୱକପ୍ | ରଶିଦଙ୍କୁ ଆଫଗାନିସ୍ତାନ ଦଳର ନେତୃତ୍ୱ

କାବୁଲ, ୩୧।୧୨ (ଏଜେନ୍ସି): ଆଗାମୀ ଟି-୨୦ ବିଶ୍ୱକପ୍ ଲାଗି ବୁଧବାର ଆଫଗାନିସ୍ତାନ ଦଳ ଘୋଷଣା କରାଯାଇଛି। ସ୍ପିନ ଅଲରାଉଣ୍ଡର ରଶିଦ ଖାନଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ଏହି ସମାନ ୧୫ ଜଣିଆ ଦଳ ମଧ୍ୟ ବିଶ୍ୱକପ୍ ପୂର୍ବରୁ ୱେଷ୍ଟଇଣ୍ଡିଜ ବିପକ୍ଷରେ ହେବାକୁ ଥିବା ୩ ଟିକିଆ ଟି-୨୦ ସିରିଜରେ ମଧ୍ୟ ଖେଳିବେ। ଆଇସିସି ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆୟୋଜିତ ହେବ। ଏଥିରେ ଆଫଗାନିସ୍ତାନ ପୁଲ୍-ଡି'ରେ ସ୍ଥାନ ପାଇଛି। ଏହି ପୁଲ୍‌ରେ ଆଫଗାନିସ୍ତାନ ସହ ନ୍ୟୁଜିଲାଣ୍ଡ,




ଦକ୍ଷିଣ ଆଫ୍ରିକା, ୟୁଏଇ ଓ କାନାଡା ରହିଛନ୍ତି। ଫେବୃଆରୀ ୮ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳି ଆଫଗାନିସ୍ତାନ ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ।

ଆଫଗାନିସ୍ତାନ ଦଳ: ରଶିଦ ଖାନ (ଅଧିନାୟକ), ଇବ୍ରାହିମ ଜର୍ଦାନ (ଉପ-ଅଧିନାୟକ), ରହମନୁଲ୍ଲା ଗୁରବାଜ, ମହମ୍ମଦ ଇଶାକ (ୱିକେଟ୍‌କିପର), ସେଦିକୁଲ୍ଲା ଅଟଳ, ଡାରୱିଶ ରସୋଲି, ଶାହିଦୁଲ୍ଲା କମଳ, ଅଜମାତୁଲ୍ଲା ଓମାରଜାଇ, ଗୁଲାବଦିନ ନାଇବ, ମହମ୍ମଦ ନବି, ନୁର୍ ଅହମ୍ମଦ, ମୁଜିବ୍ ଉର୍ ରେହମାନ, ନବୀନ ଉଲ୍ ହକ୍, ଫଜଲ ହକ୍ ଫାରୁକି ଓ ଅବଦୁଲ୍ଲା ଅହମଦଜାଇ।

## ଓଡ଼ିଶା-ପଣ୍ଡିଚେରୀ ମ୍ୟାଚ୍ ଡ୍ର'

ଭୁବନେଶ୍ୱର, ୩୧।୧୨ (ସମିସ): ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଓଡ଼ିଶା ଓ ପଣ୍ଡିଚେରୀ ମଧ୍ୟରେ ଚାଲିଥିବା ମ୍ୟାଚ୍ ଡ୍ର ରହିଛି। ତେବେ ଓଡ଼ିଶା ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ହାସଲ କରିଛି। ଏହି ମ୍ୟାଚରେ ଓଡ଼ିଶା ପ୍ରଥମ ପାଳିରେ ୬ ୱିକେଟ୍‌ରେ ୩୦୫ ରନ ଓ ପଣ୍ଡିଚେରୀ ୨୮୭ରେ ସୀମିତ ରହିଥିଲା। ଏହାପରେ ୩ୟ ଦିବସରେ ଓଡ଼ିଶା ଦ୍ୱିତୀୟ ପାଳିରେ ୨ ୱିକେଟ୍‌ରେ ୬୨ ରନ କରିଥିଲା।

## ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ | ଫାଇନାଲରେ ଇଷ୍ଟକୋଷ୍ଟ ରେଲୱେ

ଯାଜପୁର, ୩୧।୧୨(ସମିସ): ଯାଜପୁର ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ମେଲବୋର୍ଣ୍ଣ କ୍ରିକେଟ୍ କ୍ଲବ ମିଳିତ ଆନୁକୂଲ୍ୟରେ କୁସୁମା ନିକଟସ୍ଥ ଷ୍ଟାଡ଼ିୟମରେ ଅନୁଷ୍ଠିତ ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଇଷ୍ଟକୋଷ୍ଟ ରେଲ୍‌ୱେ (ଖୋର୍ଦ୍ଧା) ଫାଇନାଲରେ ପହଞ୍ଚିଛି। ବୁଧବାର ପ୍ରଥମ ସେମିଫାଇନାଲରେ ଇଷ୍ଟକୋଷ୍ଟ ରେଲୱେ ୩୩ ରନ୍‌ରେ ଗୋପବନ୍ଧୁ କ୍ରିକେଟ୍ କ୍ଲବ୍ (ଇନ୍ଦୁପୁର)କୁ ପରାସ୍ତ କରିଛି। ଟସ୍ ଜିତି ରେଲୱେ ନିର୍ଦ୍ଧାରିତ ୨୫ ଓଭରରେ ୭ ୱିକେଟ୍ ହରାଇ ୧୯୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସାୱନ ପାହେରିଆ ୪୦ ଓ ଓମ୍‌କାର ଥୋରାଟ ୩୩ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ବୋଲର ଇଜହାରୁଦ୍ଦିନ ଓ ସାହିଲ ୨ଟି ଲେଖାଏ ୱିକେଟ୍ ଅକ୍ତିୟାର କରିଥିଲେ। ଜବାବରେ ଗୋପବନ୍ଧୁ କ୍ରିକେଟ୍ କ୍ଲବ୍ ୨୧.୨ ଓଭର ଖେଳି ୧୫୮ ରନରେ ଅଲ୍‌ଆଉଟ୍ ହୋଇ ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ଶୁଭଙ୍କର ବିଶ୍ୱାସ ୩୭ ଓ ଆଦିତ୍ୟ ଆନନ୍ଦ ୩୨ ରନ୍ ସଂଗ୍ରହ କରିଥିଲେ। ବିଜୟୀ ରେଲୱେର ପ୍ରଶାନ୍ତ ସାହୁ ୫ ଓ ସମୀର ମହାନ୍ତି ୩ଟି ଲେଖାଏ ୱିକେଟ୍ ଅକ୍ତିୟାର କରିଥିଲେ। ପ୍ରଶାନ୍ତ ସାହୁଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜକ ମେଲବର୍ଣ୍ଣ କ୍ରିକେଟ୍ କ୍ଲବର ପୂର୍ବତନ କ୍ରିକେଟର ତଥା ବରିଷ୍ଠ ବ୍ୟବସାୟୀ ରତିକାନ୍ତ ସାହୁ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚକୁ ଅଭୟ ବଲ୍ଲଭ ପଣ୍ଡା, ମନୋଜ



ସାହୁ, ଶ୍ରୀଜୟ ମହାପାତ୍ର, ଦିବାକର କର, ପ୍ରଶାନ୍ତ କୁମାର ସାହୁ, ଉମାକାନ୍ତ ସିଂ, ଅୟସକାନ୍ତ ଧଳ, ଭୂପତି ମିଶ୍ର, ସୁଶାନ୍ତ ସିଂ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଅମ୍ପାୟାର୍ ଶାରଦ ମହାପାତ୍ର, ଓ ସତ୍ୟବ୍ରତ ଯେନା ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିବାବେଳେ ସ୍ୱସ୍ତିକ ପହି, ବିଶ୍ୱଜିତ୍ ଦାସ ସ୍କୋରିଂରେ ସହଯୋଗ କରିଥିଲେ।




## ସର୍ଫରାଜଙ୍କ ବିସ୍ଫୋରକ ଶତକ

ଜୟପୁର, ୩୧।୧୨ (ଏଜେନ୍ସି): ବିଜୟହଜାରେ ଟ୍ରଫିର ଗ୍ରୁପ୍-ସି'ରେ ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ମୁମ୍ବାଇ ୮୭ ରନରେ ଗୋଆକୁ ପରାସ୍ତ କରିଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ସର୍ଫରାଜ ଖାନଙ୍କ ବିସ୍ଫୋରକ ଶତକ ବଳରେ ୫୦ ଓଭରରେ ୮ ୱିକେଟ୍ ହରାଇ ୪୪୪ ରନ କରିଥିଲା। ସର୍ଫରାଜ ନିଜର ୩ୟ ଲିଷ୍ଟ-ଏ ଶତକୀୟ ପାଳିରେ ୭୫ ବଲରେ ୧୫୭ ରନ କରିଥିଲେ। ଯେଉଁଥିରେ ୧୪ଟି ଛକା ଓ ୯ଟି ଚୌକା ମାରିଥିଲେ। ଜବାବରେ ଗୋଆ ଅଭିନବ ତେଜରାଣାଙ୍କ ୧୦୦ ରନ ସତ୍ତ୍ୱେ ୯ ୱିକେଟ୍‌ରେ ୩୫୭ ରନ କରି ପରାସ୍ତ ହୋଇଥିଲା। ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ଓପନିଂ ଆସି ୨୭ ବଲରେ ୨୪ ରନ କରିଥିଲେ। ମୁମ୍ବାଇ କ୍ରମାଗତ ୪ର୍ଥ ବିଜୟ ସହ ୧୬ ପଏଣ୍ଟ ସହ ଗ୍ରୁପ୍-ସି ଶୀର୍ଷରେ ରହିଛି।

## ଏଚ୍ଆଇଏଲ୍: ଏସ୍‌ଜି ପାଇପର୍ସଙ୍କୁ ଜିତାଇଲେ ନବନୀତ୍

ରାଞ୍ଚି, ୩୧।୧୨ (ଏଜେନ୍ସି): ମହିଳା ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ଚଳିତ ଦ୍ୱିତୀୟ ସଂସ୍କରଣରେ ଏସ୍‌ଜି ପାଇପର୍ସ କ୍ରମାଗତ ଡବଲ୍ ବିଜୟ ହାସଲ କରିଛି। ବୁଧବାର ଖେଳାଯାଇଥିବା ଏକ ମ୍ୟାଚରେ ପାଇପର୍ସ ୧-୦ ଗୋଲ୍‌ରେ ସୁରମା ହକି କ୍ଲବକୁ ହରାଇଛି। ନବନୀତ୍ କୌର ମ୍ୟାଚର ପ୍ରଥମ କ୍ୱାର୍ଟରର ୪ର୍ଥ ମିନିଟ୍‌ରେ ପାଇପର୍ସ ପାଇଁ ବିଜୟସୂଚକ ଏକମାତ୍ର ଗୋଲଟି ଦେଇଥିଲେ। ଏହାପରେ ମ୍ୟାଚର ପରବର୍ତ୍ତୀ ୩ଟି କ୍ୱାର୍ଟରରେ ଆଉ କୌଣସି ଗୋଲ୍ ଦେଖିବାକୁ ମିଳି ନ ଥିଲା। ପୂର୍ବରୁ ଉଦ୍‌ଘାଟନୀ ଦିବସରେ ପାଇପର୍ସ ୨-୦ ଗୋଲ୍‌ରେ ଘରୋଇ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଥିଲା। ଫଳରେ ଦୁଇଟି ମ୍ୟାଚରେ ୬ ପଏଣ୍ଟ ସହ ଏସ୍‌ଜି ପାଇପର୍ସ ୪ ଦଳୀୟ ଟେବଲ୍ ତାଲିକାର ଶୀର୍ଷରେ ରହିଛି। ନୂଆବର୍ଷରେ ପାଇପର୍ସ ଓ ବେଙ୍ଗଲ ଟାଇଗର୍ସ ମଧ୍ୟରେ ପରବର୍ତ୍ତୀ ମ୍ୟାଚ୍ ଖେଳାଯିବ।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS